ଟିପ୍ପଣୀ

୧

# ବ୍ୟବସାୟର ପ୍ରକୃତି ଓ ପରିସର

ଆମେ ଆମର ଚାରିପାଖକୁ ଦୃଷ୍ଟି ପକାଇଲେ ଦେଖିବାକୁ ପାଇବା ଯେ, ଲୋକମାନେ ଏକ କିମ୍ବା ଏକାଧିକ କାର୍ଯ୍ୟରେ ବ୍ୟସ୍ତ ରହିଛନ୍ତି। ଯେମିତି ଶିକ୍ଷକ ମାନେ ପାଠ ପଢ଼ାନ୍ତି, କୃଷକମାନେ ବିଲରେ ଚାଷ କରନ୍ତି, ଶ୍ରମିକମାନେ କଳ କାରଖାନାରେ କାର୍ଯ୍ୟ କରନ୍ତି, ଗାଡ଼ି ଚାଳକ ମାନେ ଗାଡ଼ି ଚଳାନ୍ତି, ଦୋକାନୀ ମାନେ ଜିନିଷପତ୍ର ବିକ୍ରୀ କରନ୍ତି, ଡାକ୍ତର ମାନେ ରୋଗୀର ଚିକିତ୍ସା କରନ୍ତି ଇତ୍ୟାଦି ଇତ୍ୟାଦି। ଏହିପରି ଭାବରେ ଲୋକମାନେ ନିଜକୁ ଦିନରାତି ବର୍ଷସାରା ବ୍ୟସ୍ତ ରଖନ୍ତି। ବର୍ତ୍ତମାନ ପ୍ରଶ୍ନଆସେ, କାହିଁକି ଆମେ ନିଜକୁ ବ୍ୟସ୍ତ ରଖିଥାଉ। ଉତ୍ତର ହେଲା ନିଜର ଅଭାବ ପୂରଣ କରିବା ପାଇଁ।

ଏହିପରି ଭାବରେ ଆମ୍ଭେ ଏକାଧିକ କାର୍ଯ୍ୟ ସଂପାଦନ କରିଥାଉ, କିମ୍ବା ଟଙ୍କା ରୋଜଗାର କରି ସେଥିରେ ଆମ୍ଭେ ଜିନିଷ କିଣିଥାଉ ଏବଂ ସେବା ଉପଲବ୍ଧ କରିଥାଉ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପଢ଼ିସାରିବା ପରେ ତୁମେ ଜାଣିପାରିବ:

- ମାନବୀୟ କାର୍ଯ୍ୟର ସଜ୍ଞା ନିରୁପଣ,
- ଅର୍ଥନୈତିକ ଏବଂ ଅଣଅର୍ଥନୈତିକ କାର୍ଯ୍ୟ କଳାପ ମଧ୍ୟରେ ପାର୍ଥକ୍ୟ,
- "ବ୍ୟବସାୟ" ର ସଜ୍ଞା ନିରୁପଣ,
- ବ୍ୟବସାୟ ର ଭିନ୍ନଭିନ୍ନ ବୈଶିଷ୍ଟ୍ୟ,
- ବ୍ୟବସାୟର ଗୁରୁତ୍ୱ ଉଲ୍ଲେଖ,
- ପ୍ରଦୂଷଣର ପ୍ରକାର, କାରଣ ଏବଂ ପ୍ରଭାବ,
- ପରିବେଶ ପ୍ରଦୂଷଣ ହ୍ରାସ କରିବାରେ ବ୍ୟବସାୟର ଭୂମିକା ସଂକ୍ରାନ୍ତରେ ବ୍ୟାଖ୍ୟା।

## ୧.୧ ମାନବୀୟ କାର୍ଯ୍ୟକଳାପ

ମଣିଷ ଯେଉଁସବୁ କାର୍ଯ୍ୟକରେ ତାକୁ ମାନବୀୟ କାର୍ଯ୍ୟକଳାପ କୁହାଯାଏ। ଏହି ସବୁ କାର୍ଯ୍ୟକୁ ଆମେ ଦୁଇଟି ଶ୍ରେଣୀରେ ବିଭକ୍ତି କରିପାରିବା।

୧. ଅର୍ଥନୈତିକ କାର୍ଯ୍ୟ

୨. ଅଣ ଅର୍ଥନୈତିକ କାର୍ଯ୍ୟ

**୧) ଅର୍ଥନୈତିକ କାର୍ଯ୍ୟ**

ଅର୍ଥଉପାର୍ଜନ ଲକ୍ଷ୍ୟରେ ହେଉଥିବା କାର୍ଯ୍ୟକୁ ଅର୍ଥନୈତିକ କାର୍ଯ୍ୟକଳାପ କୁହାଯାଏ। ଉଦାହରଣ ସ୍ୱରୂପ ଗୋଟିଏ ଚାଷୀ ଶସ୍ୟ ଫଳାଏ ବିକ୍ରି କରିବା ପାଇଁ, ଗୋଟିଏ କାରଖାନା ବା ଅଫିସ୍‌ରେ କର୍ମଚାରୀ ମାନେ ବେତନ ପାଇବା ଲକ୍ଷ୍ୟରେ କାର୍ଯ୍ୟ କରିଥାନ୍ତି। ଜଣେ ବ୍ୟବସାୟୀ ଜିନିଷ ପତ୍ର କିଣାବିକା କରି ଲାଭ ହାସଲ କରିଥାଏ।



Human Activities

**୨) ଅଣ ଅର୍ଥନୈତିକ କାର୍ଯ୍ୟ କଳାପ**

କେବଳ ଧନ ଉପାର୍ଜନ ଲକ୍ଷ୍ୟ ନରଖି ସନ୍ତୋଷ ପାଇବା ପାଇଁ ଯେଉଁ କାର୍ଯ୍ୟ କରାଯାଇଥାଏ ତାକୁ ଅଣ ଅର୍ଥନୈତିକ କାର୍ଯ୍ୟକଳାପ କୁହାଯାଇଥାଏ। ଏହି ସବୁ କାର୍ଯ୍ୟ କଳାପ ସମାଜ ପ୍ରତି ନିଷ୍ଠା ଶାରୀରିକ ସୁସ୍ଥତା କିମ୍ୱା ଅନ୍ୟକିଛି ଆମୋଦ ପାଇଁ କରାଯାଇଥାଏ। ଲୋକମାନେ ମନ୍ଦିର ଯାଇ ପୂଜା କରିବା, ବନ୍ୟା ଓ ଭୂକମ୍ପରେ କ୍ଷତିଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରିବା, ଖେଳ କସରତରେ ବ୍ୟସ୍ତ ରହିବା, ବଗିଚାରେ ପାଣିଦେବା ଅଥବା ରେଡ଼ିଓ ଶୁଣିବା ଓ ଦୂରଦର୍ଶନ ଦେଖିବା ଆଦି ଅଣ ଅର୍ଥନୈତିକ କାର୍ଯ୍ୟକଳାପର ଉଦାହରଣ। ନିମ୍ନ ପ୍ରଦତ୍ତ ସାରଣୀକୁ ଲକ୍ଷ୍ୟ କରାଯାଉ।


**ଆର୍ଥିକ ଓ ଅଣଅର୍ଥନୈତିକ କାର୍ଯ୍ୟ କଳାପରେ ପ୍ରଭେଦ**

| ଆଧାର | ଆର୍ଥିକ କାର୍ଯ୍ୟକଳାପ | ଅଣ-ଆର୍ଥିକ କାର୍ଯ୍ୟକଳାପ |
|---|---|---|
| ୧.ଉଦ୍ଦେଶ୍ୟ | ଆୟ ବା ରୋଜଗାର କରାଯାଇଥାଏ। | ସାମାଜିକ ଓ ମନସ୍ତାତ୍ତ୍ୱିକ ଲକ୍ଷ୍ୟରେ କରାଯାଇଥାଏ। |
| ୨.ଲାଭ | ଏହା ଯୋଗୁଁ ଧନ ଓ ସମ୍ପତ୍ତିରେ ବୃଦ୍ଧି ହୋଇଥାଏ। | ସୁଖ ଓ ସନ୍ତୋଷ ନିମନ୍ତେ ରାସ୍ତା ଫିଟାଏ। |
| ୩.ଆଶା | ଲୋକମାନେ ଲାଭ ଓ ଅର୍ଥ ଉପାର୍ଜନ ଆଶା କରନ୍ତି। | ଲୋକମାନେ ଲାଭ ଏବଂ ଅର୍ଥ ଉପାର୍ଜନ ଆଶା କରନ୍ତି ନାହିଁ। |
| ୪.ବିଚାର ଯୋଗ୍ୟ | ସେମାନେ ଯେହେତୁ ଜମି, ଶ୍ରମ, ପୁଞ୍ଜିପରି ସିମୀତ ଅର୍ଥନୈତିକ ସମ୍ପଦର ଉପଯୋଗ କରନ୍ତି, ତେଣୁ ସେମାନେ ଯୁକ୍ତି ଯୁକ୍ତ ବିଚାର ଦ୍ୱାରା ପରିଚାଳିତ ହୁଅନ୍ତି। | ଏଥିରେ କୌଣସି ଅର୍ଥନୈତିକ ବିଚାର ନଥିବାରୁ ସେମାନେ ଭାବପ୍ରବଣତା ଦ୍ୱାରା ପରିଚାଳିତ ହୁଅନ୍ତି। |

## ପାଠଗତ ପ୍ରଶ୍ନାବଳୀ ୧.୧

୧. ତଳେ ଦିଆଯାଇଥିବା ବାକ୍ୟ ଗୁଡ଼ିକ ଭିତରୁ ଠିକ୍ ପାଇଁ (✓) ଠିକ୍ ଚିହ୍ନ ଓ ଭୁଲ୍ ପାଇଁ ଛକି (✗) ଚିହ୍ନ ଦିଅ।

(କ) ଜଣେ ଡାକ୍ତର ତାଙ୍କ କ୍ଲିନିକ୍‌ରେ ରୋଗୀ ଦେଖିବା ହେଉଛି ଏକ ଆର୍ଥିକ କାର୍ଯ୍ୟକଳାପ।



ଟିପ୍ପଣୀ

(ଖ) ଜଣେ ପିଲାର ମା' ତା' ପିଲାମାନଙ୍କର ପୋଷାକ ସିଲେଇ କରିବା ହେଉଛି ଏକ ଆର୍ଥିକ କାର୍ଯ୍ୟକଳାପ।

(ଗ) ଜଣେ ଦରଜୀ ତା'ର ଗରାଖ ମାନଙ୍କର ପୋଷାକପତ୍ର ସିଲେଇ କରିବା ହେଉଛି ଏକ ଆର୍ଥିକ କାର୍ଯ୍ୟକଳାପ।

(ଘ) ମନ୍ଦିର ବାହାରେ ଭିକାରୀ ମାନଙ୍କୁ ଖାଦ୍ୟ ବାଣ୍ଟିବା ଏକ ଅଣ ଆର୍ଥିକ କାର୍ଯ୍ୟକଳାପ।

(ଙ) ସଚିନ ତେନ୍ଦୁଲକର ଦେଶପାଇଁ କ୍ରିକେଟ ଖେଳିବା ହେଉଛି ଏକ ଅଣ ଆର୍ଥିକ କାର୍ଯ୍ୟକଳାପ।

୨. ତଳ ତାଲିକାରୁ କେଉଁଟି ଆର୍ଥିକ କାର୍ଯ୍ୟ କଳାପ ଓ କେଉଁଟି ଅଣ-ଆର୍ଥିକ କାର୍ଯ୍ୟକଳାପ ବାଛ।

(କ) ସାଙ୍ଗମାନଙ୍କ ସହ ଫୁଟ୍‌ବଲ ଖେଳିବା।

(ଖ) ବିଦ୍ୟାଳୟରେ ପାଠ ପଢ଼ାଇବା।

(ଗ) ଅସୁସ୍ଥ ଥିବା ସମ୍ପର୍କୀୟଙ୍କୁ ଭେଟିବା।

(ଘ) ରେଡ଼ିଓ ଶୁଣିବା।

(ଙ) ସ୍ଥାନୀୟ ବଜାରରେ ଫଳ ଓ ପନିପରିବା ବିକ୍ରି କରିବା।

(ଚ) କୌଣସି ଆହତ ବ୍ୟକ୍ତିକୁ ରକ୍ତ ଦେବା।

(ଛ) କାର୍ଯ୍ୟାଳୟରେ ଚାକିରୀ କରିବା।

## ୧.୨ ଆର୍ଥିକ କାର୍ଯ୍ୟ କଳାପର ପ୍ରକାର

ଅର୍ଥ ଉପାର୍ଜନ ପାଇଁ ଆର୍ଥିକ କାର୍ଯ୍ୟକଳାପ କରାଯିବା କଥା ଆମେ ଜାଣିଛୁ। ସାଧାରଣତଃ ଲୋକମାନେ ନିୟମିତ ଭାବେ ସେମାନଙ୍କ କାର୍ଯ୍ୟରେ ଲାଗିଥାନ୍ତି, ଯାହାକୁ ତାଙ୍କର ବୃତ୍ତି କୁହାଯାଏ। ବୃତ୍ତି ସାଧାରଣତଃ ତିନୋଟି ଭାଗରେ ବିଭକ୍ତ କରାଯାଇଛି।

(କ) ବ୍ୟବସାୟ (Business) (ଖ) ବୃତ୍ତି (ପେସା)(Profession)

(ଗ) ଚାକିରୀ(Employment)

### କ) ବ୍ୟବସାୟ:

ବ୍ୟବସାୟ ଏପରି ଏକ ବୃତ୍ତି ଯେଉଁଥିରେ ବସ୍ତୁର ଉତ୍ପାଦକ, ବିକ୍ରୟ ଓ ବିନିମୟ ଅର୍ଥ ମାଧ୍ୟମରେ ହୋଇଥାଏ। ନିୟମିତ ଅନ୍ତରରେ ଏହି କାର୍ଯ୍ୟ ଚାଲିଥାଏ, ତେବେ ତାହାର ମୂଳରେ ସଦାସର୍ବଦା ଲାଭର ଲକ୍ଷ୍ୟ ରହିଥାଏ। ବସ୍ତୁ ଉତ୍ପାଦନ, ଖଣିଜଦ୍ରବ୍ୟ ଉତ୍ତୋଳନ, ବିକ୍ରୟ, ପରିବହନ, ଭଣ୍ଡାର ମହଜୁଦ କରଣ (ଷ୍ଟୋରିଙ୍ଗ୍), ବ୍ୟାଙ୍କ ସେବା ଓ ବୀମା କ୍ଷେତ୍ର ଆଦି ବ୍ୟବସାୟ କାର୍ଯ୍ୟକଳାପର ଉଦାହରଣ।



Business

### ଖ) ପେସା

ଜଣେ ବ୍ୟକ୍ତି ସବୁ କ୍ଷେତ୍ରରେ ଦକ୍ଷ ହୋଇନପାରେ ତେଣୁ ଗୋଟିଏ କିମ୍ବା ଅଧିକ କ୍ଷେତ୍ରରେ ଦକ୍ଷ ଲୋକଙ୍କ ସାହାଯ୍ୟ ଆମେ ଆବଶ୍ୟକ କରୁ। ଉଦାହରଣ ସ୍ୱରୂପ: ଆମ ଚିକିତ୍ସାପାଇଁ ଆମେ ଡାକ୍ତରଙ୍କର ସାହାଯ୍ୟ ନେଉ, ଆଇନଗତ ପାଇଁ ଆମେ ଓକିଲଙ୍କ ସାହାଯ୍ୟ ନେଉ ଇତ୍ୟାଦି। ଏସବୁ ଲୋକ ବୃତ୍ତିରେ ଲାଗିଥାନ୍ତି। ତେଣୁ


Profession

ବୃତ୍ତି ଏକ ପେସାକୁ ବୁଝାଏ, ଯାହା ପାଇଁ ସ୍ୱତନ୍ତ୍ର ଜ୍ଞାନ ଏବଂ ପ୍ରଶିକ୍ଷଣ ମାଧ୍ୟମ ଆବଶ୍ୟକ। ପ୍ରତ୍ୟେକ ବୃତ୍ତିର ମୂଳ ଲକ୍ଷ ହେଲା ସେବା ଯୋଗାଇଦେବା। ଏହି ସବୁ ବୃତ୍ତି କ୍ଷେତ୍ରରେ ଦକ୍ଷ ଲୋକଙ୍କ ପାଇଁ ସେଇ କ୍ଷେତ୍ରରେ ବରିଷ୍ଠ ଲୋକଙ୍କ ଦ୍ୱାରା ପ୍ରସ୍ତୁତ ଏକ ନିୟମାବଳୀ ରହିଛି। ଏହି ସବୁ ବୃତ୍ତି ଧାରୀଙ୍କୁ ଏକ ବିଶେଷଜ୍ଞ କମିଟି ବା ବୋର୍ଡ଼ ନିୟନ୍ତ୍ରଣ କରିଥାଏ। ସଂପୃକ୍ତି ବୋର୍ଡ଼ ବୃତ୍ତିଧାରୀଙ୍କ ପାଇଁ ବିଶିଷ୍ଟ ନିୟମାବଳୀ ଓ ଆଚରଣ ବିଧି ପ୍ରସ୍ତୁତ କରିଥାନ୍ତି।


Employment

## ଗ) ନିଯୁକ୍ତି:

ନିଯୁକ୍ତି କହିଲେ, ଜଣେ ଲୋକ ନିୟମିତ ଭାବରେ ବେତନ ବା ଦରମା ନେଇ ଅନ୍ୟ ମାନଙ୍କ ପାଇଁ ଯେଉଁକାର୍ଯ୍ୟ କରିଥାଏ ତାହାକୁ ବୁଝାଇଥାଏ। ସରକାରୀ ଚାକିରିଆ, ଉଦ୍ୟୋଗ ଅଧିକାରୀ ବୃନ୍ଦ, ବ୍ୟାଙ୍କ ଅଧିକାରୀ, କାରଖାନାର ଶ୍ରମିକ ସମସ୍ତଙ୍କୁ ଚାକିରୀଆ କୁହାଯାଇଥାଏ। ନିଯୁକ୍ତିରେ କିଛି ନିୟମ ଏବଂ ସର୍ତ୍ତାବଳୀ ଅଛି ଯାହା ଚାକିରୀରେ କେତେ ସମୟ କାମ କରିବାକୁ ହେବ, ସେଥିପାଇଁ କେତେ ବେତନ/ମଜୁରୀ ମିଳିବ ଏବଂ ଅନ୍ୟାନ୍ୟ କ'ଣ ସୁବିଧା ସୁଯୋଗ ମିଳିବ ସେ ସବୁର ସର୍ତ୍ତ ଓ ନିବନ୍ଧନ ନିର୍ଦ୍ଦିଷ୍ଟ ଭାବରେ ରହିଥାଏ।

ନିଯୁକ୍ତିଦାତା ସାଧାରଣତଃ ଏହି ସର୍ତ୍ତ ଓ ନିବନ୍ଧନ ସ୍ଥିରକରେ। ଚାକିରୀ ଆଶାୟୀ ଏହି ସର୍ତ୍ତ ଓ ନିବନ୍ଧନରେ ସନ୍ତୁଷ୍ଟ ହେବାପରେ ଚାକିରୀରେ ଯୋଗଦାନ କରିଥାନ୍ତି। ଲୋକକୁ ତାର ବେତନ କର୍ମଚାରୀ ବା ଅଧିକାରୀର ପାରିଶ୍ରମିକ ସ୍ଥିର କରାଯାଇଥାଏ ଏବଂ ଏହା ବେତନ ବା ମଜୁରୀ ଆକାରରେ ପ୍ରଦାନ କରାଯାଇଥାଏ।

### ବ୍ୟବସାୟ, ବୃତ୍ତି (ପେସା) ଓ ନିଯୁକ୍ତ ମଧ୍ୟରେ ପାର୍ଥକ୍ୟ

| ପାର୍ଥକ୍ୟର ଆଧାର | ବ୍ୟବସାୟ | ବୃତ୍ତି(ପେସା) | ନିଯୁକ୍ତି |
|---|---|---|---|
| ୧. କାର୍ଯ୍ୟର ନାମ | ଗ୍ରାହକଙ୍କୁ ପଇସା ପାଇଁ ଜିନିଷ ଏବଂ ସବା ଯୋଗାଇ ଦେବା। | ନିର୍ଦ୍ଦିଷ୍ଟ କାମ ଯଥୋଚିତ ମୂଲ୍ୟ ପାଇଁ ସ୍ୱତନ୍ତ୍ର ବ୍ୟକ୍ତି ଗତ ସେବା ଯୋଗାଇ ଦେବା। | ନିଯୁକ୍ତିଦାତାର ଆଦେଶ ମୁତାବକ କାର୍ଯ୍ୟ କରିବା |
| ୨. ଯୋଗ୍ୟତା | ସର୍ବନିମ୍ନ ଯୋଗ୍ୟତା ଆବଶ୍ୟକ ନାହିଁ | ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଶିକ୍ଷା ଏବଂ ପ୍ରଶିକ୍ଷଣର ଆବଶ୍ୟକତା ଥାଏ। | ସ୍ୱତନ୍ତ୍ର ବୃତ୍ତିଗତ ଜ୍ଞାନର ଆବଶ୍ୟକତା ସବୁ କ୍ଷେତ୍ରରେ ନଥାଏ। |
| ୩. ପୁଞ୍ଜି | ବ୍ୟବସାୟର ପ୍ରକାର ଭେଦ, ଆକାର ଓ ଅନୁପାତ ଅନୁସାରେ ପୁଞ୍ଜିବିନିଯୋଗ। | ସ୍ଥାପନା ପାଇଁ ସ୍ୱଳ୍ପ ପୁଞ୍ଜିର ଆବଶ୍ୟକ | ପୁଞ୍ଜି ଅନାବଶ୍ୟକ |

ଟିପ୍ପଣୀ

| | | | |
|---|---|---|---|
| ୪. ଅଭିପ୍ରାୟ | ଗ୍ରାହକଙ୍କୁ ସେବା ଯୋଗାଇବା ଏବଂ ଦ୍ରବ୍ୟ ବିକ୍ରି କରି ସେଥିରେ ଲାଭ ଉପାର୍ଜନ କରିବା। | ବୃତ୍ତିଗତ ସେବା ଯୋଗାଇ ଦେଇ ସେଥିପାଇଁ ନିର୍ଦ୍ଦିଷ୍ଟ ପ୍ରାପ୍ୟ ପାଇବା। | ନିର୍ଦ୍ଦିଷ୍ଟ ମଜୁରୀ ବା ଦରମା ମିଳିଥାଏ। |
| ୫. କ୍ଷତିର ଆଶଙ୍କା | ଏଥିରେ କ୍ଷତିର ଆଶଙ୍କା ଥାଏ। ଲାଭ ଉପାର୍ଜନ ଅନିଶ୍ଚିତ | ନିର୍ଦ୍ଦିଷ୍ଟ ଉପାର୍ଜନ ଏବଂ କର୍ତ୍ତବ୍ୟରେ ଅବହେଳା ପାଇଁ ଉତ୍ତର ଦାୟୀ। | ନିୟମି ନିର୍ଦ୍ଦିଷ୍ଟ ମଜୁରୀ ବା ବେତନ ଏବଂ କ୍ଷତିର ଆଶଙ୍କା ନଥାଏ। |
| ୬. ଆଚରଣ ନିୟମାବଳୀ | କୌଣସି ନିର୍ଦ୍ଦିଷ୍ଟ ଆଚରଣ ନିୟମାବଳୀ ନାହିଁ। | ବୃତ୍ତିର ଉଚ୍ଚମାନ ଅକ୍ଷୁର୍ଣ୍ଣ ରଖିବା ପାଇଁ ଏକ ସୂତ୍ର ବ୍ୟକ୍ତିଗତ ଆଚରଣ ନିୟମାବଳୀ ଆବଶ୍ୟକ ଥାଏ। | ନିଯୁକ୍ତି ପାଇଁ ଚୁକ୍ତି ଭିତ୍ତିକ ସର୍ତ୍ତ ଆବଶ୍ୟକ ଥାଏ। |

## ପାଠଗତ ପ୍ରଶ୍ନାବଳୀ ୧.୨

କ. ଉପଯୁକ୍ତ ଶବ୍ଦ ମାଧ୍ୟମରେ ଶୂନ୍ୟସ୍ଥାନ ପୂରଣ କର।

୧. କୌଣସି ବ୍ୟକ୍ତି ନିୟମିତ ଭାବେ ଆର୍ଥିକ କାର୍ଯ୍ୟକଳାପରେ ନିୟୋଜିତ ରହୁଥିଲେ ସେହି କାର୍ଯ୍ୟକୁ ............ କୁହାଯାଏ।

୨. ଜଣେ ପେଶାଦାର ବ୍ୟକ୍ତିଲାଗି କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ................. ଓ ପ୍ରଶିକ୍ଷଣର ଆବଶ୍ୟକତା ରହିଥାଏ।

୩. ବ୍ୟକ୍ତି ଯେତବେଳେ ଅନ୍ୟପାଇଁ ନିୟମିତ ରୂପେ କାର୍ଯ୍ୟକରି ନିର୍ଦ୍ଦିଷ୍ଟ ପରିମାଣ ରାଶି ଆୟ କରନ୍ତି ସେହି କାର୍ଯ୍ୟକୁ ........... କୁହାଯାଏ।

୪. ଗୋଟିଏ ପେସାଦାର ଅନୁଷ୍ଠାନ ପ୍ରତ୍ୟେକ ପେସାର ପେସାଦାର ଲୋକଙ୍କୁ ପରିଚାଳିତ କରିବା ପାଇଁ ..... ପ୍ରସ୍ତୁତ କରିଥାଏ।

୫. ଚାକିରୀର ସର୍ତ୍ତ ଓ ନିବନ୍ଧନ .........ଙ୍କ ଦ୍ୱାରା ସ୍ଥିରୀକୃତ ହୋଇଥାଏ।

ଖ. ସ୍ତମ୍ଭ 'କ' ଓ ସ୍ତମ୍ଭ 'ଖ'ର ବାକ୍ୟାଂଶ ଗୁଡ଼ିକୁ ଠିକ୍ ଭାବେ ଯୋଡ଼।

| **'କ' ସ୍ତମ୍ଭ** | **'ଖ' ସ୍ତମ୍ଭ** |
|---|---|
| କ. ବ୍ୟବସାୟର ପ୍ରାଥମିକ ଲକ୍ଷ୍ୟ | ୧. ସ୍ୱତନ୍ତ୍ର ଦକ୍ଷତା |
| ଖ. ବୃତ୍ତିର ପ୍ରାଥମିକ ଉଦ୍ଦେଶ୍ୟ | ୨. ଲାଭାଂ ଆୟ |
| ଗ. ଏକ ବୃତ୍ତି ମୌଳିକ ଆବଶ୍ୟକତା | ୩. ବୃତ୍ତି |
| ଘ. ଜଣେ ଚାର୍ଟାର୍ଡ଼ ଆକାଉଣ୍ଟାଟ୍ (ସନନ୍ଦ ପ୍ରାପ୍ତ ହିସାବିତ) ର ବୃତ୍ତି | ୪. ସେବା ଯୋଗାଣ |

## ୧.୩ ବ୍ୟବସାୟର ଅର୍ଥ


**Business**

ବଜାରରେ ଅନେକ ପ୍ରକାରର ସାମଗ୍ରୀ ମିଳୁଥିବାର ତୁମେ ଦେଖୁଥିବ। ନିଜର ଚାହିଦା ଅନୁସାରେ ତୁମେ ସେସବୁ କିଣିଥାଅ। ସେଇ ସବୁ ବସ୍ତୁଗୁଡ଼ିକୁ ବଜାରକୁ କିପରି ଆସେ ତୁମେ ଜାଣିଛ କି ? ସେସବୁ ବସ୍ତୁ ଗୁଡ଼ିକୁ କିଏ ତିଆରି କରେ ଓ ବଜାରକୁ କିଏ ଆଣେ ? ସତ କହିବାକୁ ଗଲେ, ଏହି ସବୁ ବସ୍ତୁଗୁଡ଼ିକ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ଉତ୍ପାଦିତ ହୋଇଥାଏ। ତାପରେ କେତେକ ଲୋକ ସେହି ବସ୍ତୁକୁ ଉତ୍ପାଦିତ ସ୍ଥାନରୁ ବଜାରକୁ ବିତରଣ ପାଇଁ ଆଣିଥାନ୍ତି। ତାପରେ ଯାଇ ଆମେ ସେହି ବସ୍ତୁକୁ ଆମର ଆବଶ୍ୟକ ମୁତାବକ କିଣି ବ୍ୟବହାର କରିପାରୁ।

ତୁମେ ଲକ୍ଷ୍ୟ କରିଥିବ ଯେ କେତେକ ଲୋକ ଯାତ୍ରୀ ଓ ବସ୍ତୁର ପରିବହନ, ବ୍ୟାଙ୍କ ସେବା, ବୀମା, ବିଜ୍ଞାପନ, ବିଦ୍ୟୁତ ଯୋଗଣ, ଟେଲିଫୋନ୍ ଆଦିକାର୍ଯ୍ୟରେ ନିୟୋଜିତ ଥାନ୍ତି। ଏହି ସବୁ ସେବାମୂଳକ କାର୍ଯ୍ୟ କଳାପ ପାଇଁ ସେମାନେ ସେମାନଙ୍କ ଚଳିବା ଲାଗି ଅର୍ଥ ଉପାର୍ଜନ କରିଥାନ୍ତି।

ଉପରସ୍ଥ ସମସ୍ତ କାର୍ଯ୍ୟକଳାପ, ତାହା ଲିଖିତ ସାମଗ୍ରୀ ଓ ସେବାର ଉତ୍ପାଦନ, ବିତରଣ, କିଣା ଓ ବିକାରେ ନିହାତି ପକ୍ଷେ ଆର୍ଥିକ ଲାଭ ଆଶା କରାଯାଇଥାଏ। ସେସବୁକୁ କାର୍ଯ୍ୟରେ ସେମାନେ ନିୟମିତ ଭାବେ ଲାଗି ରହିଥାନ୍ତି।

**ଏଣୁ ମାନବୀୟ କାର୍ଯ୍ୟକଳାପ ବସ୍ତୁର ଉତ୍ପାଦନ, ବିତରଣ, ବିକ୍ରୟ ଓ କ୍ରୟ ଓ ସେବା ଯୋଗାଣ ମାଧ୍ୟମରେ ଲାଭ ଉପାର୍ଜନ ପାଇଁ ନିୟମିତ ଚାଲିଥିବା ମାନବୀୟ କାର୍ଯ୍ୟକଳାପକୁ ବ୍ୟବସାୟ କହନ୍ତି। ବ୍ୟବସାୟର ସଂଜ୍ଞା ଏହିପରି କରାଯାଇଥାଏ- ବ୍ୟବସାୟ ଏପରି ଏକ କାର୍ଯ୍ୟ ଯେଉଁଥିରେ ଲାଭ ଅର୍ଜନ ଉଦ୍ଦେଶ୍ୟରେ ବିକ୍ରୟ, ସ୍ଥାନାନ୍ତର ଏବଂ ବିନିମୟ ପାଇଁ ବସ୍ତୁ ଓ ସେବାର ନିୟମିତ ଉତ୍ପାଦନ ବା କ୍ରୟକରାଯାଇଥାଏ।**

## ୧.୪ ବ୍ୟବସାୟର ବିଶେଷତ୍ୱ ବା ବୈଶିଷ୍ଟ୍ୟ


ବ୍ୟବସାୟର ନିମ୍ନଲିଖିତ ଓ ବିଶେଷ୍ୟତା ରହିଥାଏ:

**କ) ଦ୍ରବ୍ୟ ଏବଂ ସେବାର କାରବାର**

ବ୍ୟବସାୟରେ ଲୋକମାନେ ଦ୍ରବ୍ୟ ଅଥବା ସେବାର ଉତ୍ପାଦନ ଓ ବିତରଣ କାର୍ଯ୍ୟରେ ଯୋଡ଼ି ହୋଇଥାନ୍ତି। ଏହି ଦ୍ରବ୍ୟ ଭିତରେ ପାଉଁରୁଟି, କ୍ଷୀର, ବଟର, ଚାହା ଇତ୍ୟାଦି ଗୁଡ଼ିକୁ ଉପଭୋକ୍ତା ଦ୍ରବ୍ୟ କୁହାଯାଇପାରେ କିମ୍ବା କାରଖାନା, ଯନ୍ତ୍ରପାତି, ଆସବାବପତ୍ର ଇତ୍ୟାଦି ଗୁଡ଼ିକୁ ପୁଞ୍ଜିଗତ ଦ୍ରବ୍ୟ କୁହାଯାଏ। ଏହି ସେବାଗୁଡ଼ିକ ଯାତାୟତ, ବ୍ୟାଙ୍କସେବା, ବୀମାସେବା, ବିଜ୍ଞାପନ, ଭଣ୍ଡାରିକରଣ ମାଧ୍ୟମରେ ଉପଲବ୍ଧ କରାଯାଇପାରେ।

**ଖ) ବସ୍ତୁ ଅଥବା ସେବାର ବିକ୍ରି ବା ବିନିମୟ**

ଯଦି ଜଣେ ଲୋକ ନିଜର ଉପଯୋଗ ଏବଂ ଉପହାର ପାଇଁ ଜିନିଷ ଉତ୍ପାଦନ କରେ କିମ୍ବା କିଣେ ତେବେ ତାହା ବ୍ୟବସାୟ ସହିତ ସଂପୃକ୍ତ ନୁହେଁ। କିନ୍ତୁ ଯେତେ ବେଳେ ସେ ଅନ୍ୟବ୍ୟକ୍ତିକୁ ବିକ୍ରି କରିବା ପାଇଁ କୌଣସି ବସ୍ତୁ ଉତ୍ପାଦନ ବା କ୍ରୟ କରିଥାଏ ତାହାକୁ ବ୍ୟବସାୟ ସହ ସଂପୃକ୍ତ ବୋଲି କୁହାଯାଏ। ତେଣୁ ବ୍ୟବସାୟରେ ଦ୍ରବ୍ୟ ଏବଂ ସେବା ଉତ୍ପାଦନ କିମ୍ବା କ୍ରୟ କ୍ରେତା ଓ ବିକ୍ରେତା ମଧ୍ୟରେ ପଇସା ଏବଂ ଦ୍ରବ୍ୟ ବିନିମୟ ହୋଇଥାଏ। ଦ୍ରବ୍ୟର ବିକ୍ରି କିମ୍ବା ବିନମୟ ନଥିବା କାର୍ଯ୍ୟକଳାପକୁ ବ୍ୟବସାୟ ବୋଲି ଗଣନା କରାଯାଇ ପାରିବ ନାହିଁ।



ଟିପ୍ପଣୀ

### ଗ) ବସ୍ତୁ ଅଥବା ସେବାର ନିୟମିତ ବିନିମୟ

ବସ୍ତୁର ନିୟମିତ ଉତ୍ପାଦନ କିମ୍ୱା କ୍ରୟ ବିକ୍ରୟ ହେବା ଆବଶ୍ୟକ। ସାଧାରଣତଃ ଏକାକୀ କିଣା ବିକାକୁ ବ୍ୟବସାୟର ସଂଜ୍ଞା ଦିଆଯାଇପାରିବ ନାହିଁ।

ଉଦାହରଣ ସ୍ୱରୂପ ରାଜୁ ନିଜର ପୁରୁଣା ମାରୁତି କାର୍ ହରିକୁ ବିକ୍ରି କଲେ ଏହାକୁ ବ୍ୟବସାୟ କୁହାଯାଇପାରିବ ନାହିଁ। ଯେପର୍ଯ୍ୟନ୍ତ ସେ ନିୟମିତ ରୂପେ କାର୍ କିଣାବିକା ସହ ସଂପୃକ୍ତ ନ ହୋଇଛି ତାକୁ ବ୍ୟବସାୟ କୁହାଯାଇପାରି ନାହିଁ।

### ଘ) ପୁଞ୍ଜି ନିବେଶର ଆବଶ୍ୟକତା

ପ୍ରତ୍ୟେକ ବ୍ୟବସାୟ କାର୍ଯ୍ୟରେ ଜମି, ଶ୍ରମ, ଅଥବା ପୁଞ୍ଜିଭାବେ କିଛିନା କିଛି ଅର୍ଥ ବିନିଯୋଗର ଆବଶ୍ୟକତା ହୋଇଥାଏ।

ଏହି ସବୁ ସମ୍ୱଳର ଉପଯୋଗ ଭିନ୍ନ ଭିନ୍ନ ବସ୍ତୁ ବା ସେବାକର ଉତ୍ପାଦନ, ବିତରଣ ଓ ଉପଭୋଗ ପାଇଁ କରାଯାଇଥାଏ।

### ଙ) ଲାଭ ଅର୍ଜନ ଉଦ୍ଦେଶ୍ୟ

ବ୍ୟବସାୟ କାର୍ଯ୍ୟର ମୂଳ ଉଦ୍ଦେଶ୍ୟ ହେଲା ଲାଭ ମାଧ୍ୟମରେ ଆୟ କରିବା। ବିନା ଲାଭରେ ବ୍ୟବସାୟ ଅଧିକ ସମୟଯାଏ ତିଷ୍ଠି ରହିପାରେ ନାହିଁ। ବ୍ୟବସାୟର ବିକାଶ ଓ ବିସ୍ତାର ଦୃଷ୍ଟିରୁ ଲାଭ ଅର୍ଜନ କରିବା ଆବଶ୍ୟକ ହୋଇଥାଏ।

### ଚ) ଆୟର ଅନିଶ୍ଚିତତା ଓ ଆଶଙ୍କା

ଆମେ ଜାଣୁ, ପ୍ରତ୍ୟେକ ବ୍ୟବସାୟର ଉଦ୍ଦେଶ୍ୟ ହେଉଛି ଲାଭ ଅର୍ଜନ। ଯେତେବେଳେ କୌଣସି ବ୍ୟବସାୟୀ ବିଭିନ୍ନ ସମ୍ୱଳ ନିବେଶ କରିଥାଏ, ତା ବଦଳରେ ସେ କିଛିନା କିଛି ଆୟ କରିବାକୁ ଆଶା କରିଥାଏ। କିନ୍ତୁ ତାର ସମସ୍ତ ପ୍ରକାର ପ୍ରୟାସ ସତ୍ତ୍ୱେ ବ୍ୟବସାୟରେ ଆୟର ଅନିଶ୍ଚିତତା ଜାରି ରହିଥାଏ। କେବେ କେବେ ତାର ଅଧିକ ଲାଭ ହୋଇଥିବା ବେଳେ କେବେ କେବେ ଏମିତି ସମୟ ଆସିଥାଏ ଯେତେବେଳେ କି ତାକୁ ଅନେକ କ୍ଷତି ସହିବାକୁ ପଡ଼ିଥାଏ। ଏହା ହେବାର କାରଣ, ବ୍ୟବସାୟର ଭବିଷ୍ୟତ ସବୁବେଳେ ଅନିଶ୍ଚିତ ଏବଂ ବ୍ୟବସାୟୀର ଆୟକୁ ପ୍ରଭାବିତ କରୁଥିବା ବିଭିନ୍ନ ବିଷୟ ଗୁଡ଼ିକ ଉପରେ ବ୍ୟବସାୟର କୌଣସି ନିୟନ୍ତ୍ରଣ ନଥାଏ।

## ୧.୫ ବ୍ୟବସାୟର କ୍ରମ ବିକାଶ

ଆମେ ସମସ୍ତେ ଜାଣୁ ଭାରତ ଏକ ସାଂସ୍କୃତିକ ପରମ୍ପରା ବିଶିଷ୍ଟ ସମୃଦ୍ଧ ରାଷ୍ଟ୍ର। ତେବେ ବି ଭାରତ ଅର୍ଥନୈତିକ ଏବଂ ବ୍ୟବସାୟରେ ପୂର୍ଣ୍ଣ ବିକଶିତ ରାଷ୍ଟ୍ର ବୋଲି ଅନେକଙ୍କୁ ଜଣା ନଥିଲା। ଜମି ଖନନ, ଲିଖିତ ଦଲିଲ, ସାହିତ୍ୟ ଏବଂ ସର୍ବୋପରି ଭାରତର ବିଶାଳ ସମ୍ୱଳ ଦ୍ୱାରା ଆକର୍ଷିତ ହୋଇ ବିଦେଶୀଙ୍କ ଭାରତ ଆକ୍ରମଣ ଏହାର ବଳିଷ୍ଠ ପ୍ରମାଣ ଅଟେ। ଭାରତର ସଭ୍ୟତା କେବଳ କୃଷି ଭିତ୍ତିକ ନ ଥିଲା, ଆଭ୍ୟନ୍ତରୀଣ ଓ ବର୍ହିବାଣିଜ୍ୟ କ୍ଷେତ୍ରରେ ମଧ୍ୟ ଏହା ସଫଳତା ଲାଭ କରିଥିଲା। ବିଶ୍ୱ ବାଣିଜ୍ୟ ପ୍ରତି ବିଭିନ୍ନ କ୍ଷେତ୍ରରେ ମଧ୍ୟ ଏହାର ଉଲ୍ଲେଖନୀୟ ଅବଦାନ ଥିଲା। ଭାରତର ବ୍ୟବସାୟ ସ୍ୱତନ୍ତ୍ର, ଅନନ୍ୟ, ସଶକ୍ତ ଏବଂ ଉତ୍କୃଷ୍ଟ ଥିଲା। ସେ ସମୟରେ ଅନ୍ୟ ରାଷ୍ଟ୍ରମାନଙ୍କ ଠାରୁ ଉନ୍ନତ ଥିଲା। ଅନେକ ଦିନ ପୂର୍ବେ ଭାରତର ଅର୍ଥନୀତି କେବଳ କୃଷିଭିତ୍ତିକ ଥିଲା। ଲୋକମାନେ ତାଙ୍କର ନିତ୍ୟବ୍ୟବହାର୍ଯ୍ୟ ଜିନିଷ ନିଜେ ଉତ୍ପାଦନ କରୁଥିଲେ। ସେତେବେଳେ ଜିନିଷର ବିକ୍ରି କିମ୍ୱା ବିନିମୟର ଆବଶ୍ୟକତା ନଥିଲା। କିନ୍ତୁ କାଳ କ୍ରମେ ଲୋକମାନଙ୍କର ଆବଶ୍ୟକତା (ଚାହିଦା) ବଢ଼ିଥିଲା। ଏବଂ ସେହି ଅନୁପାତରେ ଉତ୍ପାଦନ ମଧ୍ୟ ବଢ଼ିଥିଲା। ଲୋକମାନେ ବିଭିନ୍ନ ପ୍ରକାରର ବିଳାସ ପୂର୍ଣ୍ଣ ସାମଗ୍ରୀ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଉତ୍ପାଦନ କରିବା ପାଇଁ ଜ୍ଞାନ ଆହରଣ କରିବା ଆରମ୍ଭ କଲେ। ଯେମିତି ହେଉ ସେମାନେ ସେମାନଙ୍କର ଦକ୍ଷତା

ବୃଦ୍ଧିକରି କିଛି ବଳକା ଦ୍ରବ୍ୟ ଉତ୍ପାଦନ କରିବା ପାଇଁ ସମର୍ଥ ହେଲେ। ତେଣୁ ବଳକା ଜିନିଷ ବିନିମୟରେ ନିଜର ଆବଶ୍ୟକ ଜିନିଷ ଲାଭ କରିବା ପଦ୍ଧତି ବିକାଶ ହେଲା। ଏହା ବେପାରର ପ୍ରାରମ୍ଭ ଅଟେ। ଏଥିରୁ ସ୍ୱାଭାବିକ ଭାବରେ ବୁଝାପଡ଼ିଲା, ଯେ ଆଧୁନିକ ଯୁଗରେ ବିଶେଷକରି ସ୍ୱାଧୀନତା ପରେ ବେପାର ଓ ବାଣିଜ୍ୟ କ୍ଷେତ୍ରରେ ବହୁ ପରିମାଣରେ ଅଗ୍ରଗତି କରିଅଛି। ଶିଳ୍ପ ବିକାଶରେ ଭାରତ ଏକ ସମୃଦ୍ଧ ରାଷ୍ଟ୍ରରୁ ହେବା ସହ ଆମ୍ଭେମାନେ ବ୍ୟବହାର କରୁଥିବା ଜିନିଷ ସ୍ୱଦେଶରେ ଉତ୍ପାଦନ କରିବାକୁ ସକ୍ଷମ ହୋଇଛୁ।

ଏହାର ଅର୍ଥ ନୁହେଁ ଯେ ଅତୀତରେ ଭାରତବର୍ଷରେ ଏହି କ୍ଷେତ୍ରରେ କୌଣସି ଉନ୍ନତି ବା ବିକାଶ ଘଟିନଥିଲା। ପ୍ରକୃତରେ ବେପାର ଓ ବାଣିଜ୍ୟରେ ଭାରତର ସମୃଦ୍ଧି ପରମ୍ପରା ରହିଥିଲା; ଯାହା ପାଇଁ ବର୍ତ୍ତମାନ ଯେକେହି ଭାରତୀୟ ଗର୍ବ ଅନୁଭବ କରନ୍ତି। ଲୋକମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଖ୍ରୀ.ପୂ. ପାଞ୍ଚହଜାର ବର୍ଷ ତଳେ ଭାରତରେ ବେପାର ଓ ବାଣିଜ୍ୟ ଆରମ୍ଭ ହୋଇଥିଲା। ଐତିହାସିକ ତଥ୍ୟରୁ ଏହା ପ୍ରମାଣ ମିଳେ ଯେ ସେହି ସମୟରେ ଭାତରବର୍ଷରେ ଯୋଜନା ବଦ୍ଧ ସହରମାନ ଥିଲା। ଭାରତର ବସ୍ତ୍ର, ଅଳଙ୍କାର ଓ ସୁବାସିତ ଦ୍ରବ୍ୟ ସାରା ପୃଥିବୀରେ ପ୍ରଶଂସିତ ହେଉଥିଲା। ଭାରତର ବେପାରୀମାନେ ବହୁକାଳ ପୂର୍ବରୁ ବ୍ୟବସାୟ କ୍ଷେତ୍ରରେ ମୁଦ୍ରାର ବ୍ୟବହାର କରୁଥିଲେ। ବେପାରି, କାରିଗର, ଏବଂ ଉତ୍ପାଦକ ମାନଙ୍କର ସ୍ୱାର୍ଥ ରକ୍ଷା ପାଇଁ ସେତେବେଳେ ବ୍ୟବସାୟୀକ ସଂଗଠନ ଥିଲା। ଏଥିରୁ ଭାରତବର୍ଷର ବେପାର ଓ ବାଣିଜ୍ୟର ବହୁ ବିଧ ବିକାଶର ସୂଚନା ମିଳେ।

ଆନ୍ତଃବାଣିଜ୍ୟ କ୍ଷେତ୍ରରେ ଉନ୍ନତ ଯୋଗାଯୋଗ ବ୍ୟତୀତ ଭାରତ ଆରବ, ମଧ୍ୟ ଏସିଆ ଏବଂ ଦକ୍ଷିଣ ପୂର୍ବ ଏସିଆ ଦେଶ ମାନଙ୍କ ସହିତ ବ୍ୟବସାୟୀକ ସଂପର୍କ ସ୍ଥାପନ କରିଥିଲା। ଭାରତ ଧାତୁ ତିଆରି ବିଭିନ୍ନ ଦ୍ରବ୍ୟ ଯଥା ତମ୍ବା ଓ ପିତ୍ତଳ ତିଆରି ମୂର୍ତ୍ତି, ପାତ୍ର, ଅଳଙ୍କାର ଓ ଅନ୍ୟାନ୍ୟ ସାଜସରଞ୍ଜାମ ସାମଗ୍ରୀର ବେପାର କରୁଥିଲା। ଭାରତ ପୃଥିବୀର ବିଭିନ୍ନ ଦେଶକୁ ଏକାଧିକ ଦ୍ରବ୍ୟ ରପ୍ତାନୀ କରୁଥିଲା ଏବଂ ସେହି ସବୁ ଦେଶରୁ ଆମଦାନୀ ମଧ୍ୟ କରୁଥିଲା।

ଏହା ମଧ୍ୟ ଜଣା ଅଛି ଯେ ଇଂରେଜ ମାନେ ପ୍ରଥମେ ଭାରତକୁ ବେପାର କରିବା ପାଇଁ ଆସିଥିଲେ। ଯାହା କାଳକ୍ରମେ ବ୍ରିଟିଶ୍ ସାମ୍ରାଜ୍ୟ ସ୍ଥାପନର ଭିତ୍ତିଭୂମି ହୋଇଥିଲା। ବ୍ୟବସାୟ ଓ ବାଣିଜ୍ୟ କ୍ଷେତ୍ରରେ ପୃଥିବୀର ଅନ୍ୟାନ୍ୟ ଦେଶକୁ ଭାରତର ଅବଦାନ ଅନେକ। ଆଧୁନିକ ଯୁଗରେ ଗଣନା ପ୍ରକ୍ରିୟା ଭାରତ ଦ୍ୱାରା ବିକଶିତ ହୋଇଥିଲା। ବର୍ତ୍ତମାନ ସମୟରେ ପ୍ରଚଳିତ ଥିବା ଯୌଥ ପରିବାର ଓ ଶ୍ରମର ବିଭାଗୀ କରଣ ବ୍ୟବସ୍ଥା ଏହି ଭାରତରେ ବିକଶିତ ହୋଇଥିଲା। ଭାରତରେ ବହୁତ ପୂର୍ବରୁ ଆଧୁନିକ ସମୟର ଗ୍ରାହକ କୈନ୍ଦ୍ରିକ ବ୍ୟବସ୍ଥା ପ୍ରଚଳିତ ଥିଲା।

ଏହିପରି ଭାବରେ ଆମେ କହିପାରିବା ଯେ ଭାରତବର୍ଷରେ ବେପାର ଓ ବାଣିଜ୍ୟର ଏକ ସମୃଦ୍ଧ ପରମ୍ପରା ରହିଥିଲା। ଯାହାକି ଏହାର ବିକାଶରେ ସହାୟକ ହୋଇଥିଲା।

## ପାଠଗତ ପ୍ରଶ୍ନାବଳୀ ୧.୩

କ. ରାହୁଲ ଜଣେ ବ୍ୟବସାୟୀ ଓ ନିମ୍ନଲିଖିତ କାର୍ଯ୍ୟରେ ସଂପୃକ୍ତ ରହିଛି। ଯାହାକୁ ବ୍ୟବସାୟ କୁହାଯାଏ। ନିମ୍ନରେ ଦିଆଯାଇଥିବା ବାକ୍ୟ ଗୁଡ଼ିକ ପରୀକ୍ଷା କରି ତୁମେ କେଉଁଟି ସହ ସମ୍ମତ ବା ଅସମ୍ମତ ଦର୍ଶାଅ। ପ୍ରତ୍ୟେକ ବାକ୍ୟ ପାର୍ଶ୍ୱରେ 'ହଁ' ବା 'ନା' ଉଲ୍ଲେଖ କର।

୧. ରାହୁଲ ତା ଦୋକାନରୁ ଗ୍ରାହକକୁ ପାଉଁରୁଟି ବିକିଲା।

୨. ସେ ତା' ସାନ ଭଉଣୀକୁ ଉପାହାର ଦେବାପାଇଁ କଲମ କିଣିଲା।

୩. ସେ ତା' ପଡ଼ୋଶୀଙ୍କୁ ପୁରୁଣା ଟେଲିଭିଜନଟିକୁ ୩ ହଜାର ଟଙ୍କାରେ ବିକ୍ରିକଲା।

୪. ରାହୁଲ ଗ୍ରାହକଙ୍କୁ ବିକ୍ରି କରିବା ପାଇଁ କୁକୁଡ଼ା ପାଳନ କେନ୍ଦ୍ରରୁ ଅଣ୍ଡା କିଣିଲା।

୫. ରାହୁଲ ୧୦ଟଙ୍କା ମୂଲ୍ୟର କ୍ଷୀର ପ୍ୟାକେଟଟିକୁ ୧୨ଟଙ୍କାରେ ଗ୍ରାହକଙ୍କୁ ବିକ୍ରିକଲା।

୬. ରାହୁଲ ନିଜଘର ପାଇଁ ୩୦ ଟଙ୍କାର ପନିପରିବା ଆଣିଲା।

୭. ସେ ତା' ଦୋକାନରୁ ପିଲାମାନଙ୍କୁ ମାଗଣାରେ ବିସ୍କୁଟ ବାଣ୍ଟିଲା।

ଖ. ନିମ୍ନରେ ବ୍ୟବସାୟ ବିଷୟରେ କିଛି ତଥ୍ୟ ଦିଆଯାଇଛି। ସେଥିମଧ୍ୟରୁ କିଛି ଭୁଲ ଏବଂ କିଛି ଠିକ୍ ଅଛି। ଠିକ୍ ତଥ୍ୟ ଜାଗାରେ 'ଠିକ୍' ଲେଖ ଏବଂ ଭୁଲ ତଥ୍ୟ ଜାଗାରେ 'ଭୁଲ' ଲେଖ।

୧. ଯେହେତୁ ବ୍ୟବସାୟ ବସ୍ତୁ ଓ ସେବାକୁ ନିୟନ୍ତ୍ରଣ କରିଥାଏ, ଏହାର ଜାତୀୟ ସଂହତି ସହିତ କୌଣସି ସମ୍ପର୍କ ନଥାଏ।

୨. ଲୋକଙ୍କର ବଞ୍ଚିବାର ମାନ ବ୍ୟବସାୟର କୌଣସି ଆବଶ୍ୟକତା ନଥାଏ।

୩. ନୂତନ ଓ ଆକର୍ଷଣୀୟ ବସ୍ତୁର ଉନ୍ନତି ପାଇଁ ଶିଳ୍ପ କ୍ଷେତ୍ରରେ ଗବେଷଣା କରାଯାଏ।


୪. ବିଦେଶରୁ ନିଜିଷ ଆଣିବା ପାଇଁ ବ୍ୟବସାୟ କେବେହେଲେ ସହାୟତା ଦିଏ ନାହିଁ।


୫. ନୂତନ ଚାକିରୀର ବ୍ୟବସ୍ଥାକରି ଦାରିଦ୍ର୍ୟ ଦୂରିକରଣ କରିଥାଏ।

୬. ଆନ୍ତର୍ଜାତିକ ମେଳା ଓ ପ୍ରଦର୍ଶନୀ ଜରିଆରେ ବ୍ୟବସାୟୀ ତାର ବସ୍ତୁକୁ ଦେଖାଇ ଓ ବିକ୍ରି କରି ଦେଶର ମର୍ଯ୍ୟାଦା ବଢ଼ାଇଥାଏ।

## ୧.୬ ବ୍ୟବସାୟୀକ ଉଦ୍ଦେଶ୍ୟର ପ୍ରକାର ଭେଦ:

ସମସ୍ତ ବ୍ୟବସାୟୀକ କାର୍ଯ୍ୟ କିଛି ଉଦ୍ଦେଶ୍ୟ ପାଇଁ କରାଯାଇଥାଏ। ବ୍ୟବସାୟୀକ ଉଦ୍ଦେଶ୍ୟର ଶ୍ରେଣୀ ବିଭାଜନ ଏହିପରି ଭାବରେ କରାଯାଇପାରେ:-





ଟିପ୍ପଣୀ



## ୧.୬.୧ ଅର୍ଥନୈତିକ ଉଦ୍ଦେଶ୍ୟ

ବ୍ୟବସାୟର ଆର୍ଥିକ ଉଦ୍ଦେଶ୍ୟ ହେଲା ଉପାର୍ଜନ ଏବଂ ଲାଭ କରିବା ପାଇଁ ଅନ୍ୟାନ୍ୟ ଲକ୍ଷ୍ୟ; ଯେମିତିକି ଗ୍ରାହକ ସୃଷ୍ଟିକରିବା, ନିୟମିତ ନବପ୍ରବର୍ତ୍ତନ ଏବଂ ମିଳୁଥିବା ସମ୍ବଳର ଉପଯୁକ୍ତ ଉପଯୋଗ ଇତ୍ୟାଦି।

### ଲାଭ ଉପାର୍ଜନ

ଲାଭ ବ୍ୟବସାୟର ଜୀବନ ଦାୟୀନି ଶକ୍ତି ଅଟେ। ବ୍ୟବସାୟ ପ୍ରତିଯୋଗିତାରେ ଲାଭ ବିନା କୌଣସି ବ୍ୟବସାୟ ତିଷ୍ଠିପାରିବ ନାହିଁ। କୌଣସି ବ୍ୟବସାୟ ଅନୁଷ୍ଠାନ ଆରମ୍ଭ ହେବା ପୂର୍ବରୁ ପ୍ରଥମ ଲକ୍ଷ୍ୟ ରହିଥାଏ ଲାଭ ଉପାର୍ଜନ। ଲାଭ ବ୍ୟବସାୟକୁ କେବଳ ଜୀବିକା ଅର୍ଜନ କରିବାରେ ସାହାଯ୍ୟ କରିନଥାଏ, ଅଧିକନ୍ତୁ ଲାଭର ଏକ ଅଂଶ ବ୍ୟବସାୟରେ ପୂନର୍ବାର ବିନିଯୋଗ ଜରିଆରେ ବ୍ୟବସାୟୀକ କାର୍ଯ୍ୟକଳାପ ବୃଦ୍ଧିଘଟିଥାଏ।

ବ୍ୟବସାୟର ମୂଳ ଲକ୍ଷ୍ୟକୁ ହାସଲ କରିବାକୁ ହେଲେ ବ୍ୟବସାୟରେ କିଛି ଅନ୍ୟ ଉଦ୍ଦେଶ୍ୟ ଅନୁସନ୍ଧାନ କରିବା ଆବଶ୍ୟକ ପଡ଼ିଥାଏ। ସେଗୁଡ଼ିକ ହେଲା:

### କ) ଗ୍ରାହକ ସୃଷ୍ଟି କରିବା

ବସ୍ତୁ ଓ ସେବାକୁ କ୍ରୟ କରିବା ଲାଗି ଗ୍ରାହକ ନଥିଲେ କୌଣସି ବ୍ୟବସାୟ ସଂସ୍ଥା ଚଳିପାରିବ ନାହିଁ। ଏତଦ୍‌ବ୍ୟତୀତ କୌଣସି ବ୍ୟବସାୟୀ ନିଜ ଗ୍ରାହକମାନଙ୍କୁ ଉତ୍ତମ ଗୁଣବତ୍ତା ସମ୍ପନ୍ନ ବସ୍ତୁ ଓ ସେବା ସଠିକ୍ ମୂଲ୍ୟରେ ଯୋଗାଇ ଦେଲେ ମଧ୍ୟ ଲାଭ ଅର୍ଜନ କରି ପାରିବେ। ତେଣୁ ରହିଥିବା ବସ୍ତୁ ଓ ନୂଆ ନୂଆ ସାମଗ୍ରୀ ପ୍ରତି ଅଧିକରୁ ଅଧିକ ଗ୍ରାହକମାନଙ୍କୁ ଆକର୍ଷିତ କରାଯିବା ଆବଶ୍ୟକ। ଭିନ୍ନ ଭିନ୍ନ ବିତରଣ କାର୍ଯ୍ୟ ଦ୍ୱାରା ଏହା ହାସଲ କରାଯାଇପାରିବ।


### ଖ) ନିୟମିତ ନବପ୍ରବର୍ତ୍ତନ

ନବପ୍ରବର୍ତ୍ତନ ଅର୍ଥ ପରିବର୍ତ୍ତନ। ଯାହା ଦ୍ୱାରା ବସ୍ତୁ ବା ଉତ୍ପାଦର ଗୁଣବତ୍ତା, ପ୍ରକ୍ରିୟା ଓ ବିତରଣ ମାନ ଉନ୍ନତ ହୋଇପାରିବ। ନବପ୍ରବର୍ତ୍ତନ ଦ୍ୱାରା ବ୍ୟାବସାୟିକ ଶାଖା ନୂତନ ଉତ୍ପାଦନ ଲାଗି ଭିନ୍ନ ଭିନ୍ନ କୌଶଳ ବ୍ୟବହାର କରି ବସ୍ତୁର ମୂଲ୍ୟ କମ୍ କରିବା ସଙ୍ଗେ ସଙ୍ଗେ ଅଧିକରୁ ଅଧିକୁ ଗ୍ରାହକମାନଙ୍କୁ ଆକର୍ଷିତ କରି ବିକ୍ରି ବୃଦ୍ଧିରେ ସଫଳ ହୋଇଥାଏ। ମୂଲ୍ୟ ହ୍ରାସ ଓ ବିକ୍ରି ବୃଦ୍ଧିରେ ବ୍ୟବସାୟୀଙ୍କୁ ଅଧିକ ଲାଭ ହୋଇଥାଏ। ଉଦାହରଣ ସ୍ୱରୂପ ହସ୍ତତନ୍ତ୍ର ବଦଳରେ କଳତନ୍ତ୍ର କୃଷି କାର୍ଯ୍ୟରେ ଟ୍ରାକ୍ଟର ବ୍ୟବହାର ଥାଏ।

### ଗ) ସମ୍ବଳର ଶ୍ରେଷ୍ଠ ଉପଯୋଗ

କୌଣସି ବ୍ୟବସାୟକୁ ଚଳୁ ରଖିବା ପାଇଁ ପର୍ଯ୍ୟାପ୍ତ ପରିମାଣର ପୁଞ୍ଜି ଅଥବା ଟଙ୍କାର ଆବଶ୍ୟକତା ରହିଥାଏ। ଏହି ପୁଞ୍ଜି ମେସିନ୍ ଏବଂ କଞ୍ଚାମାଲ କ୍ରୟ ତଥା କର୍ମଚାରୀ ମାନଙ୍କୁ କାର୍ଯ୍ୟରେ ରଖିବା ଓ ପ୍ରତିଦିନର ଖର୍ଚ୍ଚ ପୂରଣପାଇଁ ବିନିଯୋଗ କରାଯାଇଥାଏ।

ଏହି ପରି ବ୍ୟବସାୟୀକ କାର୍ଯ୍ୟରେ ଭିନ୍ନ ଭିନ୍ନ ସମ୍ବଳ ଯେମିତିକି ମେସିନ୍, ମଣିଷ, ବ୍ୟକ୍ତି, କଞ୍ଚାମାଲ, ମୁଦ୍ରାର (ପୁଞ୍ଜି) ର ଆବଶ୍ୟକତା ରହିଥାଏ। ସାଧାରଣତଃ ଏହି ସବୁ ସମ୍ବଳ ସୀମିତ ପରିମାଣରେ ମିଳିଥାଏ। ତେଣୁ ପ୍ରତ୍ୟେକ ବ୍ୟବସାୟୀ ଏହି ସବୁ ପୁଞ୍ଜିର ଉପଯୁକ୍ତ ଉପଯୋଗ କରିବା ଉଚିତ୍। କୁଶଳୀ କର୍ମଚାରୀମାନଙ୍କୁ ନିଯୁକ୍ତି, ମେସିନ୍‌ର କ୍ଷମତା ପୂର୍ଣ୍ଣ ଉପଯୋଗ ଏବଂ କଞ୍ଚାମାଲର ଅପବ୍ୟୟକୁ ହ୍ରାସ କରି ଲକ୍ଷ୍ୟ ହାସଲ କରାଯାଇପାରେ।



ଟିପ୍ପଣୀ



## ପାଠଗତ ପ୍ରଶ୍ନାବଳୀ ୧.୪

ନିମ୍ନ ବ୍ୟବସାୟ ସଂପର୍କିତ ଆର୍ଥିକ ଉଦ୍ଦେଶ୍ୟକୁ ନେଇ କେତେକ ବାକ୍ୟ ଦିଆଯାଇଛି । ସେଥିରୁ କେତେକ ଠିକ୍ ଓ କେତେକ ଭୁଲ ରହିଛି । ସେଗୁଡ଼ିକୁ ବାଛ ।

୧. ମାଲ(ଦ୍ରବ୍ୟ)ର ଚାହିଦା ବଢ଼ାଇବା ବ୍ୟବସାୟର ପ୍ରାଥମିକ ଉଦ୍ଦେଶ୍ୟ ।
୨. ବ୍ୟବସାୟୀ ବ୍ୟବସାୟରେ ଖଟାଇଥିବା ପୁଞ୍ଜି ଅନୁପାତରେ ଲାଭ ଅର୍ଜନ କରିବାକୁ ଚାହିଁଥାଏ ।
୩. ବ୍ୟବସାୟୀ ମାଲର (ଦ୍ରବ୍ୟର) ଉପଯୁକ୍ତ ଉପଯୋଗ କରିବା ସବୁବେଳେ ସମ୍ଭବପର ହୁଏ ନାହିଁ ।
୪. ନିଜର ଦୈନନ୍ଦୀନ ଆବଶ୍ୟକତା ପୂରଣ କରିବା ପାଇଁ ବ୍ୟବସାୟୀ ବ୍ୟବସାୟରୁ ଅର୍ଜିତ ଲାଭକୁ ପ୍ରୟୋଗ କରିଥାଏ ।
୫. ବ୍ୟବସାୟର ପ୍ରଥମ ଆର୍ଥିକ ଉଦ୍ଦେଶ୍ୟ ହେଲା ନିଯୁକ୍ତି ସୁଯୋଗ ସୃଷ୍ଟିକରିବା ।

### ୧.୬.୨ ସାମାଜିକ ଉଦ୍ଦେଶ୍ୟ

ସମାଜ କଲ୍ୟାଣ ପାଇଁ ଯାହା ହାସଲ କରିବା ଆବଶ୍ୟକ ତାହା ହେଉଛି ବ୍ୟବସାୟର ସାମାଜିକ ଉଦ୍ଦେଶ୍ୟ । ଯେହେତୁ ବ୍ୟବସାୟରେ ସମାଜର ମୂଲ୍ୟବାନ ସମ୍ବଳର ଉପଯୋଗ ହୋଇଥାଏ, ତେଣୁ ସମାଜ ତାର କଲ୍ୟାଣ ପାଇଁ ବ୍ୟବସାୟରୁ ପ୍ରତିଦାନ ସ୍ୱରୂପ କିଛି ପାଇବାକୁ ଆଶା ରଖିଥାଏ । ତେଣୁ କୌଣସି ପ୍ରକାରେ ସମାଜରେ କ୍ଷତି ହେଉଛି ତେବେ ଆଜି ନହେଲେ କାଲି, କେବେ ବି କେଉଁଠି ହେଲେ ଜନସାଧାରଣ ସେମାନଙ୍କ ପ୍ରତିକ୍ରିୟା ନିଶ୍ଚିତଭାବେ ପ୍ରକାଶ କରିବେ । ବ୍ୟବସାୟର ସାମାଜିକ ଉଦ୍ଦେଶ୍ୟ ଗୁଡ଼ିକ ଭିତରେ ଯାହାସବୁ ରହିଛି ତାହା ହେଲା । ଉତ୍ତମ ଗୁଣବତ୍ତା ସମ୍ପନ୍ନ ବସ୍ତୁ ଓ ସେବାର ଉତ୍ପାଦନ ତଥା ଯୋଗାଣ, ଉଚିତ୍ ବ୍ୟବସାୟୀକ ବ୍ୟବହାର ସମାଜର ସର୍ବସାଧାରଣ କଲ୍ୟାଣରେ ଯୋଗଦାନ ଓ କଲ୍ୟାଣକାରୀ ସୁବିଧାର ଆୟୋଜନ ଇତ୍ୟାଦି ।

**୧. ଉତ୍ତମ ଗୁଣବତ୍ତା ସମ୍ପନ୍ନ ବସ୍ତୁ ତଥା ସେବାର ଉତ୍ପାଦନ ଓ ଯୋଗାଣ**

ଯେତେବେଳେ ବ୍ୟବସାୟରେ ସମାଜର ଅନେକ ସମ୍ବଳର ଉପଯୋଗ ହୋଇଥାଏ, ସେ ଦୃଷ୍ଟିରୁ ଉତ୍ତମ ଗୁଣବତ୍ତା ସମ୍ପନ୍ନ ବସ୍ତୁ ଓ ସେବାର ଉତ୍ପାଦନ ଉଚିତ ମୂଲ୍ୟ ଓ ଉଚିତ୍ ସମୟରେ ତାର ଯୋଗାଣ ବ୍ୟବସାୟର ଉଦ୍ଦେଶ୍ୟ ହେବା ଦରକାର । ଜଣେ ବ୍ୟବସାୟୀଠାରୁ ଗ୍ରାହକମାନଙ୍କର କ୍ଷତି ହେବାପରି ଅପମିଶ୍ରିତ ଖରାପ ବସ୍ତୁ ଯୋଗାଣର ଆଶା କରାଯାଉନଥାଏ । ଗୁଣବତ୍ତା ସମ୍ପନ୍ନ ବସ୍ତୁ ଯୋଗାଣ ଅନୁସାରେ ଉପଯୁକ୍ତ ମୂଲ୍ୟ ସମାଜଠାରୁ ବ୍ୟବସାୟୀ ନେବା ଉଚିତ୍ । ଉଚିତ୍ ସମୟରେ ସମସ୍ତ ବସ୍ତୁ ଉପଯୋଗ କରିବା ପାଇଁ ଗ୍ରାହକମାନେ ଉଦ୍ୟମ କରିବା ଦରକାର । ତେଣୁ ପ୍ରତ୍ୟେକ ବ୍ୟବସାୟୀ ବସ୍ତୁ ଓ ସେବାର ଯୋଗାଣ ନିୟମିତ କରିବା ଉଚିତ୍ ।

**୨. ଉଚିତ୍ ବ୍ୟବସାୟୀକ ପନ୍ଥା ଅବଲମ୍ବନ**

ପ୍ରତ୍ୟେକ ସମାଜରେ କଳାବଜାରୀ, ଜମାଖୋରୀ, ଅଧିକ ଦରରେ ବିକ୍ରି ଆଦି କାର୍ଯ୍ୟକୁ ବେଆଇନ୍ ବୋଲି ଗ୍ରହଣ କରିଥାଏ । ଏହା ବ୍ୟତୀରେକ ବିପଥଗାମୀ କରୁଥିବା ବିଜ୍ଞାପନ ବସ୍ତୁଗୁଡ଼ିକର ଗୁଣବତ୍ତା ସମ୍ପର୍କରେ ଭୁଲ ବିଷୟ ପ୍ରକାଶ କରିଥାଏ । ଏହା ଦ୍ୱାରା ବିଜ୍ଞାପନ ଗ୍ରାହକଙ୍କୁ ଠକିଥାଏ ଓ ବ୍ୟବସାୟୀ ଅଧିକରୁ ଅଧିକ ଲାଭ କରିଥାଏ । ତେଣୁ ଅଧିକ ଲାଭ କରିବା ପାଇଁ ବ୍ୟବସାୟୀକ ସଂସ୍ଥାଗୁଡ଼ିକ କୃତ୍ରିମ ଉପାୟରେ ମୂଲ୍ୟରେ ବୃଦ୍ଧିକରିବା ଅନୁଚିତ୍ ଏହି କାର୍ଯ୍ୟକଳାପ ଯୋଗୁଁ ବ୍ୟବସାୟୀର ବଦନାମ ହୋଇଥାଏ ଓ କେବେ କେବେ ତାକୁ ଦଣ୍ଡ ଭୋଗିବାକୁ ଏବଂ ଜେଲ ଯିବାକୁ ପଡ଼ିଥାଏ । ତେଣୁ ଗ୍ରାହକ ଓ ସମାଜର କଲ୍ୟାଣ ପ୍ରତି ଦୃଷ୍ଟି ଦେଇ ବ୍ୟବସାୟୀ ଉଚିତ୍ ବ୍ୟବସାୟୀକ ପନ୍ଥା ଅବଲମ୍ବନ କରିବା ଦରକାର ।

**୩. ସମାଜର ସର୍ବସାଧାରଣ କଲ୍ୟାଣରେ ସହଯୋଗ**

ବ୍ୟବସାୟୀକ ସଂସ୍ଥାଗୁଡ଼ିକ ସମାଜର ଜନସାଧାରଣଙ୍କ କଲ୍ୟାଣ ତଥା ଉନ୍ନତି ପାଇଁ କାର୍ଯ୍ୟ କରିବା ଉଚିତ୍। ଉତ୍ତମ ଶିକ୍ଷା ପାଇଁ ବିଦ୍ୟାଳୟ ଓ କଲେଜ ନିର୍ମାଣ ଲୋକମାନଙ୍କୁ ଜୀବିକା ଅର୍ଜନ ପାଇଁ ବ୍ୟାବସାୟୀକ ପ୍ରଶିକ୍ଷଣ କେନ୍ଦ୍ରଖୋଲିବା, ଚିକିତ୍ସାରେ ସୁବିଧା ଲାଗି ଡାକ୍ତରଖାନା ସ୍ଥାପନ କରିବା, ଜନସାଧାରଣଙ୍କର ମନୋରଞ୍ଜନ ପାଇଁ ପାର୍କ ଓ କ୍ରୀଡ଼ା ପରିସର ଆଦି ସୁବିଧା ପ୍ରଦାନ କରିବା ବ୍ୟାବସାୟୀକ ସଂସ୍ଥା ପକ୍ଷରେ ସମ୍ଭବପର।

## ପାଠଗତ ପ୍ରଶ୍ନାବଳୀ ୧.୫

ବ୍ୟବସାୟର ସାମାଜିକ ଉଦ୍ଦେଶ୍ୟ ସମ୍ବନ୍ଧରେ ନିମ୍ନୋକ୍ତ ବାକ୍ୟମଧ୍ୟରୁ କେଉଁଠି ଠିକ୍ ଓ କେଉଁଟି ଭୂଲ ବାଛ।

୧. ଯାହା ବ୍ୟବସାୟ ଲାଗି ଭଲ, ତାହା ସମାଜ ପାଇଁ ଭଲ। ବ୍ୟବସାୟରେ ସାମାଜିକ ଉଦ୍ଦେଶ୍ୟ ଏହି ସିଦ୍ଧାନ୍ତ ଉପରେ ଆଧାରିତ।

୨. ଗ୍ରାହକ ପାଇଁ ଉତ୍ତମ ଗୁଣବତ୍ତା ସମ୍ପନ୍ନ ବସ୍ତୁର ଉତ୍ପାଦନ ଯୋଗାଣ ହେଉଛି ବ୍ୟବସାୟର ସାମାଜିକ ଉଦ୍ଦେଶ୍ୟ।

୩. ବସ୍ତୁର ଚାହିଦା ବଢ଼େଇବା ହେଉଛି ବ୍ୟବସାୟର ସାମାଜିକ ଉଦ୍ଦେଶ୍ୟ।

୪. ଜନସାଧାରଣଙ୍କ ଲାଗି କ୍ରୀଡ଼ା ପରିସରର ନିର୍ମାଣ ବ୍ୟବସାୟର ଆର୍ଥିକ ଉଦ୍ଦେଶ୍ୟ।

୫. କଳାବଜାରୀ ଓ ଜମାଖୋରୀକୁ ବ୍ୟବସାୟର ଏକ ଅଂଶ ବିଶେଷ ରୂପେ ଉଚିତବୋଲି ଗ୍ରହଣ କରାଯାଇଥାଏ।

### ୧.୬.୩ ମାନବିକ ଉଦ୍ଦେଶ୍ୟ

ମାନବୀୟ ଉଦ୍ଦେଶ୍ୟ କହିଲେ ଯେଉଁଥିରେ ସମାଜର ଅକ୍ଷମ ଓ ବିକଳାଙ୍ଗ, ଶିକ୍ଷା ଅଥବା ପ୍ରଶିକ୍ଷଣରୁ ବଞ୍ଚିତ ଲୋକଙ୍କ କଲ୍ୟାଣ, କର୍ମଚାରୀ ମାନଙ୍କ ଆଶା ପୂରଣ ଲାଗି ଲକ୍ଷ୍ୟ ରହିଥାଏ। ଏହିପରି ବ୍ୟବସାୟରେ ମାନବିକ ଉଦ୍ଦେଶ୍ୟ ଅନ୍ତର୍ଭୁକ୍ତ ହୋଇଥାଏ। କର୍ମଚାରୀଙ୍କ ଆର୍ଥିକ ସୁରକ୍ଷା ସାମାଜିକ ଓ ମାନବିକ ସନ୍ତୋଷ ତଥା ମାନବ ସମ୍ବଳର ବିକାଶ ନିହିତ ରହିଥାଏ।

**କ) କର୍ମଚାରୀଙ୍କ ଆର୍ଥିକ କଲ୍ୟାଣ**

ବ୍ୟବସାୟୀ କର୍ମଚାରୀ ମାନଙ୍କୁ ଉଚିତ୍ ବେତନ, କାର୍ଯ୍ୟ ପାଇଁ ପ୍ରୋତ୍ସାହନ, ଭବିଷ୍ୟନିଧି, ପେନ୍‌ସନ, ଚିକିତ୍ସା ପରି ସୁବିଧା ଓ ବାସସ୍ଥାନ ଆଦିର ସୁବିଧା ଯୋଗାଇ ଦେବା ହେଉଛି ବ୍ୟବସାୟର କାର୍ଯ୍ୟ। ଏଥିରେ କାର୍ଯ୍ୟ କ୍ଷେତ୍ରରେ ବ୍ୟକ୍ତି ଅଧିକ ସନ୍ତୋଷ ଅନୁଭବ କରିବା ସଙ୍ଗେସଙ୍ଗେ ବ୍ୟବସାୟ ପାଇଁ ଅଧିକ ସହଯୋଗ କରିପାରିବେ।

**ଖ) କର୍ମଚାରୀ ମାନଙ୍କ ସାମାଜିକ ଓ ମାନସିକ ସନ୍ତୋଷ**

ପ୍ରତ୍ୟେକ ବ୍ୟବସାୟିକ ସଂସ୍ଥାରେ କର୍ତ୍ତବ୍ୟ ହେଉଛି ନିଜ କର୍ମଚାରୀମାନଙ୍କୁ ସାମାଜିକ ଓ ମାନବିକ ସନ୍ତୋଷ ପ୍ରଦାନ କରିବା। ସେମାନଙ୍କ କାର୍ଯ୍ୟ ଦକ୍ଷତା ବଢ଼ାଇବା ସହ ଉଚିତ ବ୍ୟକ୍ତିଙ୍କୁ ଉଚିତ କାର୍ଯ୍ୟ ପାଇଁ ନିଯୁକ୍ତି କରି କାର୍ଯ୍ୟ କ୍ଷେତ୍ରରେ ନିରସରତାକୁ ସମାପ୍ତ କରାଯାଇପାରିବ। ଏହା ଛଡ଼ା କର୍ମଚାରୀ ମାନଙ୍କ ପଦୋନ୍ନତି ନିଷ୍ପତ୍ତି ନେବା ସମୟରେ କର୍ମଚାରୀଙ୍କ ଅଭିଯୋଗ ଓ ମତାମତ

ଗୁଡ଼ିକୁ ଗୁରୁତ୍ୱ ଦେଇ ବିଚାର କରାଯିବା ଦରକାର। ଯଦି କର୍ମଚାରୀ ମାନେ ସନ୍ତୁଷ୍ଟ ଅଛନ୍ତି ତେବେ ସେମାନେ ନିଜ କାର୍ଯ୍ୟ ସୂଚାରୁ ରୂପେ କରିପାରିବେ।

### ଗ) ମାନବ ସମ୍ବଳର ବିକାଶ

କର୍ମଚାରୀ ମାନେ ମଣିଷ ହୋଇଥିବାରୁ ସେମାନେ ନିଜର ବୃତ୍ତିର ବୃଦ୍ଧି ପାଇଁ ତତ୍ପର ରହିଥାନ୍ତି। ସେମାନଙ୍କର ବିକାଶ ପାଇଁ ଉପଯୁକ୍ତ ପ୍ରଶିକ୍ଷଣ ତଥା ବିକାଶର ଆବଶ୍ୟକତା ରହିଥାଏ। ସମୟ ଅନୁସାରେ କର୍ମଚାରୀମାନେ ନିଜର ଦକ୍ଷତା ଏବଂ କାର୍ଯ୍ୟ ଦକ୍ଷତାର ଉନ୍ନତି କରିପାରିଲେ ବ୍ୟବସାୟ ଆଗକୁ ଅଗ୍ରସର ହୋଇଥାଏ। ତେଣୁ ବ୍ୟବସାୟିକ ସଂସ୍ଥା ନିଜର କର୍ମଚାରୀ ମାନଙ୍କ ପ୍ରଶିକ୍ଷଣ ଓ ବିକାଶର କାର୍ଯ୍ୟକ୍ରମ ଆୟୋଜନ କରିବା ଉଚିତ୍।

### ଘ) ସାମାଜିକ ତଥା ଆର୍ଥିକ ଦୃଷ୍ଟିରୁ ପଛୁଆ ଲୋକଙ୍କ ଆର୍ଥିକ କଲ୍ୟାଣ

ବ୍ୟବସାୟିକ ସଂସ୍ଥାଗୁଡ଼ିକ ସମାଜର ପଛୁଆ, ଶାରୀରିକ ତଥା ମାନସିକ ଦୃଷ୍ଟିରୁ ବିକଳାଙ୍ଗ ଥିବା ଲୋକଙ୍କୁ ସାହାଯ୍ୟ କରି ସମାଜ ପାଇଁ ପ୍ରେରଣାର ସ୍ରୋତ ହୋଇ ପାରିବେ। ଏହା ସେମାନେ ଭିନ୍ନ ଭିନ୍ନ ପ୍ରକାରରେ କରିପାରନ୍ତି। ଉଦାହରଣ ସ୍ୱରୂପ: ବ୍ୟବସାୟିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରି ସମାଜର ପଛୁଆବର୍ଗର ଲୋକଙ୍କ ଆୟ ଅର୍ଜନ କ୍ଷମତାର ବୃଦ୍ଧି କରାଯାଇପାରେ। ବ୍ୟବସାୟିକ ସଂସ୍ଥା ନିଜର କର୍ମଚାରୀ ମାନଙ୍କୁ ଭର୍ତ୍ତିକରିବା ସମୟରେ ଶାରୀରିକ ଓ ମାନସିକ ଦୃଷ୍ଟିରୁ ବିକଳାଙ୍ଗ ଥିବା ଲୋକଙ୍କୁ ପ୍ରାଥମିକତା ଦେବା ଆବଶ୍ୟକ।

## ପାଠଗତ ପ୍ରଶ୍ନାବଳୀ ୧.୬

ମାନବିକ ଉଦ୍ଦେଶ୍ୟ ସମ୍ବନ୍ଧୀୟ ନିମ୍ନଲିଖିତ ବାକ୍ୟରୁ କେଉଁଟି 'ସତ୍ୟ' ଏବଂ କେଉଁଟି 'ମିଥ୍ୟା' ଦର୍ଶାଅ।

୧. ବ୍ୟବସାୟୀ ନିଜର କର୍ମଚାରୀମାନଙ୍କୁ ଉଚିତ୍ ବେତନ ପ୍ରଦାନ କରିବା ଉଚିତ୍, ଯାହାକି କର୍ମଚାରୀ ମାନଙ୍କୁ କାର୍ଯ୍ୟ କରିବା ଲାଗି ଉତ୍ସାହିତ କରିବ।

୨. ବ୍ୟବସାୟିକ ସଂସ୍ଥା ଗୁଡ଼ିକ ନିଜର କର୍ମଚାରୀ ମାନଙ୍କୁ ସାମାଜିକ ଓ ମାନସିକ ସନ୍ତୋଷ ପ୍ରଦାନ କରିବା ଦରକାର।


୩. ଯେ ପର୍ଯ୍ୟନ୍ତ କୌଣସି ବିକଳାଙ୍ଗ ବ୍ୟକ୍ତି ବ୍ୟବସାୟର କର୍ମଚାରୀ ନହୋଇଛି ବ୍ୟବସାୟୀ ତାକୁ ସାହାଯ୍ୟ କରିବା ଉଚିତ୍ ନୁହେଁ।

୪. ବ୍ୟାବସାୟିକ ସଂସ୍ଥାଗୁଡ଼ିକ ହସ୍ତଚାଳିତ ମେସିନ୍ ବଦଳରେ ସ୍ୱୟଂଚାଳିତ ମେସିନ୍ ଲଗାଇବା ଦରକାର।

୫. ସମାଜର କୌଣସି ଶାରୀରିକ ଦୃଷ୍ଟିରୁ ବିକଳାଙ୍ଗ ବ୍ୟକ୍ତିକୁ ସାହାଯ୍ୟ କରିବା ବ୍ୟବସାୟୀର ଆର୍ଥିକ ଉଦ୍ଦେଶ୍ୟ ଅନ୍ତର୍ଗତ।

### ୧.୬.୪ ରାଷ୍ଟ୍ରୀୟ ଉଦ୍ଦେଶ୍ୟ

ପ୍ରତ୍ୟେକ ବ୍ୟବସାୟ ଜାତୀୟ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିବାରୁ ଜାତୀୟ ଲକ୍ଷ ଓ ଅଭିଳାଷ ପୂରଣ ଅନ୍ୟତମ ଉଦ୍ଦେଶ୍ୟ ହେବା ଉଚିତ୍। ନିମ୍ନରେ ପ୍ରଦତ୍ତମାନ ବ୍ୟବସାୟର ଜାତୀୟ ଲକ୍ଷ୍ୟ ଉଦ୍ଦେଶ୍ୟ:



ଟିପ୍ପଣୀ

**କ. ନିଯୁକ୍ତି ସୁଯୋଗ ସୃଷ୍ଟି**

ବ୍ୟବସାୟର ଗୁରୁତ୍ୱପୂର୍ଣ୍ଣ ଜାତୀୟ ଲକ୍ଷ୍ୟ ହେଲା ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା। ନୂତନ ବ୍ୟବସାୟ ପ୍ରତିଷ୍ଠାନ, ବିପଣନ ବୃଦ୍ଧି ଏବଂ ବଜାର ସମ୍ପ୍ରସାରଣ ଜରିଆରେ ଏହା ହାସଲ କରାଯାଇପାରିବ।

**ଖ. ସାମାଜିକ ନ୍ୟାୟର ପ୍ରଚାର**

ଜଣେ ସଚେତନ ନାଗରୀକ ଭାବରେ ବ୍ୟବସାୟୀ ଜଣକ କାରବାର କରୁଥିବା ଲୋକଙ୍କୁ ସମାନ ସୁବିଧା ସୁଯୋଗ ଯୋଗାଇବା  ଆବଶ୍ୟକ। ସେ ମଧ୍ୟ ସବୁ କର୍ମଚାରୀଙ୍କୁ କାମ କରିବା ସହ ଉନ୍ନତି କରିବା ପାଇଁ ସମାନ ସୁବିଧା ସୁଯୋଗ ଦେବା ଉଚିତ୍। ଏହି ଲକ୍ଷ୍ୟ ହାସଲ ପାଇଁ ସମାଜର ଦୁର୍ବଳ ଓ ପଛୁଆବର୍ଗଙ୍କ ପ୍ରତି ଅଧିକ ଧ୍ୟାନ ଦିଆଯିବା ଜରୁରୀ।

**ଗ. ଜାତୀୟ ପ୍ରାଧାନ୍ୟ ଅନୁସାରେ ଉତ୍ପାଦନ**

ସରକାରଙ୍କ ଯୋଜନା ଓ ନୀତି ଆଧାରରେ ବ୍ୟବସାୟ ପ୍ରତିଷ୍ଠାନ ଦ୍ରବ୍ୟ ଉତ୍ପାଦନ ଏବଂ ଯୋଗାଣ କରିବା ଉଚିତ୍। ଅତ୍ୟାବଶ୍ୟକ ସାମଗ୍ରୀ ଉତ୍ପାଦନ ଏବଂ ଉପଯୁକ୍ତ ମୂଲ୍ୟରେ ଯୋଗାଣ ହେଉଛି ଆମ ଦେଶର ବ୍ୟବସାୟର ଅନ୍ୟତମ ଉଦ୍ଦେଶ୍ୟ।

**ଘ. ଦେଶର ରାଜସ୍ୱ ବୃଦ୍ଧି**

ବ୍ୟବସାୟୀ ବା ବ୍ୟବସାୟ ପ୍ରତିଷ୍ଠାନର ମାଲିକମାନେ ନିୟମିତ ଭାବେ ସାଧୁତାର ସହ ଟିକସ୍ ଏବଂ ଅନ୍ୟାନ୍ୟ କର ଦେବା ଉଚିତ। ଏହା ଦ୍ୱାରା ସରକାରୀ ରାଜସ୍ୱ ବୃଦ୍ଧିହେବ। ଯାହା ଦେଶର ପ୍ରଗତିରେ ବିନିଯୋଗ ହୋଇପାରିବ।

**ଙ. ଆତ୍ମନିର୍ଭରଶୀଳ ଏବଂ ରପ୍ତାନୀ ବୃଦ୍ଧି**

ଦେଶକୁ ଆତ୍ମ ନିର୍ଭରଶୀଳ କରିବାରେ ସାହାଯ୍ୟ କରିବା ପାଇଁ ବ୍ୟବସାୟ ପ୍ରତିଷ୍ଠାନମାନେ ଜିନଷ ଆମଦାନୀ ଉପରେ କିଛି କଟକଣା କରିବାର ଦାୟିତ୍ୱ ରହିଛି। ଏତଦ୍‌ବ୍ୟତୀତ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ରପ୍ତାନି ବୃଦ୍ଧି କରିବା ସହ ବୈଦେଶିକ ମୁଦ୍ରା ବିନିମୟ ଭଣ୍ଡାର ବୃଦ୍ଧି ପାଇଁ ଲକ୍ଷ୍ୟ ରଖିବା ଆବଶ୍ୟକ।

## ପାଠଗତ ପ୍ରଶ୍ନାବଳୀ ୧.୭

ବନ୍ଧନୀ ମଧ୍ୟରେ ପ୍ରଦତ୍ତ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର:

୧. ଅତ୍ୟାବଶ୍ୟକ ସାମଗ୍ରୀ ଉତ୍ପାଦନ ଏବଂ ଉପଯୁକ୍ତ ମୂଲ୍ୟର ବଣ୍ଟନ ବ୍ୟବସାୟର ............. ଉଦ୍ଦେଶ୍ୟ ଅଟେ।
(ସାମାଜିକ, ଜାତୀୟ, ମାନବିକ)

୨. ଦେଶକୁ ଆତ୍ମନିର୍ଭରଶୀଳ କିରବାରେ ସାହାଯ୍ୟ କରିବା ପାଇଁ ବ୍ୟବସାୟରେ .......... ବୃଦ୍ଧିକରିବା ପ୍ରତିଷ୍ଠାନ ଗୁଡ଼ିକର ଲକ୍ଷ୍ୟ ହେବା ଉଚିତ୍। (ରପ୍ତାନି, ଆମଦାନୀ, ମୂଲ୍ୟ)

୩. ବ୍ୟବସାୟ ପ୍ରତିଷ୍ଠାନ ଗୁଡ଼ିକ ସାଧୁତା ଏବଂ ............. ଟିକସ୍ ପୈଠ କରିବା ଉଚିତ୍। (ବେଳେବେଳ, ନିୟମିତ, ବାରମ୍ୱାର)

୪. ବ୍ୟବସାୟ ଏହାର ସମସ୍ତ ........କୁ ସମାନ ସୁବିଧା ସୁଯୋଗ ଦେବା ଉଚିତ୍। (ମାଲିକ, କର୍ମଚାରୀ, ଯୋଗାଣକାରୀ)

### ୧.୬.୫ ଆନ୍ତର୍ଜାତୀୟ ଉଦ୍ଦେଶ୍ୟ

ପୂର୍ବରୁ ଅନ୍ୟରାଷ୍ଟ୍ରମାନଙ୍କ ସହ ଭାରତର ବାଣିଜ୍ୟ କାରବାର ସେତେ ଅଧିକ ନଥିଲା। ଆମଦାନୀ ଓ ରପ୍ତାନୀ ନୀତି କଠୋର ଥିଲା। ମାତ୍ର ଏବେ ମୁକ୍ତ ଅର୍ଥନୀତି ଏବଂ ଆମଦାନୀ ଓ ରପ୍ତାନୀ ନୀତିଯୋଗୁଁ ବୈଦେଶିକ ପୁଞ୍ଜି ନିବେଶ ଉପରେ ଥିବା କଟକଣା ହ୍ରାସ ପାଇଛି ଏବଂ ଆମଦାନୀ ସାମଗ୍ରୀ ଉପରେ ଶୁଳ୍କ ବିଶେଷଭାବେ କମିଛି। ଏହା ଦ୍ୱାରା ବଜାରରେ ପ୍ରତିଯୋଗିତା ବଢ଼ିଛି। ସମ୍ପ୍ରତି ଜଗତିକରଣ ଯୋଗୁଁ ସମଗ୍ର ବିଶ୍ୱ ବୃହତ ବଜାରରେ ପରିଣତ ହୋଇଛି। ଗୋଟିଏ ଦେଶର ଉତ୍ପାଦିତ ସାମଗ୍ରୀ ଅନ୍ୟଦେଶରେ ତତ୍‌କ୍ଷଣାତ୍ ଉପଲବ୍ଧ ହେଉଛି। ଏଣୁ ବିଶ୍ୱ ବଜାରରେ ପ୍ରତିଯୋଗିତାକୁ ସମ୍ମୁଖୀନ ହେବାପାଇଁ ପ୍ରତ୍ୟେକ ବ୍ୟବସାୟର ଏକ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରହିଥାଏ। ଯାହାକୁ ଗ୍ଲୋବାଲ୍ ଅବଜେକ୍ଟିଭ୍‌ସ ବା ଆନ୍ତର୍ଜାତୀୟ ଲକ୍ଷ୍ୟ କୁହାଯାଏ। ସେ ସଂକ୍ରାନ୍ତରେ କିଛି ତଥ୍ୟ:

**କ. ଜୀବନ ଧାରଣର ମାନବୃଦ୍ଧି**

ସୀମାପାର କାରବାର ବୃଦ୍ଧି ଯୋଗୁଁ ବିଶ୍ୱର ସବୁରାଷ୍ଟ୍ରରେ ସାମଗ୍ରୀ ଓ ସେବା ଉପଯୁକ୍ତ ମୂଲ୍ୟରେ ଉପଲବ୍ଧ ହୋଇଥାଏ। ଗୋଟିଏ ଦେଶର ଲୋକମାନେ ବ୍ୟବହାର କରୁଥିବା ସାମଗ୍ରୀକୁ ଅନ୍ୟଦେଶର ଲୋକମାନେ ମଧ୍ୟ ବ୍ୟବହାର କରିବାର ସୁଯୋଗ ପାଇଥାନ୍ତି। ଏହା ଯୋଗୁଁ ଲୋକଙ୍କର ଜୀବନ ଧାରଣ ମାନରେ ଉନ୍ନତି ଘଟିଥାଏ।

**ଖ. ଅନ୍ତର୍ଜାତୀୟ ତାରତମ୍ୟ ହ୍ରାସ**

ବ୍ୟବସାୟର କାରବାର ବୃଦ୍ଧିଯୋଗୁଁ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ଥିବା ଧନୀ-ଗରିବ ତାରତମ୍ୟ ହ୍ରାସ ପାଇଥାଏ। ବିକାଶଶୀଳ ଓ ଅନୁନ୍ନତ ରାଷ୍ଟ୍ରରେ ପୁଞ୍ଜିନିବେଶ ଜରିଆରେ ସେହି ଦେଶର ଶିଳ୍ପ ପ୍ରଗତି ଓ ଅର୍ଥନୈତିକ ବିକାଶ ହୋଇଥାଏ।

**ଗ. ସାମଗ୍ରୀ ଓ ସେବାର ଉପଲବ୍ଧ**

ବିଶ୍ୱବଜାରରେ ଚାହିଦା ଥିବା ସାମଗ୍ରୀ ବ୍ୟବସାୟ ପ୍ରତିଷ୍ଠାନ ପ୍ରସ୍ତୁତ କରିଥାନ୍ତି। ଏହା ଦ୍ୱାରା ରପ୍ତାନୀକାରୀ ରାଷ୍ଟ୍ରର ପତିଆରା ବୃଦ୍ଧି ହେବା ସହ ବୈଦେଶିକ ବିନିମୟ ମୁଦ୍ରା ମଧ୍ୟ ଆୟ ହୋଇଥାଏ।

## ୧.୭ ବ୍ୟବସାୟର ସାମାଜିକ ଉତ୍ତର ଦାୟିତ୍ୱ

ଆମେ ସମସ୍ତେ ଜାଣୁ ଲାଭ ପାଇଁ ବ୍ୟବସାୟ କରିଥାନ୍ତି। ମାତ୍ର ଲାଭ ଅର୍ଜନ ବ୍ୟବସାୟର ଏକ ମାତ୍ର ଲକ୍ଷ୍ୟ ନୁହେଁ। ଏହା ସମାଜର ଏକ ଅଂଶବିଶେଷ ହୋଇଥିବାରୁ ଅନେକ ସାମାଜିକ ଦାୟିତ୍ୱ ମଧ୍ୟ ନିର୍ବାହ କରିଥାଏ। ବ୍ୟବସାୟର ସ୍ଥିତି ଓ ବିସ୍ତୃତିରେ ମୁଖ୍ୟ ହେଉଥିବା ବ୍ୟକ୍ତି ଯଥା: ମାଲିକ, ନିବେଶକାରୀ, କର୍ମଚାରୀ, ଖାଉଟି ଏବଂ ସରକାରଙ୍କ ପ୍ରତି ଏହା ଦୃଷ୍ଟି ଦେଇଥାଏ। ଏତଦ୍‌ବ୍ୟତୀତ ସମାଜ ଓ ଗୋଷ୍ଠୀ ପ୍ରତି ମଧ୍ୟ ବ୍ୟବସାୟର ଦାୟିତ୍ୱ ରହିଥାଏ। ଏଣୁ ପ୍ରତ୍ୟେକ ବ୍ୟବସାୟ ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ ସେମାନଙ୍କ ପାଇଁ କାର୍ଯ୍ୟ କରିଥାନ୍ତି। ଉଦାହରଣ ସ୍ୱରୂପ, ନିବେଶକାରୀଙ୍କ ପାଇଁ ସନ୍ତୋଷଜନକ ଆୟ, କର୍ମଚାରୀଙ୍କ ପାଇଁ ଭଲ ବେତନ, ସୁରକ୍ଷା ଏବଂ ଉପଯୁକ୍ତ ପରିବେଶ। ଖାଉଟିଙ୍କ ପାଇଁ ଉପଯୁକ୍ତ ମୂଲ୍ୟରେ ଗୁଣାତ୍ମକ ସାମଗ୍ରୀ ଏବଂ ପରିବେଶ ସୁରକ୍ଷାକୁ ପ୍ରତ୍ୟେକ ବ୍ୟବସାୟ ନିଶ୍ଚିତ କରିବା ଉଚିତ୍।

ତେବେ, ଏସବୁ କାର୍ଯ୍ୟ ସମ୍ପାଦନ ବେଳେ ଦୁଇଟିକୁ ସାମାଜିକ ଉତ୍ତର ଦାୟିତ୍ୱ ଭାବେ ଗ୍ରହଣ କରାଯାଇଥାଏ। ପ୍ରଥମତଃ କୌଣସି କାର୍ଯ୍ୟ ଦାତବ୍ୟଭାବେ ଗ୍ରହଣ କରାଯିବ ନାହିଁ। ଏହାର ଅର୍ଥ କୌଣସି ବ୍ୟାବସାୟିକ ସଂସ୍ଥା କୌଣସି ଡାକ୍ତରଖାନା ବା ମନ୍ଦିରକୁ କିଛି ଦାନ କଲେ ତାହାକୁ ସାମାଜିକ ଉତ୍ତରଦାୟିତ୍ୱ କୁହାଯିବ ନାହିଁ କାରଣ ଦାନ କୌଣସି ସାମାଜିକ ଉତ୍ତର ଦାୟିତ୍ୱ ପୂରଣ କରେ ନାହିଁ। ଦ୍ୱିତୀୟରେ ଏପରି କୌଣସି କାର୍ଯ୍ୟ କରାଯିବ ନାହିଁ ଯାହା କେତେକଙ୍କ ପାଇଁ ଭଲ ଏବଂ ଆଉ ତେକେତେକଙ୍କ ପାଇଁ ଅସୁବିଧାର କାରଣ ହେବ। ଉଦାହରଣ ସ୍ୱରୂପ ଜଣେ ବ୍ୟବସାୟୀ ଚୋରୀ କରି ବା ଖାଉଟିଙ୍କୁ ଠକେଇ ପ୍ରଭୂତ ଆୟ କରିବ ଏବଂ ଆୟ ଅର୍ଥରେ ଏକ ହସ୍‌ପିଟାଲ କରି ଗରିବ ଲୋକଙ୍କୁ କମ୍ ମୂଲ୍ୟରେ ଚିକିତ୍ସା ସେବା ଯୋଗାଇଲେ ତାହାକୁ ସାମାଜିକ ଉତ୍ତର ଦାୟିତ୍ୱ କୁହାଯିବ ନାହିଁ। ସାମାଜିକ ଉତ୍ତରଦାୟିତ୍ୱ ହେଲା ଯେକୌଣସି ବ୍ୟବସାୟ ସଂସ୍ଥା ବ୍ୟବସାୟ ଅବଧିରେ ଏମିତି କୌଣସି କାର୍ଯ୍ୟ କରିବା ଉଚିତ୍ ନୁହେଁ ଯାହା ସମାଜ ପାଇଁ କ୍ଷତିକାର ହେବ।

ଏଣୁ ସାମାଜିକ ଉତ୍ତର ଦାୟିତ୍ୱ ବ୍ୟବସାୟୀଙ୍କୁ ଅଧିକ ଲାଭ ପାଇଁ ଅସାଧୁ ଉପାୟ ଅବଲମ୍ବନ କରି ମହଜୁଦ କରି ରଖିବା, ଟିକସ ଫାଙ୍କି ଏବଂ ଖାଉଟିଙ୍କୁ ଠକିବା ଆଦି କରିବାକୁ ନିରୁତ୍ସାହିତ କରିଥାଏ। ଅନ୍ୟ ପକ୍ଷରେ କର୍ମଚାରୀଙ୍କୁ କାମ କରିବା ପାଇଁ ଭଲ ପରିବେଶ, ଗ୍ରାହକଙ୍କୁ ଭଲ ସାମଗ୍ରୀ ଏବଂ ବିକ୍ରିପରେ ଉତ୍ତମ ସେବା ଆଦି ପ୍ରଦୂଷଣ ନିୟନ୍ତ୍ରଣ ତଥା ପ୍ରାକୃତିକ ସମ୍ବଳର ସଂରକ୍ଷଣ କରିବାକୁ ମଧ୍ୟ ଏହା ପ୍ରୋତ୍ସାହିତ କରିଥାଏ।

## ପାଠଗତ ପ୍ରଶ୍ନାବଳୀ ୧.୮

ଉପଯୁକ୍ତ ଶବ୍ଦଦ୍ୱାରା ଶୂନ୍ୟସ୍ଥାନ ପୂରଣ କର।

କ. ପ୍ରତ୍ୟେକ ବ୍ୟବସାୟ ଏକ ............. ମଧ୍ୟରେ କାର୍ଯ୍ୟ କରିଥାଏ।

ଖ. ବ୍ୟବସାୟର ସାମାଜିକ ଉତ୍ତରଦାୟିତ୍ୱ ଅର୍ଥ ସମାଜ ମଙ୍ଗଳ ଅର୍ଥରେ କରାଯାଇଥିବା କର୍ତ୍ତବ୍ୟ ଏବଂ ........... ।

ଗ. ଗ୍ରାହକଙ୍କୁ ଚଡ଼ାମୂଲ୍ୟରେ ....... ସାମଗ୍ରୀ ବିକ୍ରିକରି ନିବେଶକାରୀଙ୍କୁ ଭଲ ଲାଭ ଦେବା ସାମାଜିକ ଉତ୍ତରଦାୟିତ୍ୱକୁ ବୁଝାଏ ନାହିଁ।

ଘ. ସରକାର ନୀତିନିୟମକୁ ଫାଙ୍କିବା ପାଇଁ ବ୍ୟବସାୟ ପ୍ରତିଷ୍ଠାନମାନେ .........ଭାବେ କାର୍ଯ୍ୟ କରିବା ଉଚିତ୍।

ଙ. ବ୍ୟବସାୟର ଆୟ ସାଧାରଣ ଜନତାଙ୍କ ........... ସଂକ୍ରାନ୍ତ କାର୍ଯ୍ୟକଳାପ ଉପରେ ନିର୍ଭର କରେ।

ଚ. ସମ୍ପ୍ରତି ........... ଯୋଗୁଁ ସମଗ୍ର ବିଶ୍ୱ ଏକ ବୃହତ୍ତ ବଜାରରେ ପରିଣତ ହୋଇଛି।

ଛ. .......... ଯୋଗୁଁ ଜଣେ ବ୍ୟବସାୟୀ ବ୍ୟବସାୟର କାରବାର ସମୟରେ ସମାଜର କ୍ଷତି ହେଲାଭଳି କାର୍ଯ୍ୟରୁ ନିବୃତ୍ତ ରହେ।

ଜ. ସାମାଜିକ ଉତ୍ତରଦାୟିତ୍ୱ ବ୍ୟବସାୟୀଙ୍କୁ ଅଧିକ ଲାଭ ଅର୍ଜନ ପାଇଁ ଅସାଧୁ ଉପାୟ ଅବଲମ୍ବନ, ଅପମିଶ୍ରଣ, ଟିକସଫାଙ୍କି ଏବଂ ଗ୍ରାହକଙ୍କୁ ଠକେଇ ଆଦି କରିବାକୁ ......... କରିଥାଏ।

## ୧.୮ ବିଭିନ୍ନ ବର୍ଗପ୍ରତି ଦାୟିତ୍ୱ (ବ୍ୟବସାୟର କର୍ତ୍ତବ୍ୟ)

ସାମାଜିକ ଉତ୍ତର ଦାୟିତ୍ୱ ସ୍ୱରୂପ ଏବଂ ଗୁରୁତ୍ୱ ସଂକ୍ରାନ୍ତରେ ସମ୍ୟକ ଧାରଣା ପରେ ଏକ ବିଭିନ୍ନ ବର୍ଗ ସହ ବ୍ୟବସାୟର ସାମାଜିକ ଉତ୍ତର ଦାୟିତ୍ୱ ସଂପର୍କରେ ଜାଣିବା। ସାଧାରଣତଃ ମାଲିକ, ଗ୍ରାହକ, କର୍ମଚାରୀ, ଯୋଗାଣକାରୀ, ଋଣଦାତା, ପ୍ରତିଯୋଗୀ, ସରକାର ଏବଂ ସମାଜ ସହ ବ୍ୟବସାୟର ସମ୍ପର୍କ ସହିତ ସେମାନଙ୍କୁ ବ୍ୟବସାୟ ସହ ସଂପୃକ୍ତି ଗ୍ରୁପ୍ କରାଯାଏ। କାରଣ ବ୍ୟବସାୟ କାର୍ଯ୍ୟଧାରା ସେମାନଙ୍କୁ ପ୍ରତ୍ୟକ୍ଷ ବା ପରୋକ୍ଷଭାବରେ ପ୍ରଭାବିତ କରେ।

### କ. ମାଲିକ ଏବଂ ନିବେଶକାରୀଙ୍କ ପ୍ରତି ଦାୟିତ୍ୱ

ମାଲିକଙ୍କ ପ୍ରତି ବ୍ୟବସାୟର ମୂଳ ଦାୟିତ୍ୱ ହେଲା:

୧. ଦକ୍ଷତାର ସହ ବ୍ୟବସାୟ ପରିଚାଳନା
୨. ପୁଞ୍ଜି ଓ ଅନ୍ୟାନ୍ୟ ସମ୍ବଳର ସଦୁପଯୋଗ
୩. ପୁଞ୍ଜି ବୃଦ୍ଧି ଏବଂ ଅଭିବୃଦ୍ଧି
୪. ନିବେଶ ପୁଞ୍ଜିର ନିୟମିତ ଏବଂ ଭଲ ଆୟ
୫. ନିବେଶର ସୁରକ୍ଷା ନିଶ୍ଚିତ କରିବା
୬. ନିୟମିତ ସୁଧ ପରିଶୋଧ
୭. ସମୟାନୁସାରେ ମୂଳଧନ ଫେରସ୍ତ

### ଖ. ଋଣଦାତାଙ୍କ ପ୍ରତି ଦାୟିତ୍ୱ


୧. ଠିକ୍ ସମୟରେ ପରିଶୋଧ
୨. ପ୍ରଦତ୍ତ ଋଣ ବା ବାକିର ସୁରକ୍ଷା
୩. ଅନ୍ୟମାନଙ୍କ ପରି ବ୍ୟବସାୟୀ ନୀତିନିୟମ ପାଳନ

### ଗ. କର୍ମଚାରୀଙ୍କ ପ୍ରତି ଦାୟିତ୍ୱ

୧. ଠିକ୍ ସମୟରେ ଦରମା ବା ମଜୁରୀ ପ୍ରଦାନ
୨. କାମ କରିବା ପାଇଁ ଉପଯୁକ୍ତ ପରିବେଶ ଏବଂ ଅନ୍ୟାନ୍ୟ ସୁବିଧା
୩. କ୍ୟାରିଅର ଗଠନ ପାଇଁ ସୁବିଧା ସୁଯୋଗ
୪. ନିଯୁକ୍ତି ସୁରକ୍ଷା ସାଙ୍ଗକୁ ଭବିଷ୍ୟନିଧି ପାଣ୍ଠି, ଗ୍ରୁପ୍ ଇନ୍ସ୍ୟୁରାନ୍ସ, ଅବସର ଭତ୍ତା, ଅବସର କାଳୀନ ଅନ୍ୟାନ୍ୟ ସୁବିଧା ସୁଯୋଗ ପରି ସାମାଜିକ ନିରାପତ୍ତା ଇତ୍ୟାଦି।
୫. ଉନ୍ନତ ଜୀବନ ଧାରଣ ସୁବିଧା ଯଥା: ଗୃହ, ପରିବହନ, କ୍ୟାଣ୍ଟିନ୍, କ୍ରିଚ୍ ଆଦିର ସୁବିଧା।
୬. ଠିକଣା ସମୟରେ ତାଲିମ୍ ଏବଂ ବିକାଶ କାର୍ଯ୍ୟକ୍ରମ

### ଘ. ଯୋଗାଣକାରୀଙ୍କ ପ୍ରତି ଦାୟିତ୍ୱ

୧. ସାମଗ୍ରୀ କ୍ରୟପାଇଁ ନିୟମିତ ବରାଦ
୨. ସ୍ୱଚ୍ଛ ସର୍ତ୍ତାବଳୀ ଓ ନିବନ୍ଧନକୁ ଗ୍ରହଣ
୩. ଉପଯୁକ୍ତ କ୍ରେଡ଼ିଟ୍ ପରିୟଣ (ଧାର ମିଆଦ)
୪. ଠିକ୍ ସମୟରେ ବକେୟା ପୈଠ ବା ପରିଶୋଧ



**ଙ.  ଗ୍ରାହକଙ୍କ ପ୍ରତି ଉତ୍ତର ଦାୟିତ୍ୱ**

୧.  ଖାଉଟି ବା ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଦ୍ରବ୍ୟ ଓ ସେବା ଯୋଗାଣ

୨.  ଗୁଣାତ୍ମକ ସାମଗ୍ରୀ ଓ ସେବା ଯୋଗାଣ

୩.  ସେବା ଓ ଦ୍ରବ୍ୟ ଯୋଗାଣର ନିରବଚ୍ଛିନ୍ନତା

୪.  ଦ୍ରବ୍ୟ ଓ ସେବାର ଉପଯୁକ୍ତ ମୂଲ୍ୟ

୫.  ଉତ୍ପାଦର ସମସ୍ତ ସୁବିଧା, ଅସୁବିଧା ଏବଂ ଉତ୍ପାଦର ବ୍ୟବହାର ସମ୍ପର୍କରେ ଗ୍ରାହକଙ୍କୁ ଆଗୁଆ ସୂଚନା

୬.  ବିକ୍ରି ପରବର୍ତ୍ତୀ ସେବା ଯୋଗାଣ

୭.  ଗ୍ରାହକଙ୍କ ଯେକୌଣସି ପ୍ରକାର ଅଭିଯୋଗର ଆଶୁ ସମାଧାନ

୮.  ଓଜନରେ ଠକେଇ ଏବଂ ଅପମିଶ୍ରଣରୁ ଦୂରେଇବା

**ଚ.  ପ୍ରତିଯୋଗିଙ୍କ ପ୍ରତି ଦାୟିତ୍ୱ**

ପ୍ରତିଯୋଗିଙ୍କ ପ୍ରତି ଏକ ବ୍ୟବସାୟ ନିମ୍ନଲିଖିତ ଆଭିମୁଖ୍ୟ ପୋଷଣ କରିବା ଅନୁଚିତ୍:

୧.  ବିତରଣକାରୀ ଏବଂ ଏଜେଣ୍ଟଙ୍କୁ ଅଧିକ କମିଶନ

୨.  ଗ୍ରାହକଙ୍କୁ ଅଧିକ ରିହାତି ବା ପ୍ରତ୍ୟେକ ସାମାଗ୍ରୀ କ୍ରୟ ଉପରେ ମାଗଣା ଉପହାର

୩.  ଭୁଲ ତଥା ଭ୍ରମାତ୍ମକ ବିଜ୍ଞାପନ ଜରିଆରେ ପ୍ରତିଯୋଗୀଙ୍କୁ ବଦନାମ କରିବା

**ଛ.  ସରକାରଙ୍କ ପ୍ରତି ଦାୟିତ୍ୱ**

୧.  ସରକାରୀ ଆଇନ୍ ଅନୁସାରେ ବ୍ୟବସାୟ ପ୍ରତିଷ୍ଠା

୨.  ସାଧୁତାର ସହ ଏବଂ ନିୟମିତ ଭାବେ ଟିକସ ଓ ଅନ୍ୟାନ୍ୟ ଫି' ପ୍ରଦାନ

୩.  ଏମ୍.ଆରଟିପି କାର୍ଯ୍ୟକଳାପରେ ଲିପ୍ତ ନହେବା

୪.  ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ପ୍ରଦୂଷଣ ନିୟମକୁ ପାଳନ କରିବା

୫.  ଲାଞ୍ଚଦେବା ବା ଅନ୍ୟାନ୍ୟ ବେଆଇନ୍ କାର୍ଯ୍ୟକଳାପରେ ଲିପ୍ତ ନହେବା

**ଜ.  ସମାଜ ପ୍ରତି ଉତ୍ତର ଦାୟିତ୍ୱ**

ବ୍ୟକ୍ତି, ଦଳ, ସଂଗଠନ ଓ ପରିବାରକୁ ନେଇ ସମାଜ ଗଠିତ। ଏମାନେ ସବୁ ସମାଜର ଅଂଶ ବିଶେଷ। ସେମାନେ ପରସ୍ପର ସହ ସମ୍ପୃକ୍ତ ଏବଂ ବିଭିନ୍ନ କାର୍ଯ୍ୟକଳାପରେ ପରସ୍ପରପ୍ରତି ନିର୍ଭରଶୀଳ। ସେମାନଙ୍କ ମଧ୍ୟରେ ପ୍ରତ୍ୟେକ୍ଷ ବା ପରୋକ୍ଷ ସମ୍ବନ୍ଧ ରହିଛି। ସମାଜର ଅଂଶ ଭାବେ ବ୍ୟବସାୟର ମଧ୍ୟ ସମାଜର ଅନ୍ୟ ସଦସ୍ୟ ଓ ଅଂଶ ପ୍ରତି ସାମାଜିକ ଗୁରୁଦାୟିତ୍ୱ ରହିଛି। ଏଣୁ ସମାଜ ପ୍ରତି ବ୍ୟବସାୟୀର କିଛି ଦାୟିତ୍ୱ ଅଛି। ସେଗୁଡ଼ିକ ହେଲା:

୧.  ସମାଜର ଦୁର୍ବଳ ଓ ପଛୁଆବର୍ଗଙ୍କୁ ସାହାଯ୍ୟ

୨.  ସମାଜିକ ଓ ସାଂସ୍କୃତିକ ମୂଲ୍ୟବୋଧର ସୁରକ୍ଷା ଓ ପ୍ରସାର

୩.  ନିଯୁକ୍ତ ସୁଯୋଗ ସୃଷ୍ଟି

୪.  ପରିବେଶର ସୁରକ୍ଷା

୫.  ପ୍ରାକୃତିକ ସମ୍ବଳ ଓ ବନ୍ୟପ୍ରାଣୀଙ୍କ ସଂରକ୍ଷଣ

୬.  କ୍ରୀଡ଼ା ଓ ସଂସ୍କୃତିର ପ୍ରଚାର ପ୍ରସାର

୭. ଶିକ୍ଷା, ସ୍ୱାସ୍ଥ୍ୟ ଓ ବୈଷୟିକ ଜ୍ଞାନ କୌଶଳ ବିକାଶ ସଂକ୍ରାନ୍ତ ଗବେଷଣା ପାଇଁ ସହାୟତା ପ୍ରାଭାବ ଆଦି।

## ପାଠଗତ ପ୍ରଶ୍ନାବଳୀ ୧.୯

ନିମ୍ନରେ ବିଭିନ୍ନ ବର୍ଗପ୍ରତି ବ୍ୟବସାୟର ଦାୟିତ୍ୱ ଦର୍ଶାଯାଇଛି, କେଉଁବର୍ଗ ପାଇଁ ସଂପୃକ୍ତ ଦାୟିତ୍ୱ ଉପଯୁକ୍ତ ଦର୍ଶାଅ।

କ) ପରିବେଶ ସୁରକ୍ଷା

ଖ) ଉନ୍ନତ ଜୀବନ ଧାରଣ ସୁବିଧା ଯଥା ଗୃହଯୋଗାଣ, ପରିବହନ, କ୍ୟାଣ୍ଟିନ୍, କ୍ରୀଚ୍ ଆଦି।

ଗ) କ୍ରୀଡ଼ା ଓ ସଂସ୍କୃତିର ପ୍ରସାର

ଘ) କ୍ୟାରିଅର ଗଠନର ସୁବିଧା

ଙ) ନିୟମିତଭାବେ ସାମଗ୍ରୀ ଓ ସେବା ଯୋଗାଣ

ଚ) କାର୍ଯ୍ୟକରିବାର ଉପଯୁକ୍ତ ପରିବେଶ ଏବଂ କଲ୍ୟାଣକାରୀ ସୁବିଧା

ଛ) ଠିକ୍ ମୂଲ୍ୟର ସାମଗ୍ରୀ ଓ ସେବା ଯୋଗାଣ

ଜ) ବିକ୍ରୀ ପରବର୍ତ୍ତୀ ସେବା

ଝ) ପ୍ରାକୃତିକ ସମ୍ବଳ ଏବଂ ବନ୍ୟପ୍ରାଣୀଙ୍କ ସଂରକ୍ଷଣ।

## ୧.୯ ପରିବେଶ ପ୍ରଦୂଷଣ ଏବଂ ବ୍ୟବସାୟର ଭୂମିକା

ସମାଜରେ ସ୍ଥାୟିତ୍ୱ ପାଇଁ ପରିବେଶର ସୁରକ୍ଷା ଜରୁରୀ, ଏବଂ ସେହି କାରଣରୁ ପରିବେଶକୁ କ୍ଷତିଗ୍ରସ୍ତ ନକରାଇ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ଏହାର ସୁରକ୍ଷା କରିଥାନ୍ତି। ଏହି ବିଷୟରେ ଆମେ ବିଭିନ୍ନ ପ୍ରକାର ପରିବେଶ ପ୍ରଦୂଷଣ ଏବଂ ବ୍ୟବସାୟର ଭୂମିକା ସମ୍ପର୍କରେ ଜାଣିବା। ପରିବେଶ ପ୍ରଦୂଷଣ କହିଲେ ଜୀବିତ ଓ ମୃତ ବସ୍ତୁକୁ ପ୍ରଭାବିତ / କ୍ଷତିଗ୍ରସ୍ତ କରୁଥିବା ବିଭିନ୍ନ ପଦାର୍ଥ ବା କଣିକା ଦ୍ୱାରା ପରିବେଶ ଦୂଷିତ କରଣକୁ ବୁଝାଏ।

**ପରିବେଶ ପ୍ରଦୂଷଣ ତିନିପ୍ରକାରର:**


(କ) ବାୟୁ ପ୍ରଦୂଷଣ (ଖ) ଜଳ ପ୍ରଦୂଷଣ (ଗ) ଭୂମି ପ୍ରଦୂଷଣ

### କ) ବାୟୁ ପ୍ରଦୂଷଣ

ଆମେ ଜାଣୁ ଆମେ ଶ୍ୱାସକ୍ରିୟାରେ ନେଉଥିବା ବାୟୁରେ ବିଭିନ୍ନ ପ୍ରକାର ଗ୍ୟାସ, ଧୂଳିକଣା ଆଦି ରହିଛି। ଆମ ଶାରୀରିକ କ୍ରିୟା ଅଦରକାରୀ ଗ୍ୟାସକୁ ବାହାର କରିଦିଏ ଏବଂ ଶରୀର ପାଇଁ ଆବଶ୍ୟକ ହେଉଥିବା ଉପାଦାନ ଗ୍ରହଣ କରେ। ଏହା ଅନ୍ୟ ପ୍ରାକୃତିକ ସମ୍ପଦ ବଣଜଙ୍ଗଲ, ନଦନଦୀ ପାଇଁ ମଧ୍ୟ ପ୍ରଯୁଜ୍ୟ ସତ। ବାୟୁରେ ଅନାବଶ୍ୟକ ଗ୍ୟାସ ଓ ଧୂଳିକଣାର ଉପସ୍ଥିତି ଯାହା ଯୋଗୁଁ ମଣିଷ ଏବଂ ପ୍ରକୃତି ନଷ୍ଟ ହୋଇଥାଏ।



Air Pollution



ଟିପ୍ପଣୀ



### ବାୟୁ ପ୍ରଦୂଷଣର କାରଣ

ବାୟୁ କେମିତି ପ୍ରଦୂଷିତ ହୁଏ ଜାଣିବା। ବାୟୁ ପ୍ରଦୂଷଣର କିଛି ସାଧାରଣ କାରଣ ହେଲା:

୧. ଯାନବାହାନରୁ ନିର୍ଗତ ଧୂଆଁ

୨. କାରଖାନାରୁ ନିର୍ଗତ ଧୂଆଁ, ଧୂଳି ଏବଂ ଅନ୍ୟାନ୍ୟ ରାସାୟନିକ ପଦାର୍ଥ

୩. ପରମାଣୁ ଶକ୍ତି କେନ୍ଦ୍ରରୁ ନିର୍ଗତ ଗ୍ୟାସ ଏବଂ ଧୂଳିକଣା

୪. ତୈଳ ବିଶୋଧନାଗାରରୁ ନିର୍ଗତ ଧୂଆଁ, ଜଙ୍ଗଲ ଗଛଲତା ପୋଡ଼ିଯିବା ଏବଂ କୋଇଲା ଜଳିବା ଆଦି।

### ବାୟୁ ପ୍ରଦୂଷଣର ପ୍ରଭାବ

ବାୟୁ ପ୍ରଦୂଷଣ ଆମକୁ ଓ ଆମ ପରିବେଶକୁ ବିଶେଷ ପ୍ରଭାବିତ କରିଥାଏ, ସେଗୁଡ଼ିକ ହେଲା:

୧. ବାୟୁରେ କେତେକ ଗ୍ୟାସ ରହିଛି, ଯାହାର ଉପସ୍ଥିତି ମଣିଷ ସମାଜ, ପଶୁପକ୍ଷୀଙ୍କ ପାଇଁ ଅନାବଶ୍ୟକ। ସେହିସବୁ ଗ୍ୟାସ ଯୋଗୁଁ ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ସୃଷ୍ଟି ହୋଇଥାଏ। ଆଜ୍‌ମା, କାଶ ଓ ସର୍ଦ୍ଦି, ଅନ୍ଧତ୍ୱ, ଶ୍ରବଣଶକ୍ତି ହରାଇବା ସହ ବିଭିନ୍ନ ଚର୍ମରୋଗ ମଧ୍ୟ ହୋଇଥାଏ। ଜିନ୍‌ଗତ ବିଶୃଙ୍ଖଳାର ମଧ୍ୟ ଏହା କାରଣ। ଏହା ମଧ୍ୟ ଅଧିକାଂଶ ସମୟରେ ଘାତକ ସାବସ୍ତ୍ୟ ହୁଏ।

୨. ବାୟୁପ୍ରଦୂଷଣ ଯୋଗୁଁ ଶୀତଦିନେ ସ୍ମୋଗ୍ ସୃଷ୍ଟି ହୋଇଥାଏ, ସ୍ମୋଗ୍ ହେଲା କୁହୁଡ଼ି ଏବଂ ଧୂଳିକଣା ମିଶା ଆସ୍ତରଣ। ଏହା ଯୋଗୁଁ ଦୃଶ୍ୟମାନ ଦୂରତା ହ୍ରାସ ପାଇଥାଏ ଏବଂ ଆଖି ଏବଂ ଶ୍ୱାସକ୍ରିୟାରେ ସମସ୍ୟା ସୃଷ୍ଟି ହୋଇଥାଏ।

୩. ଓଜୋନ ଆସ୍ତରଣ ଆମ ପୃଥିବୀ ଚାରିପାଖରେ ଗ୍ୟାସକୁ ସୁରକ୍ଷିତ ରଖିଥାଏ। ଏହା ମଧ୍ୟ ସୂର୍ଯ୍ୟଠାରୁ ଆସୁଥିବା କ୍ଷତିକାରକ ଅତିବାଇଗଣୀ ରଶ୍ମି ଦାଉରୁ ଜୀବଜଗତକୁ ରକ୍ଷାକରେ। ବାୟୁ ପ୍ରଦୂଷଣ ଯୋଗୁଁ ଓଜୋନ ସ୍ତରରେ ଛିଦ୍ର ସୃଷ୍ଟିହୁଏ, ଫଳରେ ଜିନ୍ ସମସ୍ୟା ଏବଂ ଚର୍ମ କର୍କଟ ହୁଏ।

୪. ବାୟୁପ୍ରଦୂଷଣ ଯୋଗୁଁ ପୃଥିବୀର ତାପମାତ୍ରା ମଧ୍ୟ ବୃଦ୍ଧି ପାଇଥାଏ। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳଯାନ, ମିଥେଲ, ନାଇଟ୍ରସ୍ ଅକ୍ସାଇଡ଼ର ମାତ୍ରାଧିକ ଉପସ୍ଥିତିଯୋଗୁଁ ସୂର୍ଯ୍ୟଙ୍କ ତାତି ବାୟୁବଣ୍ଡଳକୁ ବିକିରୀତ ହୋଇପାରେ ନାହିଁ, ଫଳରେ ପୃଥିବୀତାପମାତ୍ରା ବୃଦ୍ଧିପାଏ।

୫. ବାୟୁପ୍ରଦୂଷଣ ଯୋଗୁଁ ଅମ୍ଳବର୍ଷା, ବା ଏସିଡ଼ ରେନ୍ ହୋଇଥାଏ। ଏସିଡ଼ ରେନ(Acid Rain) ହେଲା ବୃଷ୍ଟିଜଳରେ ସଲଫର, ଡାଇଅକ୍ସାଇଡ଼, ନାଇଟ୍ରୋଜେନ୍ ଅକ୍ସାଇଡ଼ ପରି ବିଷାକ୍ତ ଗ୍ୟାସର ମାତ୍ରାଧିକ ମିଶ୍ରଣ। ଏହା ଯୋଗୁଁ ପନିପରିବା, ଗଛଲତା, ଜଳଜୀବ, କୋଠାଘର ଏବଂ କୀର୍ତ୍ତିରାଜିର ବିଶେଷ କ୍ଷୟକ୍ଷତି ହୋଇଥାଏ।

ଅଧିକ ଶବ୍ଦ ଯୋଗୁଁ ମଧ୍ୟ ପରିବେଶ ପ୍ରଦୂଷିତ ହୋଇଥାଏ। ଏହାକୁ ଶବ୍ଦପ୍ରଦୂଷଣ କହନ୍ତି। ଶବ୍ଦପ୍ରଦୂଷଣର ଅର୍ଥ ହେଲା ମାତ୍ରାଧିକ ଶବ୍ଦଯୋଗୁଁ ଶୁଣିବାରେ ସମସ୍ୟା। ଆଧୁନିକ ଯନ୍ତ୍ରପାତି ଯଥା: ରେଳ ଇଞ୍ଜିନ୍, ଡାକବାଜି ଯନ୍ତ୍ର, ଡାଇନାମୋ, ବିମାନ, ଯାନବାହାନ, ଯନ୍ତ୍ରପାତି ଟେଲିଫୋନ, ଟେଲିଭିଜନ ଇତ୍ୟାଦି ଶବ୍ଦପ୍ରଦୂଷଣର କାରଣ। ପ୍ରାଥମିକ ଅବସ୍ଥାରେ ଏହା ଶୁଣିବା ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ। ମାତ୍ର ଦୀର୍ଘ ସମୟ ଶବ୍ଦ ପ୍ରଦୂଷଣ ଲାଗିରହିଲେ ଶ୍ରବଣ ଶକ୍ତି ଲୋପ ପାଇଥାଏ। ଏହା ଛଡ଼ା ମଣ୍ଡ ବିନ୍ଧା, ପ୍ରଦାହ, ଉଚ୍ଚରକ୍ତଚାପ, ସ୍ନାୟୁଗତ ଏବଂ ମାନସିକ ବିଶୃଙ୍ଖଳା ବା ସମସ୍ୟା ସୃଷ୍ଟି ହୋଇଥାଏ।



ଟିପ୍ପଣୀ

### ଖ) ଜଳ ପ୍ରଦୂଷଣ

ଦିଲ୍ଲୀର ଯମୁନା ନଦୀ ଦେଖିଛ ? ଗଙ୍ଗା ପରିଚ୍ଛନ୍ନ ପ୍ରକଳ୍ପ ବା କ୍ଲିନ୍ ଗଙ୍ଗା ପ୍ରୋଜେକ୍ଟ ସମ୍ପର୍କରେ ଶୁଣିଛ ? ଏହି ଦୁଇଟି ପ୍ରସଙ୍ଗ ଆମକୁ ଆମ ନଦୀ ଜଳ ପ୍ରଦୂଷଣ ସଂକ୍ରାନ୍ତରେ ସୂଚାଇଥାଏ। ଜଳରେ ଦୂଷିତ ତଥା କ୍ଷତିକାରକ ପଦାର୍ଥର ଉପସ୍ଥିତି ବା ମିଶ୍ରଣକୁ ଜଳ ପ୍ରଦୂଷଣ କୁହାଯାଏ। ଏହା ଯୋଗୁଁ ଜଳ ବ୍ୟବହାର ପାଇଁ ଅନୁପଯୁକ୍ତ ହୋଇଥାଏ।



Water Pollution

### ଜଳପ୍ରଦୂଷଣର କାରଣ

ଜଳ ପ୍ରଦୂଷଣର ବିଭିନ୍ନ କାରଣ ହେଲା:

କ) ନଦୀ ଓ କେନାଲ ଜଳରେ ମାନବର ବର୍ଜ୍ୟବସ୍ତୁ ମିଶ୍ରଣ

ଖ) ଜଳ ନିଷ୍କାସନ ଓ ପରିମଳ ବ୍ୟବସ୍ଥାରେ ତ୍ରୁଟି

ଗ) ନଦୀ ଓ କେନାଲକୁ ଶିଳ୍ପ କାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ ଛାଡ଼ିବା

ଘ) ଚାଷକାମରେ ବ୍ୟବହୃତ ରାସାୟନିକ ପଦାର୍ଥ ଓ ସାରପରି ବିଷାକ୍ତ ଓ କ୍ଷତିକାରକ ପଦାର୍ଥ ନଦୀ ଓ ଝରଣା ଜଳରେ ମିଶିବା

ଙ) ନିକଟବର୍ତ୍ତୀ ଜଳାଶୟରେ ମଇଳା, ମୃତଦେହ ଏବଂ ବିଭିନ୍ନ ସମୟରେ କରାଯାଉଥିବା ଧର୍ମୀୟ ରୀତିନିତିର ବ୍ୟବହୃତ ସାମଗ୍ରୀ ଫିଙ୍ଗିବା।

### ଜଳପ୍ରଦୂଷଣର ପ୍ରଭାବ

ଜଳ ପ୍ରଦୂଷଣର ବିଭିନ୍ନ ପ୍ରଭାବ ହେଲା:

୧. ଏହା ମଣିଷ, ପଶୁପକ୍ଷୀଙ୍କ ଠାରେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟିକରେ। ଫଳରେ ଟାଇଫଏଡ୍, କଲେରା, ଜଣ୍ଡିସ୍ ଏବଂ ପେଟ ଗ୍ୟାସ ଆଦି ସମସ୍ୟା ସୃଷ୍ଟି ହୁଏ।

୨. ବିଭିନ୍ନ ଜଳଜୀବ ପ୍ରାଣ ହାନୀର କାରଣ ହୋଇଥାଏ।

୩. ନଦୀ, ନାଳ, ଏବଂ ଭୂଗର୍ଭସ୍ଥ ଜଳ ପ୍ରଦୂଷିତ ହେଉଥିବାରୁ ପାନୀୟଜଳ ସଙ୍କଟ ସୃଷ୍ଟିହୋଇଥାଏ।

### ପାଠଗତ ପ୍ରଶ୍ନାବଳୀ ୧.୧୦

୧. ଅଧ୍ୟାୟରୁ ଉପଯୁକ୍ତ ଶବ୍ଦ ଜରିଆରେ ଶୂନ୍ୟସ୍ଥାନ ପୂରଣ କର

କ. ଆମ ବ୍ୟବହାର ଅନ୍ୟମାନଙ୍କ ପାଇଁ .......... ହେବା ଅନୁଚିତ୍।

ଖ. ଲୋକଙ୍କ ପ୍ରସଂଶନୀୟ କାର୍ଯ୍ୟକଳାପ ଏବଂ ବ୍ୟବହାର ସମାଜରେ ପରିଚୟ ଏବଂ ............ ସୃଷ୍ଟିକରେ।

ଗ. .......... ସାମଗ୍ରୀ ବିକ୍ରି କରିବାକୁ ବ୍ୟବସାୟ ନୀତି କାରଣ ରହିଛି।

ଘ. ସାମାଜିକ ଉତ୍ତର ଦାୟିତ୍ୱ ପାଇଁ ....... ସାମାଜିକ ମୂଲ୍ୟବୋଧର କାରଣ।

ଙ. ସରକାରଙ୍କୁ ନିୟମିତ ଏବଂ ସାଧୁତାର ସହ ଟିକସ ପୈଠ କରିବା ... ଦ୍ୱାରା ପରିଚାଳିତ।

୨. ନିମ୍ନ ଲିଖିତକୁ ମିଳାଅ

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ୧. ପରିବେଶ ପ୍ରଦୂଷଣ | କ. ଧୂଳିକଣା, ଧୂଆଁ ଏବଂ କୁହୁଡ଼ିର ମିଶ୍ରଣ |
| ୨. ବାୟୁପ୍ରଦୂଷଣ | ଖ. ଶବ୍ଦପ୍ରଦୂଷଣର କାରଣ |
| ୩. ଜଳ ପ୍ରଦୂଷଣ | ଗ. ବାୟୁମଣ୍ଡଳରେ ଅଦରକାରୀ ପଦାର୍ଥର ଉପସ୍ଥିତି ଯାହା ସମସ୍ୟା ସୃଷ୍ଟିକାରୀ |
| ୪. ସ୍ମୋଗ | ଘ. ବାୟୁରେ ଗ୍ୟାସ ଏବଂ ଧୂଳିକଣାର ଅସମାନତା |
| ୫. ବିମାନ | ଙ. ଜଳରେ କ୍ଷତିକାରକ ପଦାର୍ଥର ମାତ୍ରାଧିକ ଉପସ୍ଥିତି |

### ଗ. ଭୂମି ପ୍ରଦୂଷଣ

ଆମେ ବ୍ୟବହାର କରୁଥିବା ଜମିରେ ଅନାବଶ୍ୟକ ଏବଂ ଅଦରକାରୀ ତଥା ବିଷାକ୍ତ ପଦାର୍ଥ ପକାଇବା ଯୋଗୁଁ ଭୂମି ବ୍ୟବହାର ପାଇଁ ଅନୁପଯୁକ୍ତ ହୋଇଥାଏ । ଏହାକୁ ଭୂମି ପ୍ରଦୂଷଣ କହନ୍ତି । ଭୂମିରେ ମଣିଷର ବେପରୁଆ କାରବାର ଯୋଗୁଁ ଭୂମି ବା ମାଟି ପ୍ରଦୂଷିତ ହୋଇଥାଏ ।


Land Pollution

### ଭୂମି ପ୍ରଦୂଷଣର କାରଣ

ଭୂମି ପ୍ରଦୂଷଣର ମୁଖ୍ୟ କାରଣ ହେଲା:

୧. କୃଷକିକାର୍ଯ୍ୟରେ ମାତ୍ରାଧିକ ପରିମାଣର ସାର, ବିଷ (କୀଟନାସକ), ଏବଂ ରାସାୟନିକ ପଦାର୍ଥର ବ୍ୟବହାର ।
୨. କାରଖାନା, ଖଣିଖାଦାନର କଠିନ ବର୍ଜ୍ୟବସ୍ତୁ କ୍ଷେପଣ
୩. ରାସ୍ତା ଏବଂ କୋଠା ନିର୍ମାଣରେ କଠିନ ବର୍ଜ୍ୟବସ୍ତୁ
୪. ମାଟିରେ ମିଶୁ ନଥିବା କଳ କାରଖାନାର କିଛି ବର୍ଜ୍ୟ ଉପାଦାନ
୫. ମାଟିରେ ମିଶୁ ନଥିବା ପ୍ଲାଷ୍ଟିକ୍ ବ୍ୟାଗର ମାତ୍ରାଧିକ ବ୍ୟବହାର
୬. ମାଟିରେ ମିଶୁ ନଥିବା ଘର, ହୋଟେଲ, ଡାକ୍ତରଖାନା ଏବଂ ଶିଳ୍ପକାରଖାନାର ବର୍ଜ୍ୟବସ୍ତୁ

ତନ୍ମଧ୍ୟରେ ଦହନଶୀଳ ପଦାର୍ଥ ଯଥା: ପ୍ଲାଷ୍ଟିକ୍, ଲୁଗା, କାଠ ଏବଂ ଧାତୁ, କାଚ, ବାଲି ଆଦି ଅଣଦହନଶୀଳ ପଦାର୍ଥ ଅନ୍ତର୍ଭୁକ୍ତ ।

### ଭୂମି ପ୍ରଦୂଷଣର ପ୍ରଭାବ

ଭୂମି ପଦୂଷଣର ନିମ୍ନଲିଖିତ କ୍ଷତିକାରକ ପ୍ରଭାବ ରହିଛି:

୧. ଋଷଜମି ହ୍ରାସ
୨. ଏହା ଖାଦ୍ୟ ଉତ୍ସକୁ ପ୍ରଦୂଷିତ କରୁଥିବାରୁ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି
୩. ଭୂ-ଭାଗକୁ କ୍ଷତିଗ୍ରସ୍ତ କରିବା
୪. ଜଳ ଓ ବାୟୁ ପ୍ରଦୂଷଣର କାରଣ

## ୧.୧୦ ପରିବେଶ ପ୍ରଦୂଷଣରେ ବ୍ୟବସାୟର ଭୂମିକା

ପରିବେଶ ପ୍ରଦୂଷଣ ସଂକ୍ରାନ୍ତ ଆଲୋଚନାରୁ ଏହା ସୁସ୍ପଷ୍ଟ ଯେ, ବ୍ୟବସାୟ ହିଁ ମୁଖ୍ୟତଃ ଜଳ, ବାୟୁ, ଅର୍ଥ ଓ ଭୂମି ପଦୂଷଣର କାରଣ । ନିମ୍ନଲିଖିତ ଭାବରେ ବ୍ୟବସାୟ ପରିବେଶ ପ୍ରଦୂଷଣ

କରିଥାଏ।

୧. କଳକାରଖାନାରୁ ଗ୍ୟାସ ଏବଂ ଧୂଆଁ ନିର୍ଗତ
୨. ଯନ୍ତ୍ରାଂଶ ଏବଂ ଯାନବାହନର ବ୍ୟବହାର, ଯାହା ଶବ୍ଦ ପ୍ରଦୂଷଣର କାରଣ
୩. କାରଖାନା ସ୍ଥାପନ ପାଇଁ ଜଙ୍ଗଲ ନଷ୍ଟ
୪. ସହରୀକରଣ ଏବଂ ଶିଳ୍ପାୟନ
୫. ନଦୀ, ନାଳରେ ଅଦରକାରୀ ବର୍ଯ୍ୟ ବସ୍ତୁ ଏବଂ ରାସାୟନିକ ପଦାର୍ଥ ଛାଡ଼ିବା
୬. ଖୋଲାସ୍ଥାନରେ କଠିନ ବର୍ଯ୍ୟବସ୍ତୁ ଫିଙ୍ଗିବା
୭. ଖଣି ଖାଦାନ କାର୍ଯ୍ୟ
୮. ପରିବହନ ବ୍ୟବସ୍ଥାର ବହୁଳ ବ୍ୟବହାର

ବ୍ୟବସାୟରେ ମଧ୍ୟ ତିନୋଟି ଉପାୟ ଯଥା- ପ୍ରତିଷେଧକ, ପ୍ରତିକାରାତ୍ମକ ଏବଂ ସଚେତନତା ଜରିଆରେ ପରିବେଶ ପ୍ରଦୂଷଣ ରୋକିଥାଏ।

### ୧. ପ୍ରତିଷେଧକ

ଏହା ଅର୍ଥ ହେଲା ପରିବେଶ ଆଉ ଅଧିକ ପ୍ରଦୂଷିତ ହେବକୁ ନଦେବା। ଏଥିପାଇଁ ବ୍ୟବସାୟ ପ୍ରତିଷ୍ଠାନ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପ୍ରଣୀତ ସରକାରୀ ନୀତି ନିୟମକୁ ପାଳନ କରିବା ଉଚିତ୍। ମଣିଷ ଦ୍ୱାରା ପରିବେଶ ଯେମିତି ଅଧିକ କ୍ଷତିଗ୍ରସ୍ତ ଓ ପ୍ରଦୂଷିତ ନହୁଏ ତାହା ଦେଖିବା ମଧ୍ୟ ବ୍ୟବସାୟୀର କାର୍ଯ୍ୟ।

### ୨. ଉପଚାରାତ୍ମକ

ଏହା ଅର୍ଥହେଲା ପରିବେଶ ପ୍ରତି ହୋଇଥିବା କ୍ଷୟକ୍ଷତିକୁ ସଂଶୋଧନ କରିବା ସହ ଭରଣା କରିବା। ଏତଦ୍‌ବ୍ୟତୀତ ପାରିବେଶ ପ୍ରଦୂଷଣର ପ୍ରତିଷେଧକ ବ୍ୟବସ୍ଥା କରାଯାଇ ପାରୁନଥିଲେ ପ୍ରତିକାରାତ୍ମକ ବ୍ୟବସ୍ଥା ଗ୍ରହଣୀୟ। ଉଦାହରଣ ଗଛ ରୋପଣ ଯୋଗୁଁ ଶିଳ୍ପ କାରାଖାନା ଆଖପାଖ ଅଞ୍ଚଳରେ ବାୟୁ ପ୍ରଦୂଷଣ ରୋକିଥାଏ।

### ୩. ସଚେତନତା କାର୍ଯ୍ୟକ୍ରମ

ଏହାର ଅର୍ଥ ପରିବେଶ ପ୍ରଦୂଷଣର କାରଣ ଏବଂ ପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବା। ଫଳରେ ସେମାନେ ସ୍ୱେଚ୍ଛାକୃତ ଭାବେ ପରିବେଶର କ୍ଷତିକରିବା ପରିବର୍ତ୍ତେ ସୁରକ୍ଷା କରିବାକୁ ଆଗଭର ହେବେ।

ଉଦାହରଣ ସ୍ୱରୂପ: ବ୍ୟବସାୟ ଜନସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବା। ସମ୍ପ୍ରତି କେତେକ ସହରରେ ବ୍ୟବସାୟ ପ୍ରତିଷ୍ଠାନ ବଗିଚ ଓ ପାର୍କମାନ ସ୍ଥାପନ କରି ଏହାର ରକ୍ଷଣା ବେକ୍ଷଣ ମଧ୍ୟ କରୁଛନ୍ତି। ଯାହା ପରିବେଶ ପ୍ରତି ସେମାନଙ୍କ ଯତ୍ନକୁ ପ୍ରତିପାଦି କରେ।

## ପାଠଗତ ପ୍ରାଶ୍ନାବଳୀ ୧.୧୧

୧. ନିମ୍ନଲିଖିତ ବାକ୍ୟ ମଧ୍ୟରୁ କେଉଁଟି ସତ୍ୟ ଏବଂ କେଉଁଟି ମିଥ୍ୟା।

କ) କୃଷିକାର୍ଯ୍ୟରେ ସାର, ରାସାୟନିକ ପଦାର୍ଥ କୀଟନାସକ ଦ୍ରବ୍ୟର ବହୁଳ ବ୍ୟବହାର ବାୟୁ ପ୍ରଦୂଷଣର କାରଣ।

ଖ) ପ୍ଲାଷ୍ଟିକ୍ ବ୍ୟାଗର ବହୁଳ ବ୍ୟବହାର ଭୂମି ପ୍ରଦୂଷଣର କାରଣ।

ଗ) ଶିଳ୍ପାଞ୍ଚଳ ନିକଟରେ ଗଛ ରୋପଣ ଜଳ ପ୍ରଦୂଷଣ ନିୟନ୍ତ୍ରଣରେ ସହାୟକ।

ଘ) ଭୂମି ପ୍ରଦୂଷଣ ଯୋଗୁଁ ଦେଶରେ ଚାଷ ଉପଯୋଗୀ ଜମି ପରିମାଣ ବୃଦ୍ଧି।

ଙ) ପରିବେଶ ପ୍ରଦୂଷଣର କାରଣ ଓ ପ୍ରଭାବ ସମ୍ପର୍କର ବ୍ୟବସାୟ ସଂସ୍ଥା ଜନାସାଧାରଣଙ୍କୁ ସଚେତନ କରାଇବା ଉଚିତ୍।

୨. ଠିକ୍ ଉତ୍ତର ବାଛି ଲେଖ।

କ) ନିମ୍ନ ଲିଖିତ ମଧ୍ୟରୁ କେଉଁଟି ଅଣ ଅର୍ଥନୈତିକ କାର୍ଯ୍ୟକଳାପ:

୧. ଗ୍ରାହକଙ୍କୁ ରୁଟି ବିକିବା
୨. ପଡ଼ୋଶୀଙ୍କୁ ପୁରୁଣା ଟେଲିଭିଜନ ବିକିବା
୩. ବନ୍ଧୁଙ୍କୁ ଏକ କଲମ ଉପହାର ଦେବା
୪. ବିକ୍ରି କରିବା ପାଇଁ ବହି କିଣିବା

ଖ) ନିମ୍ନଲିଖିତ ମଧ୍ୟରୁ କେଉଁଟି ବୃତ୍ତି ନୁହେଁ-

୧. ବ୍ୟବସାୟ　　୨. ବୃତ୍ତି
୩. ନିଯୁକ୍ତି　　୩. ସକାଳ ଭ୍ରମଣରେ ଯିବା

ଗ) କେଉଁଟି ବ୍ୟବସାୟର ସ୍ୱରୂପ ନୁହେଁ-

୧. ବାଣିଜ୍ୟିକ ସାମଗ୍ରୀର କାରବାର
୨. ଜଣେ ପିତା ତାଙ୍କ ପୁତ୍ରକୁ ପଢ଼ାଇବା
୩. ରୋଜଗାରରେ ରିସ୍କ ଓ ଅନିଶ୍ଚିତତା
୪. ଲାଭ ଅର୍ଜନ ଲକ୍ଷ୍ୟ

ଘ) କେଉଁଟି ବ୍ୟବସାୟର ଅର୍ଥନୈତିକ ଉଦ୍ଦେଶ୍ୟ ଅନ୍ତର୍ଭୁକ୍ତ ନୁହେଁ-

୧. ଗ୍ରାହକ ସୃଷ୍ଟି　　୨. ନିରବଛିନ୍ନ ନବପ୍ରବର୍ତ୍ତନ
୩. ନିଯୁକ୍ତି ସୃଷ୍ଟି　　୪. ସମ୍ବଳର ସଦୁପଯୋଗ

ଙ) ବ୍ୟସାୟର ସାମାଜିକ ଉଦ୍ଦେଶ୍ୟ ଅନ୍ତର୍ଭୁକ୍ତ-

୧. ସମାଜ କଲ୍ୟାଣ କାର୍ଯ୍ୟରେ ଯୋଗଦାନ
୨. ଅର୍ଥନୈତିକ ସମ୍ବଳର ସଦୁପଯୋଗ
୩. ଗ୍ରାହକ ସୃଷ୍ଟି
୪. ଲାଭାଂଶ ଆୟ

## ତୁମେ କ'ଣ ଶିକ୍ଷା କଲ

ମଣିଷ ଯେଉଁ କାର୍ଯ୍ୟକଳାପ କରିଥାଏ, ତାହାକୁ ମାନବୀୟ କାର୍ଯ୍ୟକଳାପ କହିଥାନ୍ତି। ସେଗୁଡ଼ିକ ଦୁଇ ପ୍ରକାରର- ଅର୍ଥନୈତିକ କାର୍ଯ୍ୟକଳାପ ଏବଂ ଅଣ ଅର୍ଥନୈତିକ କାର୍ଯ୍ୟକଳାପ। ଟଙ୍କା ରୋଜଗାର ପାଇଁ କରାଯାଉଥିବା କାର୍ଯ୍ୟକଳାପକୁ ଅର୍ଥନୈତିକ କାର୍ଯ୍ୟକଳାପ କହନ୍ତି। ସାମାଜିକ ଏବଂ ମନସ୍ତାତ୍ତ୍ୱିକ ଲକ୍ଷ୍ୟରେ କରାଯାଉଥିବା କାର୍ଯ୍ୟକଳାପକୁ ଅଣଅର୍ଥନୈତିକ କାର୍ଯ୍ୟକଳାପ କହନ୍ତି।

୧. ଜୀବନ ଧାରଣ ପାଇଁ ନିୟମିତ ଭାବେ କରାଯାଉଥିବା ଅର୍ଥନୈତିକ କାର୍ଯ୍ୟକଳାପ ହେଲା ବୃତ୍ତି। ଏହା ୩ପ୍ରକାରର (କ) ବୃତ୍ତି, (ଖ) ନିଯୁକ୍ତି, (ଗ) ବ୍ୟବସାୟ।

୨. ବୃତ୍ତିପାଇଁ ବିଶେଷ ଜ୍ଞାନ ଏବଂ ତାଲିମ ଆବଶ୍ୟକ। ବୃତ୍ତିଗତ ସଂସ୍ଥା ବା ପରିଷଦ ଦ୍ୱାରା ପ୍ରଣୀତ ଆଚରଣ ସଂହିତାକୁ ବୃତ୍ତିଧାରୀ ପାଳନ କରିଥାନ୍ତି। ସେବା ଯୋଗାଣ ପ୍ରତ୍ୟେକ ବୃତ୍ତିର ମୂଳ ଲକ୍ଷ୍ୟ।





୩. ନିଯୁକ୍ତି ଏକ ବୃତ୍ତି ଯେଉଁଥିରେ ଜଣେ ବ୍ୟକ୍ତି ନିର୍ଦ୍ଦିଷ୍ଟ ପରିମାଣର ବେତନ ବଦଳରେ ନିୟମିତ କାର୍ଯ୍ୟ କରିଥାନ୍ତି। ନିଯୁକ୍ତିଦାତାଙ୍କ ଦ୍ୱାରା ସ୍ଥିରୀକୃତ ନିଯୁକ୍ତି ସର୍ତ୍ତାବଳୀକୁ ସେ ମାନିଥାନ୍ତି।

୪. ଲାଭ ଅର୍ଜନ ଲକ୍ଷ୍ୟରେ ନିୟମିତଭାବେ ବିକ୍ରି, ହସ୍ତାନ୍ତର ଏବଂ ବଦଳ ପାଇଁ ଦ୍ରବ୍ୟ ଓ ସେବା କ୍ରୟ ଅର୍ଥ ବ୍ୟବସାୟ।

୫. ବ୍ୟବସାୟର ବୈଶିଷ୍ଟ୍ୟ ହେଲା ନିୟମିତମଭାବେ ଦ୍ରବ୍ୟର ବିକ୍ରି ବା ହସ୍ତାନ୍ତର। ଏଥିରେ ଅନିଶ୍ଚିତ ଓ ସନ୍ଦେହଜନକ ଥାଏ।

୬. ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯେଉଁ ଲକ୍ଷ୍ୟ ହାସଲ ପାଇଁ ବ୍ୟବସାୟ ଧାର୍ଯ୍ୟ କରିଥାଏ ତାହାକୁ ବ୍ୟାବସାୟିକ ଲକ୍ଷ୍ୟ ବା ବ୍ୟବସାୟର ଉଦ୍ଦେଶ୍ୟ କହନ୍ତି।

୭. ବ୍ୟବସାୟର ବିଭିନ୍ନ ଲକ୍ଷ୍ୟ ହେଲା:

- ସାମାଜିକ ଲକ୍ଷ୍ୟ
- ଅର୍ଥନୈତିକ ଲକ୍ଷ୍ୟ
- ମାନବିକ ଲକ୍ଷ୍ୟ
- ବିଶ୍ୱପାଇଁ ଲକ୍ଷ୍ୟ ବା ଗ୍ଲୋବାଲ ଅବ୍‌ଜେକ୍ଟିଭ୍

୮. ସମାଜ କଲ୍ୟାଣ ଦିଗରେ ନିହିତ କର୍ତ୍ତବ୍ୟ ଓ ଦାୟିତ୍ୱକୁ ବ୍ୟବସାୟର ସାମାଜିକ ଉତ୍ତରଦାୟିତ୍ୱ କହନ୍ତି।

୯. ସାମାଜିକ ଉତ୍ତରଦାୟିତ୍ୱକୁ ଠିକ୍‌ଭାବେ ବୁଝିବା ପ୍ରତ୍ୟେକ ବ୍ୟବସାୟୀ ପାଇଁ ଜରୁରୀ, କାରଣ:

- ଜନସାଧାରଣରେ ଏହା ବ୍ୟବସାୟର ଲୋକପ୍ରିୟତା ବୃଦ୍ଧିକରେ।
- ବ୍ୟବସାୟର ସ୍ଥାୟିତ୍ୱ ଏବଂ ବିକାଶ ପାଇଁ ଜରୁରୀ।
- ଉତ୍ପାଦନ ସହ ପ୍ରତ୍ୟକ୍ଷଭାବେ ସମ୍ପୃକ୍ତ କର୍ମଚାରୀଙ୍କୁ ଏହା ସନ୍ତୁଷ୍ଟିପ୍ରଦାନ କରେ।
- ଖାଉଟିମାନେ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ ହେଉଛନ୍ତି।

୧୦. ପ୍ରତ୍ୟେକ ବ୍ୟବସାୟ ସମାଜର ଏକ ଅଂଶ ଏବଂ ସମାଜର ପ୍ରତ୍ୟେକ କ୍ଷେତ୍ର ବା ସମ୍ପୃକ୍ତି ବିଭିନ୍ନ ଗ୍ରୁପ୍ ପାଇଁ ବ୍ୟବସାୟ ମଧ୍ୟ ଲାଭଦାୟୀ। ବ୍ୟବସାୟ ସହ ସମ୍ପୃକ୍ତ ସେହି ଗ୍ରୁପ୍‌ମାନେ ହେଲେ: ମାଲିକ, ନିବେଶକାରୀ, କର୍ମଚାରୀ, ଯୋଗାଣକାରୀ, ଗ୍ରାହକ, ପ୍ରତିଦ୍ୱନ୍ଦୀ, ସରକାର ଏବଂ ସମାଜ।

୧୧. ସାମାଜିକ ମୂଲ୍ୟ ସମାଜର ବହୁବିଦ ସ୍ୱାର୍ଥ ପାଇଁ ବ୍ୟବସାୟର ଉତ୍ତମ ଏବଂ ଗ୍ରହଣୀୟ କାର୍ଯ୍ୟକଳାପକୁ ଦର୍ଶାଏ।

୧୨. ବ୍ୟବସାୟକୁ ନୈତିକ ଏବଂ ବାସ୍ତବ ନିୟମାବଳୀ ଅନୁସାରେ କାର୍ଯ୍ୟକରିବାର ମାର୍ଗ ବ୍ୟବସାୟ ତତ୍ତ୍ୱ ଦର୍ଶାଇଥାଏ।

୧୩. ସଜୀବ ଏବଂ ନିର୍ଜୀବଙ୍କ ଉପରେ ନକରାତ୍ମକ ବା ପ୍ରତିକୂଳ ପ୍ରଭାବ ପକାଉଥିବା ବସ୍ତୁ ବା ପଦାର୍ଥ ଦନ୍ୱାରା ପରିବେଶର ଦୂଷିକୟତ କୋଣକୁ ପରିବେଶ ପ୍ରଦୂଷଣ କହନ୍ତି।

୧୪. ପରିବେଶ ପ୍ରଦୂଷଣ ତିନି ପ୍ରକାରର:

- ବାୟୁ ପ୍ରଦୂଷଣ
- ଜଳ ପ୍ରଦୂଷଣ
- ଭୂମି ବା ମାଟି ପ୍ରଦୂଷଣ

୧୫. ପରିବେଶ ପ୍ରଦୂଷଣ ରୋକିବା ପାଇଁ ପ୍ରତ୍ୟେକ ବ୍ୟବସାୟର ତିନି ପ୍ରକାର ଭୂମିକା ରହିଛି।
- ପ୍ରତିଶେଧକାତ୍ମକ, ପ୍ରତିକାରାତ୍ମକ ଏବଂ ସଚେତନାତ୍ମକ

## ଅନ୍ତିମ ପ୍ରଶ୍ନାବଳୀ

୧. ଅର୍ଥନୈତିକ ଏବଂ ଅଣଅର୍ଥନୈତିକ କାର୍ଯ୍ୟକଳାପର ଦୁଇଟି ଉଦାହରଣ ଦିଅ।
୨. ନିମ୍ନଲିଖିତ ଆଧାରରେ ଆର୍ଥିକ ଏବଂ ଅଣଆର୍ଥିକ କାର୍ଯ୍ୟକଳାପ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ
(କ) ଉଦ୍ଦେଶ୍ୟ
(ଖ) ଫଳାଫଳ
୩. ପେସା କହିଲେ କ'ଣ ବୁଝ ?
୪. ନିଯୁକ୍ତିର ଦୁଇଟି ବୈଶିଷ୍ଟ୍ୟ ବର୍ଣ୍ଣନା କର।
୫. ବୃତ୍ତିର ଯେକୌଣସି ଦୁଇଟି ବୈଶିଷ୍ଟ୍ୟ ବର୍ଣ୍ଣନା କର।
୬. ବ୍ୟବସାୟ ଶବ୍ଦର ଅର୍ଥ ବୁଝାଅ।
୭. କାଠ କାମ କରୁଥିବା ବ୍ୟକ୍ତିକୁ ଆମେ କାହିଁକି ଧନ୍ଦାରେ ଅଛନ୍ତି ବୋଲି କହିବା ?
୮. ନିଜ ପାଇଁ ଜୋତା ତିଆରି କରୁଥିବା ମୋଚି ବ୍ୟବସାୟରେ ନିୟୋଜିତ ବୋଲି କହିବା ନାହିଁ କାହିଁକି ?
୯. ବ୍ୟବସାୟର ମୁଖ୍ୟ ବୈଶିଷ୍ଟ୍ୟ ବା ବିଶେଷତ୍ତ୍ୱ ବର୍ଣ୍ଣନା କର।
୧୦. ବ୍ୟବସାୟ କହିଲେ କ'ଣ ବୁଝ ? ବ୍ୟବସାୟର ଯେକୌଣସି ଦୁଇଟି ବିଶେଷତ୍ତ୍ୱ ଲେଖ।
୧୧. ବୃତ୍ତି ଠାରୁ ବ୍ୟବସାୟ କେମିତି ଭିନ୍ନ ? ୬୦ ଶବ୍ଦରେ ଲେଖ।
୧୨. ଉଦାହରଣ ସହ ବ୍ୟବସାୟ କାର୍ଯ୍ୟକଳାପର ପ୍ରମୁଖ ବିଭାଗ ଲେଖ।
୧୩. ଲୋକମାନେ ସାଧାରଣତଃ ନିୟୋଜିତ ହେଉଥିବା ତିନିଟି ପ୍ରକାର ପେସା ସମ୍ପର୍କରେ ଲେଖ।
୧୪. କୌଣସି କାର୍ଯ୍ୟକଳାପ ନିୟମିତ ବା ନୀରବଚ୍ଛିନ୍ନଭାବେ କରାଯାଉନଥିଲେ ତାହାକୁ ବ୍ୟବସାୟ କୁହାଯିବ ନାହିଁ। ତୁମେ ଏକମତ କି ? ତୁମ ଉତ୍ତର ସପକ୍ଷରେ କାରଣ ଲେଖ।
୧୫. ଫେରସ୍ତ ଅନିଶ୍ଚିତତା ଜାଣି ବି ଜଣେ ନିବେଶକାରୀ ବ୍ୟବସାୟରେ କାହିଁକି ଟଙ୍କା ଖଟାଏ ?
୧୬. ଲାଭ ଅର୍ଜନ ବ୍ୟବସାୟର ମୁଖ୍ୟ ଉଦ୍ଦେଶ୍ୟ- ବର୍ଣ୍ଣନା କର।
୧୭. ବ୍ୟବସାୟର ଅର୍ଥନୈତିକ ଉଦ୍ଦେଶ୍ୟ ଲେଖ।
୧୮. ବ୍ୟବସାୟର ସାମାଜିକ ଉଦ୍ଦେଶ୍ୟ ବର୍ଣ୍ଣନା କର।
୧୯. ବ୍ୟବସାୟର ଜାତୀୟ ଲକ୍ଷ ବ୍ୟାଖ୍ୟାକର।
୨୦. ବ୍ୟବସାୟର ମାନବିକ ଉଦ୍ଦେଶ୍ୟ ଲେକ ଏବଂ ବୁଝାଅ।
୨୧. ବ୍ୟବସାୟର ଗ୍ଲୋବାଲ ଅବ୍‌ଜେକ୍‌ଟିଭ୍ ବର୍ଣ୍ଣନା କର।
୨୨. ବ୍ୟସାୟର ସାମାଜିକ ଉତ୍ତରଦାୟିତ୍ୱ କହିଲେ କ'ଣ ବୁଝ ?
୨୩. ଦୈନନ୍ଦିନ କାର୍ଯ୍ୟକଳାପର ବ୍ୟବସାୟ ସହ ସମ୍ପୃକ୍ତ ବ୍ୟକ୍ତି ବା ଗୋଷ୍ଠୀ ସମ୍ପର୍କରେ ଲେଖ।
୨୪. ସମାଜ ପାଇଁ ବ୍ୟବସାୟ କାହିଁକି ଉତ୍ତରଦାୟୀ ? ତିନିଟି କାରଣ ଲେଖ।
୨୫. ଗ୍ରାହକଙ୍କ ପ୍ରତି ବ୍ୟବସାୟର ଦାୟିତ୍ୱ ବର୍ଣ୍ଣନା କର।
୨୬. ସରକାରଙ୍କ ପ୍ରତି ବ୍ୟବସାୟ କେଉଁଭାବରେ ଉତ୍ତରଦାୟୀ ?
୨୭. ପରିବେଶ ପ୍ରଦୂଷଣର ସଜ୍ଞା ଲେଖ ଏବଂ ଏହା କେତେ ପ୍ରକାରର ?
୨୮. ବାୟୁ ପ୍ରଦୂଷଣର ବିଭିନ୍ନ କାରଣ ଲେଖ।

୨୯. ବାୟୁ ପ୍ରଦୂଷଣର ତିନିଟି ପ୍ରଭାବ ଲେଖ।

୩୦. ଜଳ ପ୍ରଦୂଷଣର ପ୍ରଭାବ ବର୍ଣ୍ଣନା କର।

୩୧. ବ୍ୟବସାୟ କିପରି ପରିବେଶକୁ ପ୍ରଦୂଷିତ କରେ ? ଯେକୌଣସି ପାଞ୍ଚଟି କାରଣ ଲେଖ।

୩୨. ପରିବେଶ ପ୍ରଦୂଷଣକୁ ରୋକିବା ପାଇଁ ବ୍ୟବସାୟର ଭୂମିକା କ'ଣ ?

୩୩. ବ୍ରିଟିଶ୍ ଶାସନ ସମୟରେ ଭାରତୀୟ ବ୍ୟବସାୟକୁ ପ୍ରଭାବିତ କରିଥିବା ଗୁରୁତ୍ୱପୂର୍ଣ୍ଣ ଘଟଣାମାନ ବର୍ଣ୍ଣନା କର।

୩୪. ବିଶ୍ୱ ବାଣିଜ୍ୟକୁ ଭାରତର ଯଥେଷ୍ଟ ଅବଦାନ ରହିଛି। ଯେକୌଣସି ଚାରିଟି ଅବଦାନ ବର୍ଣ୍ଣନା କର।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୧.୧**

୧. (କ) ଠିକ୍ (ଖ) ଭୁଲ୍ (ଗ) ଠିକ୍ (ଘ) ଠିକ୍
(ଙ) ଭୁଲ

୨. (କ) ଅଣଅର୍ଥନୈତିକ (ଖ) ଅର୍ଥନୈତିକ
(ଗ) ଅଣଅର୍ଥନୈତିକ (ଘ) ଅଣଅର୍ଥନୈତିକ
(ଙ) ଅର୍ଥନୈତିକ (ଚ) ଅଣଅର୍ଥନୈତିକ
(ଛ) ଅର୍ଥନୈତିକ

**୧.୨**

(କ) ୧. ପେସା ୨. ବିଶେଷ ଜ୍ଞାନ
୩. ନିଯୁକ୍ତି ୪. ଆୟର ସଂହିତା
୫. ନିଯୁକ୍ତିଦାତା

(ଖ) କ-୨, ଖ-୪, ଗ-୧, ଘ-୩

**୧.୩**

(କ) ୧-ହଁ ୨-ନାହିଁ ୩-ନାହିଁ
୪-ହଁ ୫-ହଁ ୬-ନାହିଁ
୭-ନାହିଁ

(ଖ) ୧-ଭୁଲ ୨-ଭୁଲ ୩-ଠିକ୍
୪-ଭୁଲ ୫-ଠିକ୍ ୬-ଠିକ୍

**୧.୪**

୧. ଭୁଲ୍ ୨.ଠିକ୍ ୩.ଭୁଲ ୪.ଭୁଲ ୫.ଭୁଲ୍

**୧.୫**

୧.ଭୁଲ ୨.ଠିକ୍ ୩.ଭୁଲ ୪.ଭୁଲ ୫.ଭୁଲ୍

**୧.୬**

୧. ସତ୍ୟ ୨.ସତ୍ୟ ୩.ମିଥ୍ୟା ୪.ମିଥ୍ୟା ୫.ମିଥ୍ୟା

**୧.୭**

୧.ସାମାଜିକ ୨.ରପ୍ତାନି ୩.ନିୟମିତ ୪.କର୍ମଚାରୀମାନେ

**୧.୮**

କ. ସମାନ ଖ.କର୍ତ୍ତବ୍ୟ ଗ.ନ୍ୟୁନ ଘ. ସ୍ୱେଚ୍ଛାକୃତ
ଙ. ଭରବମୂର୍ତ୍ତି ଚ.ଜଗତିକରଣ ଛ.ସାମାଜିକ ଦାୟିତ୍ୱ ଜ. ହତୋତ୍ସାହ

**୧.୯**

ସମାଜ : କ, ଖ, ଝ
କର୍ମଚାରୀ: ଖ, ଘ, ଚ
ଗ୍ରାହକ : ଙ, ଜ, ଝ

**୧.୧୦**

୧) କ-କ୍ଷତିକାରକ ଖ-ଲୋକପ୍ରିୟତା ଗ-ଅପମିଶ୍ରଣ ଘ-ଆଧାର
ଙ-ବ୍ୟବସାୟ ତତ୍ତ୍ୱ

୨) ୧-ଗ ୨-ଘ ୩-ଙ ୪-କ
୫-ଖ

**୧.୧୧**

୧) କ-ମିଥ୍ୟା ଖ-ସତ୍ୟ ଗ-ମିଥ୍ୟା ଘ-ମିଥ୍ୟା
ଙ-ସତ୍ୟ

୨) କ-୩ ଖ-୪ ଗ-୨ ଘ-୩
ଙ-୧

## ତୁମ ପାଇଁ କାମ

୧. ତୁମ ଆଖପାଖର ୧୦ଜଣ ଲୋକଙ୍କୁ ଲକ୍ଷ୍ୟକର। ଜୀବନ ଧାରଣ ପାଇଁ ସେମାନେ କେଉଁସବୁ କର୍ମରେ ନିୟୋଜିତ। ସେସବୁକୁ ବ୍ୟବସାୟ, ବୃତ୍ତି ଏବଂ ନିଯୁକ୍ତି ଅନୁସାରେ ବିଭକ୍ତ କର।

୨. ଜଣେ ଦୋକାନୀ ବା ଯେକୌଣସି ବ୍ୟବସାୟୀଙ୍କ ସହ କଥା ହୁଅ। ଏବଂ ଦେଖ

କ- ସେମାନେ କି ପ୍ରକାରର ସାମଗ୍ରୀ ବା ସେବା କାରବାର କରୁଛନ୍ତି।

ଖ- ବିନିଯୋଗ କରୁଥିବା ସମ୍ବଳ ଯଥା- ଜମି, ଶ୍ରମ ଏବଂ ପୁଞ୍ଜି ଇତ୍ୟାଦି।

ଗ- ଲାଭ ଅର୍ଜନରେ ସେମାନେ ସମ୍ମୁଖୀନ ହେଉଥିବା ଅସୁବିଧା ଏବଂ ନିଶ୍ଚିତତା।

୩. ବର୍ତ୍ତମାନ ଭାରତ ଆମଦାନୀ ଓ ରପ୍ତାନୀ କରୁଥିବା ପ୍ରମୁଖ ସାମଗ୍ରୀ ସଂକ୍ରାନ୍ତରେ ବିଭିନ୍ନ ବହି, ପତ୍ରପତ୍ରିକା ଏବଂ ଖବରକାଗଜରୁ ତଥ୍ୟ ସଂଗ୍ରହ କର। ଏତଦ୍‌ବ୍ୟତୀତ ବହିଃବାଣିଜ୍ୟ ପାଇଁ ଆମଦେଶରେ ଥିବା ପ୍ରମୁଖ ପାଞ୍ଚଟି ବନ୍ଦର ସଂକ୍ରାନ୍ତରେ ଲେଖ।

୪. ତୁମ ଅଞ୍ଚଳର ଜଣେ ଦୋକାନୀ ବା ଯେକୌଣସି ବ୍ୟବସାୟୀଙ୍କ ବ୍ୟବସାୟ କରିବାର ଲକ୍ଷ୍ୟ ଅନୁଧ୍ୟାନ କର। ତୁମେ ଏହି ଅଧ୍ୟାୟର ଜାଣିଥିବା ବିଭିନ୍ନ ଉଦ୍ଦେଶ୍ୟ କ୍ରମରେ ସେସବୁକୁ ବିଭକ୍ତ କର।

୫. ସମାଜ ମଙ୍ଗଳ ପାଇଁ ତୁମ ଅଞ୍ଚଳର ଦୋକାନୀ ମାନେ ସମ୍ପାଦନ କରୁଥିବା ଯେକୌଣସି ଦୁଇଟି ଦାୟିତ୍ୱ ଚିହ୍ନଟ କର।

୬. ତୁମ ପରିବେଶ ପଦୂଷିତ କି ? ଯଦି ହଁ, ତେବେ ପ୍ରଦୂଷଣର କାରଣ ତାଲିକା ପ୍ରସ୍ତୁତ କର। ପରିବେଶ ପ୍ରଦୂଷଣ ରୋକିବା ପାଇଁ ତୁମେ କି ପଦକ୍ଷେପ ନେବ ଲେଖ ?

□□□

# ୨

# ଶିଳ୍ପ ଓ ବାଣିଜ୍ୟ

ବ୍ୟବସାୟ କହିଲେ ଜୀବନଧାରଣ ପାଇଁ ବ୍ୟକ୍ତି ବା ବ୍ୟକ୍ତି ସମୂହ ସଂଗଠିତ ଭାବେ କାର୍ଯ୍ୟରେ ନିୟୋଜନକୁ ବୁଝାଏ। ଭିନ୍ନ ଭିନ୍ନ ଲେଖକ ସେମାନଙ୍କ ଭାଷାରେ ବ୍ୟବସାୟର ସଜ୍ଞା ନିରୂପଣ କରଛନ୍ତି। ଅର୍ୱିକ୍ ଓ ହଣ୍ଟଙ୍କ ଅନୁସାରେ: ବ୍ୟବସାୟ ଏକ ଉଦ୍ୟୋଗ; ଯାହା ସାମଗ୍ରୀ ପ୍ରସ୍ତୁତ ଓ ବିତରଣ ବା ସେବା ଯୋଗାଣ କରି ସମାଜର ଅନ୍ୟମାନଙ୍କଠାରୁ ମୂଲ୍ୟ ଆଣିଥାଏ। ଅର୍ଥାତ୍ ଲାଭ ଅର୍ଜନ ପାଇଁ ସାମଗ୍ରୀ ଓ କିଛି ସେବା ପ୍ରସ୍ତୁତ କରାଯାଇଥାଏ ଏବଂ ସେଥିପାଇଁ ସାମଗ୍ରୀ ପ୍ରସ୍ତୁତ ବା କ୍ରୟ କରାଯାଏ। ଅର୍ଥନୀତି ଆବଶ୍ୟକ କରୁଥିବା ସେବା ବା ସାମଗ୍ରୀ ଯୋଗାଣ ବ୍ୟବସାୟର ମୂଳ ଲକ୍ଷ୍ୟ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟ ପାଠ ପରେ ଆମେ ନିମ୍ନ ବିଷୟ ଜାଣିପାରିବା:

- ବ୍ୟବସାୟିକ କାର୍ଯ୍ୟକଳାପର ବର୍ଗୀକରଣ
- ଶିଳ୍ପ ଏବଂ ଏହାର ପ୍ରକାର ଭେଦ
- ବାଣିଜ୍ୟ-ବେପାର ଏବଂ ଏହାର ସହଯୋଗୀ କାର୍ଯ୍ୟ
- ଇ-ବାଣିଜ୍ୟ
- ଇ-ବାଣିଜ୍ୟର ପ୍ରକାର
- ଇ-ବାଣିଜ୍ୟର ସୁବିଧା

## ୨.୧ ବ୍ୟାବସାୟିକ କାର୍ଯ୍ୟକଳାପର ବର୍ଗୀକରଣ

ମଣିଷର ଅସୀମିତ ଇଚ୍ଛା ଏବଂ ଏହାକୁ ପୂରଣ କରିବାର ଆବଶ୍ୟକତାରୁ ହିଁ ଉତ୍ପାଦନ କାର୍ଯ୍ୟକଳାପ ଆରମ୍ଭ। ମଣିଷଣ ଇଚ୍ଛା ଅସୀମ ଏବଂ ଜଟିଳ। ଖାଦ୍ୟ, ବସ୍ତ୍ର, ବାସଗୃହ ମଣିଷର ମୌଳିକ ଆବଶ୍ୟକତା ହୋଇଥିଲେ ହେଁ ଆମେ ଏହାଠାରୁ ଅଧିକ ଆବଶ୍ୟକ କରିଥାନ୍ତି ଏବଂ ଦୈନନ୍ଦିନ ଜୀବନର ବ୍ୟବହାର କରିଥାନ୍ତି। ଉଦାହରଣ ସ୍ୱରୂପ: ଟୁଥ ପେଷ୍ଟ, ସାବୁନ, ଟିଭି ଦେଖିବା, ଅନ୍ୟାନ୍ୟ ବିଳାସପୂର୍ଣ୍ଣ ଆସବାବପତ୍ର ବ୍ୟବହାର ଆଦି। ଜାଣିଲେ ଆଶ୍ଚର୍ଯ୍ୟ ହେବ ଏସବୁ ପଛରେ ଦୀର୍ଘ ପ୍ରକ୍ରିୟା ଓ କାରବାର ବିହିତ। ଉତ୍ପାଦନକାରୀ ଉପଭୋକ୍ତାଙ୍କ ପାଇଁ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ଉତ୍ପାଦିତ ସାମାଗ୍ରୀ ବଣ୍ଟନ / ବିତରଣ କରାଯାଇଥାଏ। ଏଥିପାଇଁ ଉତ୍ପାଦନ କାରୀ ମଝିଲୋକ ଯଥା: ପାଇକାରୀ ଓ ଖୁଚୁରା ବ୍ୟବସାୟୀଙ୍କ ସହାୟତା ନେଇଥାନ୍ତି।

ବ୍ୟବସାୟିକ କାର୍ଯ୍ୟକଳାପ ମୁଖ୍ୟତଃ ଦୁଇପ୍ରକାରରः
୧. ଶିଳ୍ପ, ୨. ବାଣିଜ୍ୟ। ସମାଗ୍ରୀ ଓ ବସ୍ତୁର ପ୍ରସ୍ତୁତି ପାଇଁ ଶିଳ୍ପ ଉଦ୍ଦିଷ୍ଟ ଥିଲାବେଳେ ବିତରଣ ପାଇଁ ବାଣିଜ୍ୟ କରାଯାଇଥାଏ।

## ୨.୨ ଶିଳ୍ପ

ବ୍ୟାବସାୟିକ କାର୍ଯ୍ୟକଳାପର ଉତ୍ପାଦନ ପାର୍ଶ୍ୱକୁ ଶିଳ୍ପ କୁହାଯାଇଥାଏ। ଏହା ସାମଗ୍ରୀ ପ୍ରସ୍ତୁତି, ପ୍ରକ୍ରିୟାକରଣ ଏବଂ ଉତ୍ପାଦନକୁ ବୁଝାଏ। ଉତ୍ପାଦମାନ, ଖାଉଟି ସାମଗ୍ରୀ ବା ଉତ୍ପଦାନକାରୀଙ୍କ ସାମଗ୍ରୀ। ଖାଉଟି ସାମଗ୍ରୀ ହେଲା, ଯାହାକୁ ଶେଷରେ ଖାଉଟିମାନେ ବ୍ୟବହାର କରିଥାନ୍ତି। ଉଦାହରଣ ସ୍ୱରୂପ: ଖାଦ୍ୟ ଶସ୍ୟ, ବୟନ ଶିଳ୍ପ, ପ୍ରସାଧନ ସାମଗ୍ରୀ ଇତ୍ୟାଦି। ଉତ୍ପାଦନକାରୀ ସାମଗ୍ରୀ ହେଲା ଯେଉଁ ସାମଗ୍ରୀକୁ ଉତ୍ପାଦନକାରୀମାନେ ବ୍ୟବହାର କରିଥାନ୍ତି। ଉଦାହରଣ: ଯନ୍ତ୍ରାଂଶ, ଉପକରଣ ଆଦି ବାଣିଜ୍ୟ


An Industry

ବ୍ୟବସାୟର ବିକାଶ ଶିଳ୍ପ ଅଭିବୃଦ୍ଧି ଉପରେ ନିର୍ଭରଶୀଳ। ଏହା ବଜାରର ଯୋଗାଣ ପାଖକୁ ଦର୍ଶାଏ। ଏଣୁ ଶିଳ୍ପ ହେଲା ବ୍ୟବସାୟିକ କାର୍ଯ୍ୟକଳାପର ଅଂଶ ଯାହା–

(କ) କୋଇଲା, ପେଟ୍ରୋଲିୟମ, ଲୌହପଥର ଉତ୍ତୋଳନ (ଉତ୍ତୋଳନକାରୀ ଶିଳ୍ପ)

(ଖ) କଞ୍ଚାମାଲକୁ ସାମଗ୍ରୀରେ ପରିଣତ କରିବା, ଯଥା– ସାବୁନ, ବ୍ରେଡ୍, ଫ୍ୟାନ, ସିମେଣ୍ଟ ଆଦି (ମାନୁଫାକ୍‌ଚରିଂ ଶିଳ୍ପ)

(ଗ) କୋଠାଘର, ପୋଲ, ବନ୍ଧ, ବାଡ଼, ରାସ୍ତାଘାଟ ନିର୍ମାଣ (ନିର୍ମାଣ ଶିଳ୍ପ)


ଏଣୁ ଉତ୍ତୋଳନ, ଉତ୍ପାଦନ, ପ୍ରକ୍ରିୟାକରଣ, ନିର୍ମାଣ ଏବଂ ପ୍ରସ୍ତୁତି କରଣ ଆଦି ବ୍ୟାବସାୟିକ କାର୍ଯ୍ୟକଳାପ ଶିଳ୍ପ ପରିସର ଭୁକ୍ତ। ଅନ୍ୟ ଅର୍ଥରେ ଏକପ୍ରକରେ ଉତ୍ପାଦନରେ ନିୟୋଜିତ କାରଖାନା ସମୂହକୁ ଶିଳ୍ପ କହନ୍ତି। ଉଦାହରଣ ସ୍ୱରୂପ ସୂତା ପ୍ରସ୍ତୁତ କରୁଥିବା ବା ବସ୍ତ୍ର କରୁଥିବା କାରଖାନା ସମୂହକୁ ବୟନ ଶିଳ୍ପ, ସିମେଣ୍ଟ କାରଖାନାକୁ ସିମେଣ୍ଟ ଶିଳ୍ପ ଇତ୍ୟାଦି।

## ୨.୩ ଶିଳ୍ପର ପ୍ରକାର ଭେଦ

ବିଭିନ୍ନ ପ୍ରକାରର ଶିଳ୍ପ ରହିଛି। ସେଗୁଡ଼ିକ ହେଲା:


୧. **ପ୍ରାଥମିକ ଶିଳ୍ପ ବା ପ୍ରାଇମେରୀ ଶିଳ୍ପ:** ପ୍ରକୃତିକୁ ଆଧାର କରି ସାମଗ୍ରୀ ଉତ୍ପାଦନ କରୁଥିବା ଶିଳ୍ପକୁ ପ୍ରାଥମିକ ଶିଳ୍ପ କୁହାଯାଏ। ଏହା ପ୍ରକୃତି ସମ୍ପର୍କିତ ଶିଳ୍ପ। ଏଥିରେ ମାନବୀୟ ପ୍ରଚେଷ୍ଟା କମ୍‌ଥାଏ, ଉଦାହରଣ: କୃଷିକାର୍ଯ୍ୟ, ଫାର୍ମିଂ, ମାଛଚାଷ, ଉଦ୍ୟାନ କୃଷି, ଜଙ୍ଗଲଜାତ ଦ୍ରବ୍ୟ ସମ୍ବନ୍ଧୀୟ ଇତ୍ୟାଦି।


An Agricultural Farm



ଟିପ୍ପଣୀ

୨. **ଜେନେଟିକ ଶିଳ୍ପ:** ବିକ୍ରି ଉଦ୍ଦେଶ୍ୟରେ କେତେକ ପ୍ରାଣୀ ଏବଂ ବୃକ୍ଷଲତାର ବଂଶ ବୃଦ୍ଧିକୁ ଜେନେଟିକ୍ ଶିଳ୍ପ ବା ଚିର ସଂକ୍ରାନ୍ତ ଶିଳ୍ପ କହନ୍ତି । ଉଦାହରଣ ସ୍ୱରୂପ: ନର୍ସରୀ ସ୍ଥାପନ, ଗୋରୁଗାଈ ପାଳନ, କୁକୁଡ଼ା ଚାଷ, ମେଣ୍ଢା ବା ଛେଳି ପାଳନ ଇତ୍ୟାଦି ।



Genetic Industry

୩. **ଉତ୍ତୋଳନ ଶିଳ୍ପ:** ମାଟି, ପାଣି, ପବନରୁ ସାମଗ୍ରୀ ଉତ୍ତୋଳନ ସଂକ୍ରାନ୍ତ ଶିଳ୍ପକୁ ଉତ୍ତୋଳନ ଶିଳ୍ପ କୁହାଯାଏ । ସାଧାରଣ ଉତ୍ତୋଳନ ଶିଳ୍ପରୁ ବାହାରୁଥିବା ସାମଗ୍ରୀ କଞ୍ଚାମାଲ ରୂପେ ଉତ୍ପାଦନ ଏବଂ ନିର୍ମାଣ ଶିଳ୍ପରେ ବ୍ୟବହୃତ ହୋଇଥାଏ । ଉଦାହରଣ: ଖଣି ଖନନ, କୋଇଲା, ଧାତବ ଲବଣ ଉତ୍ତୋଳନ, ତୈଳ ଉତ୍ତୋଳନ, ଲୌହପିଣ୍ଡ, ରବର ସଂଗ୍ରହ ଇତ୍ୟାଦି ।



Mining Industry

୪. **ମାନୁଫାକ୍‌ଚରିଂ(Manufacturing) ବା ବିନିର୍ମାଣ ଶିଳ୍ପ:** ଯନ୍ତ୍ରପାତି ଏବଂ ମାନବ ସମ୍ବଳ ଜରିଆରେ କଞ୍ଚାମାଲକୁ ବ୍ୟବହୃତ ସାମଗ୍ରୀରେ ପରିଣତ କରୁଥିବା ଶିଳ୍ପକୁ ବିନିର୍ମାଣ ଶିଳ୍ପ ବା ମାନୁଫାକ୍‌ଚରିଂ ଇଣ୍ଡଷ୍ଟ୍ରି କୁହାଯାଏ । ବ୍ୟବହୃତ ସାମଗ୍ରୀ ଖାଉଟିଙ୍କ ପାଇଁ ବା ଉତ୍ପାଦନକାରୀ ଶିଳ୍ପ ପାଇଁ ଉଦ୍ଦିଷ୍ଟ ଥାଏ । ଉଦାହରଣ ସ୍ୱରୂପ: ବୟନ ଶିଳ୍ପ, ଚିନିକଳ, ରାସାୟନିକ ଶିଳ୍ପ, କାଗଜ କଳ ଇତ୍ୟାଦି ।



Manufacturing Industry

୫. **ନିର୍ମାଣ ଶିଳ୍ପ:** କୋଠା, ବନ୍ଧ, ବାଡ଼, ପୋଲ ଆଦି ନିର୍ମାଣ, ରାସ୍ତାଘାଟ ନିର୍ମାଣ କରୁଥିବା ଶିଳ୍ପକୁ ନିର୍ମାଣ ଶିଳ୍ପ କହନ୍ତି । ଏହା ଅନ୍ୟାନ୍ୟ ଶିଳ୍ପଠାରୁ ଭିନ୍ନ । କାରଣ ଅନ୍ୟାନ୍ୟ ଶିଳ୍ପ କ୍ଷେତ୍ରରେ ସାମଗ୍ରୀ ଗୋଟିଏ ସ୍ଥାନରୁ ପ୍ରସ୍ତୁତ ହେଉଥିଲାବେଳେ ନିର୍ମାଣ ଶିଳ୍ପରେ ପ୍ରସ୍ତୁତ ଓ ବିକ୍ରି ସାମଗ୍ରୀ ଗୋଟିଏ ସ୍ଥାନରେ ନିର୍ମାଣ କାର୍ଯ୍ୟରେ ଲାଗିଥାଏ ।



A Building under Construction


୬. **ସେବା ଶିଳ୍ପ:** ଆଧୁନିକ ଯୁଗର ସେବା ଶିଳ୍ପର ଚାହିଦା ଅନେକ । ସେବା ଶିଳ୍ପ ଗୁଡ଼ିକ ମଧ୍ୟରେ ହୋଟେଲ, ପର୍ଯ୍ୟଟନ, ମନୋରଞ୍ଜନ ଶିଳ୍ପ ଇତ୍ୟାଦି ଅନ୍ୟତମ ।



Service Industry

## ୨.୪ ବାଣିଜ୍ୟ

ସାମଗ୍ରୀର ଉତ୍ପାଦନ ସହ ଶିଳ୍ପର ସମ୍ପର୍କ ଥିଲାବେଳେ ବିତରଣ ବା କାରବାର ସହ ବାଣିଜ୍ୟ ସମ୍ପୃକ୍ତ । ଅନ୍ୟପକ୍ଷରେ ସାମଗ୍ରୀର ବଣ୍ଟନ ସହ ବାଣିଜ୍ୟର ସମ୍ପର୍କ ରହିଛି । ସାମଗ୍ରୀର ଅବାଧ



ଟିପ୍ପଣୀ



ଏବଂ ନିରବଚ୍ଛିନ୍ନ ଯୋଗାଣ ଦାୟିତ୍ୱ ବାଣିଜ୍ୟର। ଏଣୁ ବାଣିଜ୍ୟ କାରବାର ବା ବ୍ୟବସାୟ ସହ ସମ୍ପୃକ୍ତ ଓ ଏହାର ଗୁରୁତ୍ୱପୂର୍ଣ୍ଣ ଅଂଶ।

## ୨.୫ ବେପାର(ଟ୍ରେଡ୍)

ବେପାରର ଅର୍ଥ ହେଲା ଜିନିଷ କିଣାବିକା। ଏଣୁ ଯେକେହି ଜିନିଷ କିଣାବିକା କରନ୍ତି ତାଙ୍କୁ ବେପାରି ବା ବ୍ୟବସାୟୀ କୁହନ୍ତି। ଉତ୍ପାଦନକାରୀ ଏବଂ ଖାଉଟି ମଧ୍ୟରେ ବ୍ୟବସାୟୀ ମଧ୍ୟସ୍ତି। ପାଇକାରୀ ବେପାରୀ ପ୍ରତ୍ୟକ୍ଷଭାବେ ଉତ୍ପାଦନକାରୀଠାରୁ ପର୍ଯ୍ୟାପ୍ତ ଜିନିଷ କ୍ରୟ କରି। ଖୁଚୁରା ବ୍ୟବସାୟୀଙ୍କୁ କିଛି କିଛି ବିକ୍ରି କରନ୍ତି। ଅନ୍ୟପକ୍ଷରେ ଖୁଚୁରା ବ୍ୟବସାୟୀ ପାଇକାରୀ ବ୍ୟବସାୟୀଙ୍କ ଠାରୁ ଜିନିଷ କିଣି ଖାଉଟିଙ୍କୁ ବିକ୍ରି କରିଥାନ୍ତି। ବେଳେବେଳ ଖୁଚୁରା ବ୍ୟବସାୟୀ ମଧ୍ୟ ସିଧାସଳଖ ଉତ୍ପାଦନକାରୀଙ୍କ ଠାରୁ ସାମଗ୍ରୀ କ୍ରୟ କରିଥାନ୍ତି।

## ୨.୬ ବେପାରର ସହଯୋଗୀ କାରବାର




ଉତ୍ପାଦନ କେନ୍ଦ୍ରରୁ ଖାଉଟି କେନ୍ଦ୍ରକୁ ଜିନିଷର ସୁପ୍ରବାହ ସଂକ୍ରାନ୍ତରେ କରାଯାଉଥିବା ସମସ୍ତ କାର୍ଯ୍ୟକଳାପକୁ ବେପାରର ସହଯୋଗୀ କାର୍ଯ୍ୟ ବା ସହକାରୀ କାର୍ଯ୍ୟ କୁହାଯାଏ। ଏହା ମୁଖ୍ୟତଃ ପାଞ୍ଚଟି ଭାଗରେ ବିଭକ୍ତ। ୧. ପରିବହନ, ୨.ଭଣ୍ଡାରୀକରଣ, ୩. ବୀମା, ୪.ବିଜ୍ଞାପନ ଏବଂ ୫. ବ୍ୟାଙ୍କିଙ୍ଗ୍।

**ପରିବହନ:** ଉତ୍ପାଦନ କେନ୍ଦ୍ର ନିକଟରେ ଉତ୍ପାଦିତ ପୂରା ସମାଗ୍ରୀ ବିକିବା ସମ୍ଭବ ନୁହେଁ। ଏଣୁ ଯେଉଁ ସବୁ ଅଞ୍ଚଳରେ ସଂପୃକ୍ତ ସାମଗ୍ରୀର ଚାହିଦା ରହିଛି ସେସବୁ ଅଞ୍ଚଳ ଚିହ୍ନଟ କରାଯାଇ ସାମଗ୍ରୀ ପଠାଯାଇଥାଏ। ଯେଉଁ ମାଧ୍ୟମରେ ମଣିଷ, ଯନ୍ତ୍ରପାତି ଏବଂ ଉତ୍ପାଦିତ ସାମଗ୍ରୀକୁ ଅନ୍ୟତ୍ର ପାଠାଯାଏ ତାକୁ ପରିବହନ ବ୍ୟବସ୍ଥା କହନ୍ତି। ସେଗୁଡ଼ିକ ମୁଖ୍ୟତଃ ତିନି ପ୍ରକାରର:

କ. ସ୍ଥଳ ପରିବହନ: ରେଳ, ସଡ଼କ

ଖ. ଆକାଶ ପରିବହନ: ବିମାନ, ହେଲିକପ୍ଟର

ଗ. ଜଳ ପରିବହନ: ବୋଟ୍, ଲଞ୍ଚ୍, ଜାହାଜ

**ଭଣ୍ଡାରକରଣ:** ଅଧିକ ଉତ୍ପାଦନ ପାଇଁ ଭଣ୍ଡାରକରଣ ଜରୁରୀ, ଜିନିଷ ଗୁଡ଼ିକୁ, ଉତ୍ପାଦନଠାରୁ ବିକ୍ରି ପର୍ଯ୍ୟନ୍ତ ଯତ୍ନର ସହ ରଖିବାକୁ ପଡ଼େ। ଏଣୁ ଭଣ୍ଡାରକରଣର ଆବଶ୍ୟକତା ରହିଛି। ଭଣ୍ଡାର ଘରକୁ ଅନ୍ୟଭାଷାରେ ଗୋଡାଉନ୍ ବା ଗୋଦାମ ଘର କୁହାଯାଏ।

**ବୀମା:** ଉତ୍ପାଦନ ପ୍ରକ୍ରିୟା ବା ପରିବହନ ସମୟରେ ସାମଗ୍ରୀ ନଷ୍ଟ ହେବାର ଆଶଙ୍କା ରହିଛି। ଦୁର୍ଘଟଣା ଯୋଗୁଁ ପ୍ରଭୂତ ପରିମାଣର ସାମାଗ୍ରୀ ନଷ୍ଟ ହେବାର ଆଶଙ୍କା ଥାଏ। ଏତଦ୍‌ବ୍ୟତୀତ ଚୋରୀ, ଅଗ୍ନିକାଣ୍ଡ

ଏବଂ ଲିକେଜ୍ ଯୋଗୁଁ ମଧ୍ୟ ସାମଗ୍ରୀ ନଷ୍ଟହେବାର ଆଶଙ୍କା ରହିଛି । ଫଳରେ ବ୍ୟବସାୟୀଙ୍କୁ କ୍ଷତି ସହିବାକୁ ପଡ଼େ । ବ୍ୟବସାୟୀଙ୍କୁ କ୍ଷତିରୁ ରକ୍ଷାକରିବାକୁ ବୀମା କମ୍ପାନୀ ସହାୟତା ହାତ ବଢ଼ାନ୍ତି । ଏଥିପାଇଁ ବ୍ୟବସାୟୀମାନେ ସମ୍ପୃକ୍ତ ବୀମା କମ୍ପାନୀରୁ ପଲିସି ନେଇଥାନ୍ତି ଏବଂ ବଦଳରେ କମ୍ପାନୀକୁ ନିୟମିତଭାବେ ପ୍ରିମିୟମ ରାଶି ପ୍ରଦାନ କରିଥାନ୍ତି ।

**ବିଜ୍ଞାପନ:** ସାମଗ୍ରୀ ବିକ୍ରିବଟା ପାଇଁ ବିଜ୍ଞାପନର ଗୁରୁ ଭୂମିକା ରହିଛି । ଉତ୍ପାଦନକାରୀ ବିଜ୍ଞାପନ ମାଧ୍ୟମରେ ଖାଉଟିଙ୍କ ନିକଟରେ ଉତ୍ପାଦିତ ସମାଗ୍ରୀର ପ୍ରଚାର କରିଥାନ୍ତି । ଫଳରେ ସମ୍ପୃକ୍ତ ସାମଗ୍ରୀ କିଣିବାକୁ ଖାଉଟିଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧିପାଇଥାଏ । ବିଜ୍ଞାପନ ବିଭିନ୍ନ ପ୍ରକାରର । ମୁଖ୍ୟତଃ ଭାବେ କହିଲେ ଏହା ଇନ୍‌ଡୋର ଏବଂ ଆଉଟ୍‌ଡୋର ବା ଅନ୍ତଃବିଜ୍ଞାପନ ଏବଂ ବର୍ହିବିଜ୍ଞାପନ । ଖାଉଟିମାନେ ନିଜ ନିଜ ଘରେ ଥିଲାବେଳେ ଉତ୍ପାଦନକାରୀ ଖବର କାଗଜ, ରେଡ଼ିଓ, ଟେଲିଭିଜନ ଜରିଆରେ ଯେଉଁ ବିଜ୍ଞାପନ ଦେଇଥାନ୍ତି ତାହାକୁ ଅନ୍ତଃବିଜ୍ଞାପନ କହନ୍ତି । ମାତ୍ର ଲୋକମାନେ ଘରବାହାରେ ଥିବାବେଳେ ଯେଉଁ ପ୍ରଚାର ଯେଉଁ ପ୍ରଚାର ଦେଖିଥାନ୍ତି ବା ଶୁଣିଥାନ୍ତି ତାହାକୁ ବର୍ହିବିଜ୍ଞାପନ କହନ୍ତି । ଉଦାହରଣ ସ୍ୱରୂପ ସିନେମା, ଥିଏଟର, ରଙ୍ଗମଞ୍ଚରେ ବିଜ୍ଞାପନ, ପ୍ରାଚୀରପତ୍ର (ପୋଷ୍ଟର), ହୋର୍ଡ଼ିଂ ଆଦି ।

**ବ୍ୟାଙ୍କିଙ୍ଗ୍:** ସାମ୍ପ୍ରତିକ ସ୍ଥିତିରେ ବ୍ୟାଙ୍କ ବିନା ବ୍ୟବସାୟ କଥା ଚିନ୍ତା କରାଯାଇନପାରେ । ବ୍ୟବସାୟ ଆରମ୍ଭ କରିବା ବା ଏହାକୁ ସୁରୁଖୁରୁରେ ଚଳାଇବା ପାଇଁ ଅର୍ଥ ଆବଶ୍ୟକ । ବ୍ୟାଙ୍କ ଟଙ୍କା ଯୋଗାଇଥାନ୍ତି । ଲୋକଙ୍କ ଠାରୁ ଜମା ସଂଗ୍ରହ କରିବା, ସେମାନଙ୍କୁ ଆବଶ୍ୟକତା ଅନୁସାରେ ଯୋଗାଇବା ଏବଂ ଋଣ ସହାୟତା ଯୋଗାଣ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ । ବ୍ୟାବସାୟିକ କାର୍ଯ୍ୟକଳାପ ପାଇଁ ଅନେକ ଜରୁରୀ କାର୍ଯ୍ୟରେ ବ୍ୟାଙ୍କ ସହାୟତା ପ୍ରଦାନ କରିଥାନ୍ତି । ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାବଳୀ ସଂକ୍ରାନ୍ତରେ ଏଠାରେ କେବଳ ସୂଚନା ଦିଆଯାଇଛି ।

## ପାଠଗତ ପ୍ରଶ୍ନାବଳୀ ୨.୧

୧. ବିକଳ୍ପ ମଧ୍ୟରୁ ଠିକ୍ ଶବ୍ଦଟି ବାଛ ।

କ) ଶିଳ୍ପ ସହ କ'ଣ ସମ୍ପୃକ୍ତ **ଉତ୍ପାଦନ / ବଣ୍ଟନ ।**


ଖ) ବାଣିଜ୍ୟ ମୁଖ୍ୟତଃ କାହା ସହ ସମ୍ପୃକ୍ତ- **ଉତ୍ପାଦନ / ବଣ୍ଟନ ।**

ଗ) ବହୁଳ ଭାବରେ ବିକ୍ରିକରୁଥିବା ବା କ୍ରୟ କରୁଥିବା ବ୍ୟକ୍ତି **ପାଇକାରୀ / ଖୁଚୁରା ବିକ୍ରେତା ।**

ଘ) ଯେଉଁ ମାଧ୍ୟମରେ ମଣିଷ ଓ ସାମଗ୍ରୀ ଗୋଟିଏ ସ୍ଥାନରୁ ଅନ୍ୟତ୍ର ପଠାଯାଏ ତାକୁ **ବୀମା / ପରିବହନ** କୁହାଯାଏ ।

୨. ଡାଲମିଆଁ ତୈଳ କମ୍ପାନୀ ବିଶୋଧିତ ତୈଳ (ରିଫାଇନ୍‌ଡ଼ ଅଏଲ) ପ୍ରସ୍ତୁତ କରେ । ରାଞ୍ଚି ତୈଳଡିପୋ ସବୁ ଉତ୍ପାଦିତ ସାମଗ୍ରୀ ନେଇ ଖୁଚୁରା ବ୍ୟବସାୟୀଙ୍କୁବିକ୍ରି କରନ୍ତି । ଶୀମତୀ ସ୍ନିଗ୍ଧା ଦୁଇ କିଲୋ ରିଫାଇନ୍ ତେଲ ବାଲାଜୀ ଗ୍ରୋସେରୀରୁ କିଣିଲେ । ଉପର ବର୍ଣ୍ଣିତ ପାରାନୁସାରେ ଲେଖ:

| | | ନାମ |
|---|---|---|
| କ. | ଉତ୍ପାଦନକାର | ............................... |
| ଖ. | ପାଇକାରୀ ବିକ୍ରେତା | ............................... |
| ଗ. | ଖୁଚୁରା ବିକ୍ରେତା | ............................... |
| ଘ. | ଖାଉଟି | ............................... |



ଟିପ୍ପଣୀ



## ୨.୭ ଇ-ବାଣିଜ୍ୟର ସଂଜ୍ଞା ଓ ଅର୍ଥ

ଇଣ୍ଟରନେଟ୍ ଏବେ ବିଶେଷଭାବେ ବିକଶିତ ହେଲା। ଅତ୍ୟାଧୁନିକ ଜ୍ଞାନକୌଶଳ ବୃଦ୍ଧିଯୋଗୁଁ ଜନସାଧାରଣ ଅଧିକରୁ ଅଧିକ କମ୍ପ୍ୟୁଟର ପ୍ରତି ଆକର୍ଷିତ ହେଉଛନ୍ତି। ଏପରିକି ସେମାନେ ନିଜର ଦୈନନ୍ଦିନ କାରବାରରେ କମ୍ପ୍ୟୁଟର ବ୍ୟବହାର ମଧ୍ୟ କରୁଛନ୍ତି। ଅନ୍‌ଲାଇନରେ ପସନ୍ଦର ସାମଗ୍ରୀ ଓ ବସ୍ତୁ ଖୋଜିବା ପାଇଁ ଜନସାଧାରଣ ୱେବ୍‌ସାଇଟ୍ ଦେଖୁଛନ୍ତି। ଏହାହିଁ ଇ-ବାଣିଜ୍ୟ ବା ଇଲେକ୍‌ଟ୍ରୋନିକ୍‌ସ ବାଣିଜ୍ୟ କହନ୍ତି। ବ୍ୟବସାୟରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ଇ-ବାଣିଜ୍ୟ ପଦ୍ଧତିରେ କମ୍ପାନୀର କି ଲାଭ ବା କ୍ଷତି ହେବ ପରୀକ୍ଷା କରାଯାଇଥାଏ। ଏଣୁ ପ୍ରଥମ କାମ ହେଲା ତୁମ ବ୍ୟବସ୍ଥାରେ ଇ-ବାଣିଜ୍ୟ ଅନ୍ତର୍ଭୁକ୍ତ ହେବା ଉଚିତ୍ କି ନୁହେଁ। ୱେବ୍ ବ୍ୟବସାୟ ବ୍ୟବସାୟ ପାଇଁ ଉପଯୁକ୍ତ କି ନୁହେଁ ପରୀକ୍ଷା କରାଯିବା ଜରୁରୀ।

### ପାରମ୍ପରିକ ବାଣିଜ୍ୟ ଓ ଇ-ବାଣିଜ୍ୟ ମଧ୍ୟରେ ପାର୍ଥକ୍ୟ

| ନମ୍ବର | ମୌଳିକ ପାର୍ଥକ୍ୟ | ପାରମ୍ପରିକ ବାଣିଜ୍ୟ | ଇ-ବାଣିଜ୍ୟ |
|---|---|---|---|
| ୧. | ପ୍ରସ୍ତୁତି | କଷ୍ଟକର | ସରଳ |
| ୨. | ବ୍ୟକ୍ତିଗତ ଉପସ୍ଥିତି | ଅଧିକ | ଅନାବଶ୍ୟକ |
| ୩. | ବ୍ୟୟ | ଅଧିକ | କମ୍ |
| ୪. | ପରିଚାଳନା ବ୍ୟୟ | ଅଧିକ(ସଂଗ୍ରହ, ବିପଣନ ଓ ବଣ୍ଟନରେ ଅଧିକ ପୁଞ୍ଜି ଆବଶ୍ୟକ) | କମ୍, (ବ୍ୟକ୍ତିଗତ, ହାଜିରା ଅନାବଶ୍ୟକ) |
| ୫. | କାରବାର ସମୟ | ଅଧିକ | କମ୍ କାରଣ ଇଣ୍ଟରନେଟ୍‌ରେ କାରବାର ହୁଏ |
| ୬. | ବ୍ୟକ୍ତିଗତ ସମ୍ପର୍କ | ଅଧିକ | କମ୍ |
| ୭. | ବ୍ୟବସାୟ ଅବଧି | ଅଧିକ | କମ୍ |
| ୮. | ସରକାରୀ ସହାୟତା | କମ୍ | ଅଧିକ |
| ୯. | ଗ୍ଲୋବାଲ୍ ରିଚ୍ (ଜଗତିକରଣ) | କମ୍ | ଅଧିକ |

**ଇ-ବାଣିଜ୍ୟ (ଇ-କମର୍ସ)** ଇ-ବାଣିଜ୍ୟ ଇ-କାରବାରର ଅଂଶବିଶେଷ। ଏ କ୍ଷେତ୍ରରେ ଇଣ୍ଟରନେଟ୍ ଜରିଆରେ ବ୍ୟବସାୟ କରାଯାଇଥାଏ। ଇ-ବାଣିଜ୍ୟ ଓ ଇ-ବ୍ୟବସାୟ କୁ କେତେକ ସମାନ ବୋଲି ମଧ୍ୟ ବିଚାର କରିଥାନ୍ତି। କେତେକ କ୍ଷେତ୍ରରେ ଖୁଚୁରା କିଣାବିକା ପାଇଁ ଇ-ରିଟେଲିଂ ଶବ୍ଦ ବ୍ୟବହୃତ ହୋଇଥାଏ। ବୈଦ୍ୟୁତିକ ମାଧ୍ୟମରେ ଆର୍ଥିକ କାରବାରକୁ ଇ-କମର୍ସ କୁହାଯାଏ।

ଇ-ବାଣିଜ୍ୟର ଲୋକପ୍ରିୟତା ବୃଦ୍ଧି ପାଉଥିବାରୁ ଅଧିକାଂଶ ସଂଗଠନ ମଧ୍ୟ ବିଶ୍ୱବ୍ୟାପୀ ୱେବ୍ ୱାର୍ଲଡ୍ ୱାଇଡ୍ ୱେବ୍ ଜରିଆରେ ଅର୍ଥନୈତିକ କାରବାର କରୁଛନ୍ତି। ଇ-ବାଣିଜ୍ୟ ମୁଖ୍ୟତଃ ଚାରିଭାଗରେ ବିଭକ୍ତ। ସେଗୁଡ଼ିକ ହେଲା: ବି୨ବି, ବି୨ସି, ସି୨ବି ଏବଂ ସି୨ସି (B2B, B2C, C2B and C2C)।

## ୨.୮ ଇ-ବାଣିଜ୍ୟର ପ୍ରକାର

ଇ-ବାଣିଜ୍ୟ ନିମ୍ନ ପ୍ରକାରେ ବିଭାଗିକରଣ ହେଉଛି:

**ବି୨ବି (ବ୍ୟବସାୟ ରୁ ବ୍ୟବସାୟ):** କମ୍ପାନୀମାନେ ନିଜ ନିଜ ମଧ୍ୟରେ ବ୍ୟବସାୟ କରିଥାନ୍ତି। ଉତ୍ପାଦନକାରୀ ବଣ୍ଟନକାରୀଙ୍କୁ ଏବଂ ପାଇକାରୀ ବିକ୍ରେତା ଖୁଚୁରା ବିକ୍ରେତାଙ୍କୁ ସାମଗ୍ରୀ ବିକିଥାନ୍ତି। ପରିମାଣ ଅନୁସାରେ, ବେଳେବେଳେ ଆପୋଷ ବୁଝାମଣା ଆଧାରରେ ମୂଲ୍ୟ ନିର୍ଦ୍ଧାରଣ ହୋଇଥାଏ।

**ବି୨ସି (ବ୍ୟବସାୟୀଙ୍କ ଠାରୁ ଖାଉଟି):** ଏ କ୍ଷେତ୍ରରେ ବ୍ୟବସାୟୀମାନେ ଖାଉଟିଙ୍କୁ ସାମଗ୍ରୀ ବିକ୍ରି କରିଥାନ୍ତି। ଏଥିପାଇଁ ବ୍ୟବସାୟୀମାନେ ସପିଂ କାର୍ଟ ସଫ୍ଟୱେର ଜରିଆରେ କ୍ୟାଟ୍‌ଲଗ ଦେଇଥାନ୍ତି। ଡଲାରରେ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ।

| | ବ୍ୟବସାୟୀ | ଖାଉଟି |
|---|---|---|
| ବ୍ୟବସାୟୀ | B2B | C2B |
| ଖାଉଟି | B2C | C2C |

ଇ-ବାଣିଜ୍ୟର ପ୍ରକାର

**ସି୨ବି (ଖାଉଟି ଠାରୁ ବ୍ୟବସାୟୀ):** ଏହି ବ୍ୟବସାୟ ପଦ୍ଧତିରେ ଖାଉଟି ନିଜ ବଜେଟ ଓ ପସନ୍ଦ ଅନୁସାରେ ନେଟ୍‌ରେ ପ୍ରକଳ୍ପ ପ୍ରସ୍ତାବ ରଖିଥାନ୍ତି। କମ୍ପାନୀମାନେ ଖାଉଟିଙ୍କ ଚାହିଦା ଅନୁସାରେ ଉକ୍ତ ପ୍ରକଳ୍ପ ଗ୍ରହଣ ପାଇଁ ପ୍ରସ୍ତାବ ରଖିଥାନ୍ତି। ଖାଉଟି କମ୍ପାନୀମାନଙ୍କ ପ୍ରସ୍ତାବ ଯାଞ୍ଚ କରିବା ପରେ ନିଜ ପାଇଁ ଉପଯୁକ୍ତ ପ୍ରସ୍ତାବକୁ ଗ୍ରହଣ କରିଥାନ୍ତି। ସି୨ବି ବିଶ୍ୱସ୍ତରର ଖାଉଟିଙ୍କ ପାଇଁ ଏକ ସ୍ୱତନ୍ତ୍ର ପ୍ଲାଟଫର୍ମ ତିଆରି କରିଥାଏ।

**ସି୨ସି (ଖାଉଟିଙ୍କ ଠାରୁ ଖାଉଟି):** ନେଟ୍‌ରେ ଅନେକ ସାଇଟ ଅଛି ଯେଉଁମାନେ ମାଗଣାରେ କ୍ଲାସିଫାଏଡ୍, ନିଲାମ ସୁଯୋଗ ଦେଇଥାନ୍ତି। ଫଳରେ ଖାଉଟିମାନେ ଖାଉଟିଙ୍କ ଅନଲାଇନ୍ କିଣାବିକା ବା ବିଜ୍ଞାପନ ସୁବିଧା ଦେଇ ଅର୍ଥ ଲାଭ କରିଥାନ୍ତି। ଏହି ସାଇଟ୍ ମଧ୍ୟରୁ ଇ-ବେ ବା e-Bayର ନିଲାମ ସେବା ଅନ୍ୟତମ।

୧୯୯୫ରୁ ଇ-ବେରେ ଖାଉଟିମାନେ ସିଧାସଳଖ କିଣାବିକା କରିପାରୁଛନ୍ତି।

ଇ-ବାଣିଜ୍ୟର ଅନ୍ୟାନ୍ୟ ପ୍ରକାର ମଧ୍ୟ ରହିଛି। ସେଗୁଡ଼ିକ ହେଲା ସରକାରୀ କାରବାର, ଯଥା: ଅନ୍‌ଲାଇନ୍ ଟିକସ ଦାଖଲ, ବ୍ୟବସାୟ ପଞ୍ଜିକରଣ, ଲାଇସେନ୍ସ ନବୀକରଣ ଆଦି। ଆହୁରି କେତେକ ପଦ୍ଧତି ମଧ୍ୟ ରହିଛି ସେଗୁଡ଼ିକ ହେଲା ଜି୨ଜି (ସରକାର ରୁ ସରକାର) ଜି୨ଇ (ସରକାରଙ୍କ ଠାରୁ କର୍ମଚାରୀ) ଜି୨ବି (ସରକାରଙ୍କଠାରୁ ବ୍ୟବସାୟ) ବି୨ଜି (ବ୍ୟବସାୟଠାରୁ ସରକାର) ଜି୨ସି (ସରକାରଠାରୁ ନାଗରିକ) ଏବଂ ସି୨ଜି (ନାଗରିକଙ୍କଠାରୁ ସରକାର) ମାତ୍ର ଏସବୁ ଇ-କମର୍ସ ପରିସର ବାହାରେ।

## ୨.୯ ଇ-ବାଣିଜ୍ୟର ସୁବିଧା

ଇଣ୍ଟରନେଟ୍ ଜରିଆରେ ବ୍ୟବସାୟ ବ୍ୟାପକ। ଏହା ଉଭୟ ପାଇକାରୀ ଓ ଖୁଚୁରା କ୍ଷେତ୍ର ପାଇଁ ପ୍ରଯୁଜ୍ୟ। ବିଶ୍ୱର ଯେକୌଣସି ସ୍ଥାନରୁ ଯେକୌଣସି ସମୟରେ ଜିନିଷ କିଣାବିକା ନେଟ୍ ଜରିଆରେ ହୋଇପାରେ। ଏହା ଦ୍ୱାରା ବ୍ୟବସାୟୀ ନିଜର ଉତ୍ପାଦ ବା ସେବା ପାଇଁ ବ୍ୟାପକ ବଜାର ସୁବିଧା ପାଏ। ଇ-ବାଣିଜ୍ୟର ଲାଭ ଗୁଡ଼ିକ ହେଲା:

୧. **ପସନ୍ଦ ବ୍ୟାପକ:** ଇଣ୍ଟରନେଟ ସଂଯୋଗ ଥିବା ଏକ କମ୍ପ୍ୟୁଟର ଜରିଆରେ ଜଣେ ବ୍ୟବସାୟୀ ନିଜ ଉତ୍ପାଦ ପାଇଁ ଦେଶ ବା ବିଦେଶରେ ଗରାଖ ସୃଷ୍ଟି କରିପାରେ। ଫଳରେ ସମ୍ପୃକ୍ତ ଉତ୍ପାଦ ପାଇଁ ଅନେକ ଖାଉଟି ସୁଯୋଗ ମିଳେ। ସେହପରି ଜଣେ ଖାଉଟି ମଧ୍ୟ ଅନେକ ମଧ୍ୟରୁ ନିଜ ପସନ୍ଦର ସାମଗ୍ରୀ ବିକ୍ରି କରିଥାନ୍ତି।

୨. **ଉନ୍ନତ ଉପଭୋକ୍ତା ସେବା:** ସେବା ଓ ଉତ୍ପାଦ ଯୋଗାଣକାରୀମାନେ ବିକ୍ରି ପରେ ବା ବିକ୍ରି ସମୟରେ ଖାଉଟିଙ୍କୁ ସୁବିଧା ଯୋଗାଇଥାନ୍ତି। ଖାଉଟିମାନେ ମଧ୍ୟ ନିଜ ପସନ୍ଦ ଅନୁସାରେ ସାମଗ୍ରୀପାଇଁ ବରାଦ ଓ ଅଭିଯୋଗ ରୁଜୁ କରିଥାନ୍ତି।

୩. **ଖାଉଟି ଚାହିଦାର ଆଶୁ ସମାଧାନ:** ଇ-କମର୍ସ ଜରିଆରେ ଖାଉଟିଙ୍କ ଚାହିଦା ନିମିଷକ ମଧ୍ୟରେ ପୂରଣ ହୋଇଥାଏ। ଖୁବ୍ କମ୍‌ସମୟ ମଧ୍ୟରେ ଖାଉଟି ନିଜ ପସନ୍ଦର ସାମଗ୍ରୀ ଠାବ କରିପାରିଥାନ୍ତି।

୪. **ମୂଲ୍ୟ ହ୍ରାସ ଏବଂ ମିତବ୍ୟୟୀ:** ଇଣ୍ଟରନେଟ୍‌ରେ ମାର୍କେଟିଂ ଯୋଗୁଁ ଦଲାଲଙ୍କ ଉପସ୍ଥିତି ନଥାଏ। ଏହା ଦ୍ୱାରା ସମୟ କମ୍ ଆବଶ୍ୟକ ହୋଇଥିବାରୁ ସମୟ ଖର୍ଚ୍ଚ କମ୍ ହୋଇଥାଏ। ଫଳରେ ଉଭମ ଖାଉଟି ଏବଂ ଉତ୍ପାଦନକାରୀ ଲାଭବାନ ହୁଅନ୍ତି। କ୍ରୟ, ବିକ୍ରୟ ପାଇଁ ଅନ୍ୟାନ୍ୟ ଖର୍ଚ୍ଚ ଯଥା: ପରିବହନ, ମହଜୁଦ ରଖିବା, ବିଜ୍ଞାପନ ଆଦିପାଇଁ ଖର୍ଚ୍ଚ କମ୍ ରହୁଥିବାରୁ ସାମଗ୍ରୀ ମୂଲ୍ୟ ହ୍ରାସ ପାଇଥାଏ।

୫. **ବଜାର ସୂଚନା:** ଇଣ୍ଟରନେଟ୍ ଜରିଆରେ ବିଭିନ୍ନ ବଜାରର ସୂଚନା ମିଳେ। ଫଳରେ ଖାଉଟିଙ୍କ ପସନ୍ଦ, ଅପସନ୍ଦ ସମ୍ପର୍କରେ ଉତ୍ପାଦନକାରୀ ବା ନିର୍ମାତା ଅବଗତ ହୋଇଥାନ୍ତି।

ଟିପ୍ପଣୀ

## ପାଠଗତ ପ୍ରଶ୍ନାବଳୀ ୨.୨

ଠିକ୍ ଉତ୍ତର ବାଛି ଲେଖ।

୧. ଗଛ ରୋପଣ ଏବଂ ବୃଦ୍ଧିର ନିୟୋଜିତ ଶିଳ୍ପ
 କ) ନିର୍ମାଣ ଶିଳ୍ପ  ଖ) ମାନୁଫାକ୍‌ଚରିଂ ଶିଳ୍ପ
 ଗ) ଉତ୍ତୋଳନକାରୀ ଶିଳ୍ପ  ଘ) ଜେନେଟିକ୍(ବଂଶଗତ) ଶିଳ୍ପ

୨. କୋଠାବାଡ଼ି, ରାସ୍ତା, ବନ୍ଧବାଡ଼ ନିର୍ମାଣରେ ନିୟୋଜିତ ଶିଳ୍ପ
 କ) ନିର୍ମାଣ ଶିଳ୍ପ  ଖ) ମାନୁଫାକ୍‌ଚରିଂ ଶିଳ୍ପ
 ଗ) ଉତ୍ତୋଳନକାରୀ ଶିଳ୍ପ  ଘ) ଜେନେଟିକ୍(ବଂଶଗତ) ଶିଳ୍ପ

୩. ଇ-ବାଣିଜ୍ୟ ଅର୍ଥହେଲା ......... ମାଧ୍ୟମରେ ଜିନିଷ କ୍ରୟ-ବିକ୍ରୟ।
 କ) ବୈଦ୍ୟୁତିକ  ଖ) ବ୍ୟକ୍ତିଗତ
 ଗ) ଡାକଘର  ଘ) ଟେଲିଭିଜନ

୪. ବେପାରର ଅନ୍ୟାନ୍ୟ ସହାଯୋଗୀ ହେଲା:
 କ) ବ୍ୟାଙ୍କିଙ୍ଗ୍  ଖ) ମାନୁଫାକ୍‌ଚରିଂ
 ଗ) କ୍ରୟ  ଘ) ବିକ୍ରୟ

୫. ଇ-କମର୍ସ ଅନ୍ତର୍ଭୁକ୍ତ ନୁହେଁ:
 କ) ଏ୨ଏ  ଖ) ବି୨ବି
 ଗ) ବି୨ସି  ଘ) ଜି୨ଜି

## ତୁମେ କ'ଣ ଶିଖିଲ

- ଲାଭାର୍ଜନ ଲକ୍ଷ୍ୟର କରାଯାଉଥିବା କାର୍ଯ୍ୟକୁ ବ୍ୟବସାୟ କହନ୍ତି। ବ୍ୟବସାୟରେ ନିୟୋଜିତ ବ୍ୟକ୍ତିକୁ ବ୍ୟବସାୟୀ କୁହାଯାଏ। ବ୍ୟବସାୟ ମୁଖ୍ୟତଃ ଦୁଇ ପ୍ରକାର- ଶିଳ୍ପ, ବାଣିଜ୍ୟ। ଜିନିଷର ଉତ୍ପାଦନ ଓ ପ୍ରକ୍ରିୟାକରଣ ସହ ଶିଳ୍ପ ସମ୍ପୃକ୍ତ ଥିଲା ବେଳେ ବିତରଣ ଓ ବଣ୍ଟନ ସହ ବାଣିଜ୍ୟ ସମ୍ପୃକ୍ତ।
- ବାଣିଜ୍ୟ ଶବ୍ଦର ଅର୍ଥ ବ୍ୟାପକ, ବେଳେବେଳେ ବେପାର ବା ବ୍ୟବସାୟ ଓ ଏହାର ସହଯୋଗୀ କାର୍ଯ୍ୟକୁ ବାଣିଜ୍ୟ କୁହାଯାଇଥାଏ। ଜିନିଷ କିଣାବିକା କାର୍ଯ୍ୟକୁ କାରବାର ବା ବେପାର କହନ୍ତି। ବେପାରକୁ ସମୃଦ୍ଧ କରିବା ପାଇଁ ପରିବହନ, ଭଣ୍ଡାରକରଣ, ବ୍ୟାକିଂ, ବୀମା, ବିଜ୍ଞାପନ ଆଦି ସହାଯୋଗୀ କାର୍ଯ୍ୟ ଜରୁରୀ। ଏସବୁକୁ ଏଡ୍ ଟୁ ଟ୍ରେଡ଼ ବା ବ୍ୟବସାୟ ସହଯୋଗୀ କହନ୍ତି।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧. ବ୍ୟବସାୟ କହିଲେ କ'ଣ ବୁଝ ? ବିଭିନ୍ନ ପ୍ରକାରର ବ୍ୟାବସାୟିକ କାର୍ଯ୍ୟ ଲେଖ।

୨. ଇ-ବାଣିଜ୍ୟ ସଂଜ୍ଞା ଲେଖ। ଏହାର ବିଭିନ୍ନ ଉପାଦେୟତା ବର୍ଣ୍ଣନାକର।

୩. ଶିଳ୍ପ କହିଲେ କ'ଣ ବୁଝ ? ବିଭିନ୍ନ ପ୍ରକାର ଶିଳ୍ପ ବୁଝାଇଲେଖ।

୪. ଇ-ବାଣିଜ୍ୟ କେତେ ପ୍ରକାରର ଓ କ'ଣ ?

୫. ବାଣିଜ୍ୟ କାରବାରର ସହଯୋଗୀ କହିଲେ କ'ଣ ବୁଝ ? ଏହାର ସବିଶେଷ ବିବରଣୀ ଦିଅ।

୬. ବ୍ୟବସାୟରେ ପ୍ରତ୍ୟେହ କରାଯାଉଥିବା ସହଯୋଗୀ କାରବାର ଲେଖ। ଏ ସଂକ୍ରାନ୍ତରେ ତୁମ ମତାମତ ଜଣାଅ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୨.୧**

୧. କ) ଉତ୍ପାଦନ — ଖ) ବିତରଣ

ଗ) ପାଇକାରୀ ବିକ୍ରେତା — ଘ) ପରିବହନ

୨. କ) ଡାଲମିଆ ତୈଳ ମିଲ୍ — ଖ) ରୁଚି ଅଏଲ ଡିପୋ

ଗ) ବାଲାଜୀ ଗ୍ରୋସେରୀ — ଘ) ଶ୍ରୀମତୀ ସ୍ନିଗ୍ଧା

**୨.୨**

କ) ଘ  ଖ) କ  ଗ) କ  ଘ) କ  ଙ) କ

## ତୁମପାଇଁ କାମ

* ତୁମ ଅଞ୍ଚଳରେ ହେଉଥିବା ପାଞ୍ଚ ପ୍ରକାରର ବ୍ୟବସାୟ ଚିହ୍ନଟ କର। ସେଗୁଡ଼ିକୁ ଶିଳ୍ପ ଓ ବାଣିଜ୍ୟ ଭିତ୍ତିରେ ବିଭକ୍ତ କର। ଶିଳ୍ପ ଅନ୍ତର୍ଭୁକ୍ତ ବ୍ୟବସାୟ ଗୁଡ଼ିକ ମୌଳିକ ବା ଦ୍ୱିତୀୟତଃ ନା ତୃତୀୟ ସ୍ତରର ଶିଳ୍ପ ଲେଖ।

***

# ମଡ୍ୟୁଲ- ୨

**ସର୍ବାଧିକ ମୂଲ୍ୟାଙ୍କନ ନମ୍ବର-୧୫**

**ଅଧ୍ୟୟନର ସମୟ: ୩୫ଘଣ୍ଟା**

## ବ୍ୟବସାୟିକ ସଂଗଠନର ସ୍ୱରୂପ

ଆକାର, ମାଲିକାନା ଏବଂ ପରିଚାଳନାଗତ ଆବଶ୍ୟକତା ଅନୁଯାୟୀ ବ୍ୟବସାୟ ସଂସ୍ଥାର ଏକ ନିର୍ଦ୍ଦିଷ୍ଟ ସାଂଗଠନିକ ଢ଼ାଞ୍ଚା ଅଛି। ଶିକ୍ଷାର୍ଥୀମାନେ ଏହି ମଡ୍ୟୁଲକୁ ମଧ୍ୟୟନ କରିସାରିଲା ପରେ ସେମାନେ ବ୍ୟବସାୟ ସଂସ୍ଥାକୁ ସଂଗଠନର ବିଭିନ୍ନ ଢ଼ାଞ୍ଚାରେ ଶ୍ରେଣୀ ବିଭାଗ କରିବାରେ ସକ୍ଷମ ହେବେ। ଯଥା: ଏକକ ସତ୍ୱାଧିକାରୀ ବ୍ୟବସାୟ, ଭାଗୀଦାରୀ ବ୍ୟବସାୟ, ହିନ୍ଦୁ ଏକାନ୍ନବର୍ତ୍ତୀ ପରିବାର ସଂସ୍ଥା, ସମବାୟ ସମିତି ଏବଂ ଯୌଥ ଉଦ୍ୟୋଗ ଅଟେ।

**ଅଧ୍ୟାୟ-୩:** ଏକକ ସତ୍ୱାଧୀକାରୀ ବ୍ୟବସାୟ, ଭାଗିଦାରୀ ବ୍ୟବସାୟ ଏବଂ ହିନ୍ଦୁ ଏକାନ୍ନବର୍ତ୍ତୀ ପରିବାର ସଂସ୍ଥା।

**ଅଧ୍ୟାୟ-୪:** ସମବାୟ ସମିତି, ଯୌଥ ଉଦ୍ୟୋଗ।


# ୩

# ଏକକ ମାଲିକାନା, ଭାଗିଦାରୀ ବ୍ୟବସାୟ ଏବଂ ହିନ୍ଦୁ ଯୌଥପରିବାର

ଆମେ ନିଜନର ଦୈନନ୍ଦିନ ଆବଶ୍ୟକତା ଥିବା 'ବସ୍ତୁ' କ୍ରୟ କରିବାକୁ ବଜାରକୁ ଯାଉ। ବଜାରରେ ଛୋଟବଡ଼ ଅନେକ ପ୍ରକାରର ଦୋକାନ ରହିଥାଏ। କିଛି ଲୋକ ରାସ୍ତାକଡ଼ରେ ଫଳ, ପନିପରିବା, ବାଦାମ ଏବଂ ଖବର କାଗଜ ବିକୁଥିବା ବେଳେ କେଉଁଠି ଫୁଟପାଥରେ ମୋଚି ଜୋତା ମରାମତି କରୁଥିବାର ଦେଖିବାକୁ ମିଳେ। ତୁମେ ତୁମ ଅଞ୍ଚଳରେ ପ୍ରତିଦିନ ଏମିତି ଆନକ ଦୋକାନ ଦେଖୁଥିବ ନିଶ୍ଚୟ। କିନ୍ତୁ ଏହି ସବୁ ଦୋକାନରେ ବ୍ୟବସାୟ କିପରି ଚାଲେ ତାହା ଜାଣିବାକୁ ଚେଷ୍ଟା କରିଛକି ? ଏହି ଦୋକାନ ଗୁଡ଼ିକର ମାଲିକ କିଏ ? ମାଲିକ ବ୍ୟବସାୟ ପାଇଁ କ'ଣ କରିଥାନ୍ତି ? ତୁମେ କହିବ ଯେ  ଦୋକାନର ମାଲିକ ବ୍ୟବସାୟ ଆରମ୍ଭ କରିବାକୁ ପୁଞ୍ଜି ଲଗାଇଥାନ୍ତି। ତାକକୁ ଚଳାଇବା ସଂକ୍ରାନ୍ତ ସମସ୍ତ ନିଷ୍ପତି ନେଇଥାନ୍ତି, ବ୍ୟବସାୟ ଲ ।ଭ କ୍ଷତି ପାଇଁ ସେ ମଧ୍ୟ ଦାୟୀ ରହିଥାନ୍ତି। ତୁମେ ଠିକ୍ ବୁଝିଛ କୌଣସି ବ୍ୟବସାୟର ମାଲିକ ତାହା ହିଁ କରିଥାଏ କିନ୍ତୁ ବ୍ୟବସାୟ ସଂପର୍କରେ ଅଧିକ ଜାଣିବାକୁ ଚାହିଁଲେ ତୁମେ ଜାଣିବାକୁ ପାଇବ ଯେ କେତେକ ବ୍ୟବସାୟରେ ଏହି ସବୁ କାର୍ଯ୍ୟ ଜଣେ ହିଁ କରିଥାନ୍ତି। ଏହାକୁ ଏକକ ମାଲିକାନା କହନ୍ତି।  ଆଉକେତେକ କ୍ଷେତ୍ରରେ ଅନେକ ଲୋକ ମିଶି ଏହି କାର୍ଯ୍ୟ କରିଥାନ୍ତି। ସେମାନେ ମଧ୍ୟ ମାଲି ହୋଇ ଲାଭ କ୍ଷତିର ଅଂଶ ନେଇଥାନ୍ତି। ଏହା ବ୍ୟବସାୟୀର ଆଉ ଏକ ରୂପ ବା ପ୍ରକାର। ଏହାକୁ ଭାଗିଧାରୀ ବ୍ୟବସାୟ କୁହାଯାଏ। ବ୍ୟବସାୟର ଆଉ ଏକ ପ୍ରକାର ମଧ୍ୟ ରହିଛି, ଯେଉଁଥିରେ ଏକ ଅବିଭକ୍ତି ଭିନ୍ନପରିବାରର ପୈତୃକ ସୂତ୍ରରେ କିଛି ସମ୍ପତି ପାଇ ବ୍ୟବସାୟେ କରିଥାନ୍ତି। ଏହାକୁ ଅବିଭକ୍ତ ହିନ୍ଦୁ ପରିବାର ବ୍ୟବସାୟ କୁହାଯାଏ। ଏହି ଅଧ୍ୟାୟରେ ଏହି ସବୁ ବ୍ୟବସାୟ ସଂକ୍ରାନ୍ତରେ ଅଦ୍ଦକ କିଛି ଜାଣିବା।

## ଉଦ୍ଦେଶ୍ୟ

- ଏକକ ମାଲିକାନାକୁ ବ୍ୟାଖ୍ୟା କରିବା।
- ଏକକ ମାଲିକାନାର ବୈଶିଷ୍ଟ୍ୟ ଗୁଡ଼ିକୁ ଚିହ୍ନିପାରିବା।
- ବ୍ୟବସାୟୀକ ସଂଗଠନରେ ଏକକ ମାଲିକାନା ସ୍ୱରୂପର ସୁବିଧା ଓ ଅସୁବିଧା ସଂପର୍କରେ ଜାଣିପାରିବା।



- ଭାଗୀଦାରୀ ବ୍ୟବସାୟିକ ପ୍ରତିଷ୍ଠାନର ବିଶେଷତ୍ୱକୁ ଚିହ୍ନଟ କରିପାରିବ
- ଭାଗୀଦାରୀ ବ୍ୟବସାୟିକ ପ୍ରତିଷ୍ଠାନର ସୁବିଧା ଏବଂ ସୀମା ବର୍ଣ୍ଣନା କରିପାରିବ
- ଭାଗୀଦାରୀର ସୀମିତ ଦାୟିତ୍ୱର ମୂଳତତ୍ତ୍ୱ ବାଖ୍ୟା କରିପାରିବ
- ଯୌଥ ହିନ୍ଦୁ ପରିବାର ବ୍ୟବସାୟର ବିଶେଷତ୍ୱ, ସୁବିଧା ଏବଂ ସୀମାବିଷୟରେ ବାଖ୍ୟା କରିପାରିବ

## ୩.୧ ଏକକ ମାଲିକାନାର ଅର୍ଥ

ଏକକ ମାଲିକାନାର ଅର୍ଥଲେ। ଏକ ବ୍ୟକ୍ତିର ମାଲିକାନା । ଏହାର ଅର୍ଥ ହେଉଛି ଜଣେ ହିଁ ବ୍ୟକ୍ତି ବ୍ୟବସାୟର ମାଲିକ ହୋଇଥାଏ। ଏପରି ଏକକ ମାଲିକାନା ବ୍ୟବସାୟରେ ଜଣେ ବ୍ୟକ୍ତି ତା'ର ମାଲିକ ଭାବେ ବ୍ୟବସାୟ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟର ପରିଚାଳନା ଓ ନିୟନ୍ତ୍ରଣ କରିଥାନ୍ତି। ଏକକ ବ୍ୟବସାୟର ମାଲିକ ଓ ପରିଚାଳକ ଜଣେ ହୋଇଥାନ୍ତି। ଯେଉଁ ବ୍ୟକ୍ତି ଏକକ ମାଲିକାନା ବ୍ୟବସାୟର ମାଲିକ ଓ ପରିଚାଳକ ହୋଇଥାନ୍ତି ତାକୁ ଏକକ ମାଲିକାନାର ମାଲିକ କୁହାଯାଏ। ଏକକ ବ୍ୟବସାୟୀ ନିଜ ବ୍ୟବସାୟ ସମ୍ବନ୍ଧୀୟ ସମସ୍ତ ସମ୍ବଳକୁ ଯୋଜନା ବଦ୍ଧ ଢଙ୍ଗରେ ପରିଚାଳନା କରି ଲାଭ ଅର୍ଜନ ପାଇଁ କାର୍ଯ୍ୟ କରିଥାନ୍ତି।


Sole Properitor

## ୩.୨ ଏକକ ମାଲିକାନାର ବିଶେଷତ୍ୱ

ଏକକ ମାଲିକାନାର ନିମ୍ନ ପ୍ରକାରର ବିଶେଷତ୍ୱ ଥାଏ:

୧. **ସହଜ ଗଠନ:** ଆଦର୍ଶ ମାଲିକାନା ଗଠନ କ୍ଷେତ୍ରରେ ସରଳ ହୋଇଥାଏ। ସରଳ ଗଠନ ନୀତି ଅର୍ଥ ଗଠନରେ ସର୍ବନିମ୍ନ ଆଇନଗତ ଏବଂ ଅନ୍ୟାନ୍ୟ ଅନୁଷ୍ଠାନଗତ କାର୍ଯ୍ୟ କରିବା। ଏକକ ମାଲିକାନା ସହଜରେ ଗଠିତ ହୋଇଥାଏ।

୨. **ଏକକ ମାଲିକାନା:** ଏକକ ମାଲିକାନାରେ ଥିବା ବ୍ୟବସାୟର ମାଲିକ ଜଣେ ହିଁ ହୋଇଥାଏ। ଏହି ବ୍ୟକ୍ତି ବ୍ୟବସାୟର ସମସ୍ତ ସମ୍ପତ୍ତିର ମାଲିକ ହୋଇଥାଏ। ସେ ବ୍ୟବସାୟର ସମସ୍ତ ଦାୟୀତ୍ୱଭାର ନିଜେ ସମ୍ଭାଳି ଥାଏ। ମାଲିକର ମୃତ୍ୟୁ ସହିତ ବା ମାଲିକର ଇଚ୍ଛାନୁସାରେ ବ୍ୟବସାୟର ପରିସମାପ୍ତି ଘଟିଥାଏ।

୩. **ଲାଭ କ୍ଷତିର ଅଂଶୀଦାର ନଥାନ୍ତି:** ଏକକ ମାଲିକାନାରେ ମିଳୁଥିବା ସମସ୍ତ ଲାଭ ମାଲିକର ହୋଇଥାଏ। ଯଦି କ୍ଷତି ହୁଏ ତେବେ ସେହି କ୍ଷତି ମାଲିକକୁ ହିଁ ସହିବାକୁ ପଡ଼ିଥାଏ। ଏକକ ମାଲିକାନାରେ ହେଉଥିବା ଲାଭ କ୍ଷତିରେ କୌଣସି ଅଂଶୀଦାର ନଥାନ୍ତି।

୪. **ଜଣେ ବ୍ୟକ୍ତିର ପୁଞ୍ଜି:** ଏକକ ମାଲିକାନା ଥିବା ବ୍ୟବସାୟରେ ଜଣେ ବ୍ୟକ୍ତି ପୁଞ୍ଜି ଘଟାଇଥାନ୍ତି। ସେଥିପାଇଁ ସେ ନିଜ ଟଙ୍କା ଖର୍ଚ୍ଚ କରେ ବା ବନ୍ଧୁଙ୍କଠାରୁ କରଜ ନେଇଥାନ୍ତି। ଆବଶ୍ୟକତା ପଡ଼ିଲେ ବ୍ୟାଙ୍କ ଓ ଅନ୍ୟ ଆର୍ଥିକ ସଂସ୍ଥାଠାରୁ ମଧ୍ୟ କରଜ ନେଇଥାନ୍ତି।

୫. **ଜଣେ ବ୍ୟକ୍ତିର ନିୟନ୍ତ୍ରଣ:** ଏକକ ମାଲିକାନାଥିବା ବ୍ୟବସାୟରେ ନିୟନ୍ତ୍ରଣ ସଦାସର୍ବଦା ମାଲିକ ହାତରେ ରହିଥାଏ। ସେ ବ୍ୟବସାୟ ପରିଚାଳନା ସମ୍ବନ୍ଧୀୟ ସମସ୍ତ ନିଷ୍ପତ୍ତି ନେଇଥାନ୍ତି।

୬. **ଅସୀମିତ ଋଣ:** ଏକକ ମାଲିକାନ ଥିବା ବ୍ୟବସାୟରେ ମାଲିକର ଋଣ ଅସୀମିତ ହୋଇଥାଏ। ଏହାର ଅର୍ଥହେଲା କ୍ଷତି ହେବା ସ୍ଥିତିରେ ବ୍ୟବସାୟରେ ଋଣ ସୁଝିବା ଲାଗି ବ୍ୟବସାୟର ସମ୍ପତ୍ତି ବା ତାର ନିଜ ସମ୍ପତ୍ତି ବିକ୍ରି କରିବାକୁ ପଡ଼ିଥାଏ।

## ୩.୩ ଏକକ ମାଲିମାନାର ସୁବିଧା

ଏକକ ମାଲିକାନା ବ୍ୟବସାୟ ଆମ ଦେଶର ସବୁଠାରୁ ସରଳ ଓ ସବୁଠାରୁ ଅଧିକ ପ୍ରଚଳିତ ବ୍ୟାବସାୟୀକ ସଂଗଠନ ଏଥିରେ ନିମ୍ନଲିଖିତ ଲାଭ ରହିଛି।

୧. **ଆରମ୍ଭ ଓ ବନ୍ଦ କରିବା ସହଜ:** ଏକକ ମାଲିକାନ ଥିବା ବ୍ୟବସାୟ ଆରମ୍ଭ କରିବା ବହୁତ ସହଜ। କମ ପୁଞ୍ଜିରେ ଯେ କେହି ଏହି ବ୍ୟବସାୟ କରିପାରିବ। ଏଥିପାଇଁ ଆଇନଗତ ଆବଶ୍ୟକତା ପ୍ରାୟ ନାହିଁ କହିଲେ ଚଳେ। ଏହା ମଧ୍ୟ ବନ୍ଦ କରିବା ଅତି ସହଜ। ମାଲିକ ଚାହିଁଲେ ଇଚ୍ଛାନୁସାରେ ଯେକୌଣସି ସମୟରେ ଆରମ୍ଭ ବା ଶେଷ କରିପାରିବ।

୨. **ନିଜସ୍ୱ ପ୍ରେରଣା:** ଏକକ ମାଲିକାନ ଥିବା ବ୍ୟବସାୟରେ ସମସ୍ତ ଲାଭ ମାଲିକଙ୍କୁ ମିଳିଥାଏ ଓ ସମସ୍ତ କ୍ଷତି ତାଙ୍କୁହିଁ ବହନ କରିବାକୁ ପଡ଼େ। ଏ ପ୍ରକାର ବ୍ୟବସାୟ ସଂଗଠନରେ ପ୍ରଚେଷ୍ଟା ଓ ଲାଭର ପ୍ରତ୍ୟକ୍ଷ ସମ୍ପର୍କ ରହିଛି। ଯଦି ମାଲିକ ପରିଶ୍ରମକରନ୍ତି ତେବେ ଅଧିକ ଲାଭର ସମ୍ଭାବନା ରହିଥାଏ। ପରିଶ୍ରମ ବଳରେ ସେହି ଅନୁସାରେ ଫଳ ମିଳେ। ଏହା ମାଲିକକୁ ଅଧିକ ପରିଶ୍ରମ କରିବାକୁ ପ୍ରେରଣା ଯୋଗାଇଥାଏ।

୩. **ଶୀଘ୍ର ନିଷ୍ପତି ଓ ଠିକଣା ପଦକ୍ଷେପ:** ଏକକ ମାଲିକାନା ଥିବା ବ୍ୟବସାୟ ସଂଗଠନରେ ସମସ୍ତ ନିଷ୍ପତ୍ତି ମାଲିକଙ୍କୁ ହିଁ ନେବାକୁ ପଡ଼ିଥାଏ। ଗୁରୁତ୍ୱପୂର୍ଣ୍ଣ ବିଷୟରେ ନିଷ୍ପତି ନେବାରେ ଅନ୍ୟ କେହି ନଥାନ୍ତି। ଏଣୁ ନିଷ୍ପତ୍ତି ଅନୁସାରେ ଶୀଘ୍ର ଓ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହଜ ହୋଇଥାଏ।

୪. **ଉତ୍ତମ ନିୟନ୍ତ୍ରଣ:** ଏକକ ମାଲିକାନ ଥିବା ବ୍ୟବସାୟରେ ସମସ୍ତ କାର୍ଯ୍ୟକଳାପ ମାଲିକଙ୍କ ନିଜସ୍ୱ ନିୟନ୍ତ୍ରଣରେ ରହିଥାଏ। ସେ ହିଁ ଯୋଜନାକାରୀ ଏବଂ ସଂଗଠକ। ଫଳରେ ସେ ସମସ୍ତ କାର୍ଯ୍ୟଗୁଡ଼ିକୁ ସୁସଂଗଠିତ ଓ ସମନ୍ୱିତ ଭାବେ କରିଥାନ୍ତି। ଯେହେତୁ ବ୍ୟବସାୟର ସମସ୍ତ ଅଧିକାର ମାଲିକଙ୍କ ନିକଟରେ ଥାଏ, ତେଣୁ ସମସ୍ତ କାର୍ଯ୍ୟ କଳାପକୁ ସହଜରେ ଭଲଭାବେ ନିୟନ୍ତ୍ରଣ କରିଥାନ୍ତି।

୫. **ବ୍ୟାବସାୟୀକ ଗୋପୀୟତା:** କୌଣସି ବ୍ୟବସାୟର ସଫଳତା ପାଇଁ ବ୍ୟବସାୟୀକ ଗୋପନୀୟତର ମହତ୍ତ୍ୱ ରହିଛି। ଯେହେତୁ ଏକକ ବ୍ୟବସାୟୀ ନିଜ ବ୍ୟବସାୟରେ ସର୍ବେ ସର୍ବା, ତେଣୁ ସମସ୍ତ ଯୋଜନାକୁ ନିଜ ମଧ୍ୟେ ଲସୀମିତ ରଖିପାରନ୍ତି। ଅନ୍ୟକୁ କୌଣସି ତଥ୍ୟ ଜଣାଇବାର ଆବଶ୍ୟକତା ନଥାଏ।

୬. **ଘନିଷ୍ଠ ବ୍ୟକ୍ତିଗତ ସମ୍ପର୍କ:** ଏକକ ମାଲିକାନା ବ୍ୟବସାୟୀ ନିଜ ଗ୍ରାହକ ଓ କର୍ମଚାରୀ ସହ ଘନିଷ୍ଠତା ରଖିଥାନ୍ତି। ଏହା ଫଳରେ ତାଙ୍କୁ ଗ୍ରାହକଙ୍କ ପସନ୍ଦ ଅପସନ୍ଦ ଓ ରଚି ସମ୍ପର୍କରେ ସହଜରେ ତଥ୍ୟ ମଳିଥାଏ। ତତ୍‌ସଙ୍ଗେସଙ୍ଗେ ନିଜ କର୍ମଚାରୀ ସହିତ ଘନିଷ୍ଠ ମିତ୍ରତା ରହିଥାଏ। ଏହା ଫଳରେ ବ୍ୟବସାୟ ପରିଚାଳନା ସହଜ ହୋଇଥାଏ।

୭. **ଆତ୍ମ ନିଯୁକ୍ତି ସୁଯୋଗ:** କେବଳ ମାଲିକାନା ଥିବା ବ୍ୟବସାୟ ସଂଗଠନ ଲୋକଙ୍କୁ ଆତ୍ମନିଯୁକ୍ତିର

ସୁଯୋଗ ଦେଇଥାଏ। ଖାଳି ଯେ ମାଲିକ ଏକାକୀ ଆତ୍ମନିଯୁକ୍ତି ପାଇଥାନ୍ତି ତା' ନୁହେଁ, ବେଳେବେଳେ ସେ ଅନ୍ୟମାନଙ୍କ ପାଇଁ ମଧ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାନ୍ତି। ତୁମେ ଲକ୍ଷ୍ୟ କରିଥିବ ଅଧିକାଂଶ ଦୋକାନର ମାଲିକଙ୍କୁ ସାହାଯ୍ୟ କରିବା ପାଇଁ ଏକାଧିକ ଲୋକ ନିଯୁକ୍ତି ହୋଇଥାନ୍ତି। ଏଣୁ ଏହା ମଧ୍ୟ ଦେଶରୁ ଦାରିଦ୍ର୍ୟ ଓ ବେକାରୀ ଦୂର କରିବାରେ ସହାୟକ ହୋଇଥାଏ।

## ୩.୪ ଏକକ ମାଲିକାନାର ଅସୁବିଧା

ଜଣକିଆ ବ୍ୟବସାୟ ହେଉଛି ସବୁଠାରୁ ଭଲ ବ୍ୟବସାୟିକ ସଂଗଠନ ଏହା ଆମେ ଉପରୋକ୍ତ ଆଲୋଚନାରୁ ଜାଣିଲେ। ଯେତେବେଳେ କି ସମସ୍ତ ପ୍ରକାରର ମାଲିକାନାରେ ଏକ ସୀମିତତା ରହିଛି ଓ ତେଣୁ ଏକକ ମାଲିକାନରୁ ଅଧିକ ଆଶା କରାଯାଇନପାରେ। ଚାଲନ୍ତୁ ସେହି ସୀମିତତା ବିଷୟରେ ପଢ଼ିବା।

୧. **ସୀମିତ ପୁଞ୍ଜି:** ଏକକ ମାଲିକାନା ଥିବା ବ୍ୟବସାୟରେ କେବଳ ମାଲିକ ହିଁ ପୁଞ୍ଜି ଖଟାଇଥାନ୍ତି। ଜଣେ ବ୍ୟକ୍ତି ପାଇଁ ଅଧିକ ପୁଞ୍ଜି ଲଗାଇବା କଷ୍ଟକର ହୋଇଥାଏ। ମାଲିକର ନିଜସ୍ୱ ପୁଞ୍ଜି ଓ ଋଣରେ ନିଆଯାଇଥିବା ପୁଞ୍ଜି କେବେ ବ୍ୟବସାୟ ପାଇଁ ପର୍ଯ୍ୟାପ୍ତ ହୋଇପାରେ ନାହିଁ। ଫଳରେ ବ୍ୟବସାୟ ବୃଦ୍ଧି ଓ ପରିଚାଳନାରେ ସମସ୍ୟା ସୃଷ୍ଟି ହୋଇଥାଏ।

୨. **ନିରବଚ୍ଛିନ୍ନ ଅନୁପସ୍ଥିତି:** ଏକକ ମାଲିକାନା ବ୍ୟବସାୟର ସ୍ଥାୟୀତ୍ୱ ମାଲିକଙ୍କ ଉପରେ ନିର୍ଭରେ କରିଥାଏ। ମାଲିକଙ୍କ ମୃତ୍ୟୁ ବା ସେ ଯେତେବେଳେ ବନ୍ଦ କରିବାକୁ ଚାହିଁବେ ବ୍ୟବସାୟ ବନ୍ଦ ହୋଇଥାଏ। ଏଣୁ ବ୍ୟବସାୟର ନିରବଚ୍ଛିନ୍ନତା ରହେ ନାହିଁ।

୩. **ସୀମିତ ଆକାର:** ଏକକ ମାଲିକାନା ଥିବା ବ୍ୟବସାୟ ସଂଗଠନରେ ଏକ ସୀମା ରହିଛି। ଯାହାକୁ ଅତିକ୍ରମ କରି ଆଗକୁ ଯିବା କଷ୍ଟକର ହୋଇଥାଏ। ଯଦି ବ୍ୟବସାୟ ଏକ ନିଶ୍ଚିତ ସୀମାରୁ ଆଗକୁ ବଢ଼ିଯାଏ, ତେବେ ଜଣେ ବ୍ୟକ୍ତି ଏକାକୀ ଏହାର ସବୁବେଳେ ଦେଖାରଖା ଓ ପରିଚାଳନା କରିବା ସମ୍ଭବ ହୋଇନଥାଏ।

୪. **ପରିଚାଳନା ଗତ ଦକ୍ଷତାର ଅଭାବ:** ଏକକ ମାଲିକାନା ବ୍ୟବସାୟର ମାଲିକ ପରିଚାଳନାର ସବୁ କ୍ଷେତ୍ରରେ ଦକ୍ଷ ନଥାନ୍ତି। ପ୍ରଶାସନିକ, ଯୋଜନା ଆଦି କ୍ଷେତ୍ରରେ ସେ ଦକ୍ଷ ହୋଇଥିଲାବେଳେ ବିପଣନ କ୍ଷେତ୍ରରେ ହୋଇନଥାନ୍ତି।

## ପାଠଗତ ପ୍ରଶ୍ନାବଳୀ ୩.୧

ଏକକ ମାଲିକାନ ସମ୍ବନ୍ଧୀୟ ନିମ୍ନଲିଖିତ ବାକ୍ୟଗୁଡ଼ିକରେ ଶୂନ୍ୟସ୍ଥାନ ଗୁଡ଼ିକୁ ଉପଯୁକ୍ତ ଶବ୍ଦ ବାଛି ପୂରଣ କର।

୧. ଏକକ ମାଲିକାନା ଥିବା ବ୍ୟବସାୟର ମାଲିକ ପର୍ଯ୍ୟାପ୍ତ ................ର ବ୍ୟବସ୍ଥା କରିବାକୁ ଅକ୍ଷମ ହୋଇନଥାନ୍ତି।

୨. ବ୍ୟବସାୟର ଅସ୍ତିତ୍ୱ ............ର ଅସ୍ତିତ୍ୱ ଉପରେ ନିର୍ଭର କରେ।

୩. ସୀମିତ ଆର୍ଥିକ ସମ୍ବଳ ଓ ବିଶେଷ ଜ୍ଞାନର ଅଭାବରୁ ବ୍ୟବସାୟରେ ପେସାଦାର ...............ର ଅଭାବ ହୋଇପାରେ।

୪. ଏହି ବ୍ୟବସାୟ ସଂଗଠନ ଏପରି ସରଳ ବ୍ୟବସାୟ ପାଇଁ ଉପଯୁକ୍ତ ଯେଉଁଠି ............ କୌଶଳର ଆବଶ୍ୟକତା ରହିଥାଏ।

୫. ଏକକ ମାଲିକାନା ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିଥାଏ। ଯେଉଁଠାରେ ଉତ୍ପାଦର ବଜାର ....... ଓ ........... ହୋଇଥାଏ।



ଟିପ୍ପଣୀ

## ୩.୫ ଭାଗୀଦାରୀର ଅର୍ଥ

ତୁମେ ପଢ଼ିଛ ଯେ ଏକାକୀ ମାଲିକାନା ବ୍ୟାବସାୟିକ ସଂଗଠନର କିଛି ଅସୁବିଧା ରହିଛି। ଏହାର ଆର୍ଥିକ ଓ ପରିଚ୍ଳନା ଗତ ସମ୍ବଳ ବହୁତ ସୀମିତ। ଏକ ନିର୍ଦ୍ଦିଷ୍ଟ ସୀମାର ଆଗକୁ ଏହି ବ୍ୟବସାୟ ବଢ଼ିବା ସମ୍ଭବ ହୁଏ ନାହିଁ। ଏକକ ମାଲିକାନା ବ୍ୟବସାୟୀକ ସଂଗଠନର ଏହିସବୁ ଅସୁବିଧାରୁ ମୁକ୍ତିପାଇବା ଲାଗି ଭାଗିଦାରୀ ବ୍ରବସାୟ ସୃଷ୍ଟିହେଲା। ଆସ ଏହି ଭାଗିଦାରୀ ବ୍ୟବସାୟ ବିଷୟରେ ଜାଣିବା।



Picture of a Partnership

ମନେକର ତୁମେ ତୁମ ଅଞ୍ଚଳରେ ଏକ ରେଷ୍ଟୋରାଁ ଖୋଲିବାକୁ ଚ୍ହୁଁଛ। ଏଥିପାଇଁ ତୁମକୁ ପୁଞ୍ଜି, କାମ କରୁଥିବା ସ୍ଥାନ, ଲୋକ, ଓ କିଛି ଅନ୍ୟବସ୍ତୁର ଆବଶ୍ୟକତା ହେବ। ଆବଶ୍ୟକ ପରିମାଣର ଧନ ତୁମେ ଜୁଯାଇପାରିବ ନାହିଁ। ତେଣୁ ତୁମେ ତୁମ ବନ୍ଧୁଙ୍କ ସହ କଥା ହେଲ। ସେମାନେ ତୁମ ସହ ମିଶି ଏହି ରେଷ୍ଟୋରାଁକୁ ଚଳାଇବା ଲାଗି ସମ୍ମତ ହେଲେ। ସେମାନେ ଏଥିପାଇଁ କିଛି ପୁଞ୍ଜି ଓ କିଛି ବସ୍ତୁର ବ୍ୟବସ୍ଥା କରିବା ଲାଗି ସକ୍ଷମ ହୋଇଗଲେ। ଏପରି ତୁମେ ସମସ୍ତେ ମିଶି ରେଷ୍ଟୋରାଁ ଖୋଲିଲ ଓ ହାନି ଲାଭକୁ ନିଜ ଭିତଦରେ ବାଣ୍ଟି ନେବାକୁ ସମ୍ମତ ହେଲ। ପୂର୍ବପାଠରେ ତୁମେ ଯେଉଁ ବ୍ୟବସାୟ ସଂଗଠନ ସମ୍ପର୍କରେ ପଢ଼ିଛ ଏହି ବ୍ୟବସାୟ ତା ଠାରୁ ଭିନ୍ନ। ଆସ ଏବେ ଏହା ସମ୍ପର୍କରେ ଅଧିକ ତଥ୍ୟ ଜାଣିବା।

ଏହା ଦୁଇ ବା ତାଠାରୁ ଅଧିକ ପାରସ୍ପରିକ ସମ୍ପର୍କ ଥିବା ଅନୁଷ୍ଠାନ। ଏଥବରେ ଲଭ ଅର୍ଜନ ଉଦ୍ଦେଶ୍ୟରେ ବ୍ୟବସାୟୀକ ଶାଖା ଗଠନ କରାଯାଏ। ଯେଉଁ ବ୍ୟକ୍ତିମାନେ ଏକାଠି ମଳିମିଶି ବ୍ୟବସାୟ କରିଥାନ୍ତି ସେମାନଙ୍କୁ ବ୍ୟକ୍ତିଗତ ରୂପେ "ଭାଗୀଦାର (ଅଂଶୀଦାର) ଓ ସାମୁହିକ ରୂପେ ସେମାନଙ୍କୁ "ଫାର୍ମ" କୁହାଯାଏ। ଯେଉଁ ନାମରେ ବ୍ରବସାୟ କରାଯାଏ ତାକୁ ଫାର୍ମର ନାମ କୁହାଯାଏ। ସୁଲତାନ ଚ୍ନ୍ଦ ଏଣ୍ଡ କମ୍ପାନୀ, ରାମଲାଲ ଏଣ୍ଡ କମ୍ପନୀ ଏବଂ ଗୁପ୍ତା ଏଣ୍ଡ କମ୍ପାନୀ ଆଦି କେତେକ ଭାଗୀଦାରୀ ଫାର୍ମର ନାମ।


ଭାଗୀଦାରୀ ଫାର୍ମ ଭାରତୀୟ ଭାଗିଦାରୀ ଆଇନ୍ ୧୯୩୨ ଅନୁଯାଇ ନିୟନ୍ତ୍ରିତ ହୋଇଥା,। ଭାରତୀୟ ଭାଗିଦାରୀ ହେଉଛି ସେହି ବ୍ୟକ୍ତିଙ୍କର ପରସ୍ପର ମଧ୍ୟରେ ସମ୍ବନ୍ଧ ଯାହା ସେ ସମସ୍ତଙ୍କ ଦ୍ୱାରା ଓ ସେ ସମସ୍ତଙ୍କ ତରଫରୁ କୌଣସି ଜଣେ ଭାଗିଦାର ଦ୍ୱାରା ସଞ୍ଚାଳିତ, ବ୍ୟବସାୟର ଲାଭ ନିଜ ନିଜ ଭିତରେ ବାଣ୍ଟି ନେବା ପାଇଁ ସମ୍ମତ ହୋଇଥାନ୍ତି।

## ୩.୬ ଭାଗିଦାରୀ ବ୍ୟବସାୟର ବିଶେଷତ୍ୱ

ଭାଗିଦାରୀ ବ୍ୟବସାୟ ବିଷୟରେ ବିସ୍ତାରରୂପେ ଜାଣିବାପରେ, ଆସନ୍ତୁ ଏହି ପ୍ରକାର ସଂଗଠନର ବିଭିନ୍ନ ପ୍ରକାର ବିଶେଷତ୍ୱ ବିଷୟରେ ଧାରଣା ନେବା।

୧. **ଦୁଇ ବା ଅଧିକ ସଦସ୍ୟ:** ଭାଗିଦାରୀ ବ୍ୟବସାୟ ଲାଗି ଅତିକମ୍‌ରେ ଦୁଇଜଣ ବ୍ୟକ୍ତିଙ୍କର ଆବଶ୍ୟକତା ହୋଇଥାଏ। ମାତ୍ର ବ୍ୟାଙ୍କ ସେବା ବ୍ୟବସାୟରେ ଏହି ସଂଖ୍ୟା ୧୦ରୁ ଏବଂ ଅନ୍ୟାନ୍ୟ ବ୍ୟବସାୟରେ ଏହା ୨୦ରୁ ଅଧିକ ହେବା ଉଚିତ ନୁହେଁ।

୨. **ରାଜିନାମା:** ତୁମେ ଯେତେବେଳେ ଭାଗିଦାରୀ ବ୍ୟବସାୟ ଆରମ୍ଭ କରିବା ଲାଗି ଅନ୍ୟମାନଙ୍କୁ ସଙ୍ଗରେ ନେବ, ତୁମ ସମସ୍ତଙ୍କ ମଧ୍ୟରେ ବୁଝାମଣା ବା ରାଜିନାମା ହେବାନିହାତି ଦରକାର। ଏଥିରେ ନିମ୍ନଲିଖିତ ବିଷୟରେ ରହିଥାଏ।



ଟିପ୍ପଣୀ



- ପ୍ରତ୍ୟେକ ଭାଗୀଦାର ଦ୍ୱାରା ଲଗାଯାଉଥିବା ପୁଞ୍ଜିର ପରିମାଣ।
- ଲାଭକ୍ଷତିର ବଣ୍ଟନର ଅନୁପାତ।
- ଭାଗିଦାରୀଙ୍କୁ ଦିଆଯାଇଥିବା ବେତନ ବା କମିଶନ।
- ବ୍ୟବସାୟର ମିଆଦ।
- ଫାର୍ମ ତଥା ଭାଗୀଦାର ମାନଙ୍କ ନାମ ଓ ଠିକଣା।
- ପ୍ରତ୍ୟେକ ଭାଗିଦାରୀଙ୍କ ଅଧିକାର ଓ କର୍ତ୍ତବ୍ୟ।
- ବ୍ୟବସାୟର ସ୍ୱରୂପ ଓ ସ୍ଥାନ।
- ବ୍ୟବସାୟର ପରିଚାଳନା ଲାଗି ଅନ୍ୟ କୌଣସି ସର୍ତ୍ତ।

୩. **ବୈଧ ବ୍ୟବସାୟ:** ଭାଗିଦାରୀ ମାନେ ବୈଧ ବ୍ୟବସାୟ ଚଳାଇବା ଲାଗି ଏକ ହୋଇ କାର୍ଯ୍ୟ କରିବା ଉଚିତ୍। ଲୋକ ମଙ୍ଗଳକାରୀ କାର୍ଯ୍ୟ ଓ ସମାଜୀକ ସେବାମୂଳକ କାର୍ଯ୍ୟକୁ ଭାଗିଦାରୀ ବ୍ୟବସାୟର ନାମ ଦିଆଯାଇପାରିବ ନାହିଁ। ଚୋରା କାରବାର, ବ୍ଲାକ୍ ମାର୍କେଟିଂ ପାଇଁ ଏକାଠି ହେବାକୁ ମଧ୍ୟ ଆଇନ୍ ଅନୁସାରେ ଭାଗିଦାରୀ ବ୍ୟବସାୟ କୁହାଯାଇପାରିବ ନାହିଁ।

୪. **ଲାଭାଂଶ ବଣ୍ଟନ:** ପ୍ରତ୍ୟେକ ଭାଗିଦାରୀ ଫାର୍ମର ମୁଖ୍ୟ ଉଦ୍ଦେଶ୍ୟ ହେଲା ବ୍ୟବସାୟରୁ ହୋଇଥିବା ଲାଭକୁ ସ୍ଥିର ହୋଇଥିବା ଅନୁପାତ ଅନୁସାରେ ବାଣ୍ଟିବା ଯଦି ଭାଗିଦାର ମାନଙ୍କ ମଧ୍ୟରେ ଏ ସମ୍ପର୍କରେ କୌଣସି ବୁଝାମଣା ହୋଇନଥିବ ତେବେ ଲାଭକୁ ଭାଗିଦାର ଙ୍କ ଭିତରେ ସମାନ ସମାନ ବଣ୍ଟାଯାଏ।


୫. **ଅସୀମିତ ଦେୟ:** ଏକକ ମାଲିକାନ ପରି ଭାଗିଦାରୀ ବ୍ୟବସାୟରେ ମଧ୍ୟ ସଦସ୍ୟମାନଙ୍କର ଦେୟ ଅସୀମିତ ହୋଇଥାଏ। ବ୍ୟବସାୟର ଦେୟଲାଗି ଫାର୍ମର ସମ୍ପତ୍ତି ପର୍ଯ୍ୟାପ୍ତ ନଥିଲେ ଭାଗିଦାରୀ ମାନଙ୍କ ନିଜସ୍ୱ ସମ୍ପତ୍ତି ଉପଯୋଗ କରାଯାଇପାରେ।

୬. **ସ୍ୱେଚ୍ଛାକୃତ ପଞ୍ଜିକରଣ:** ଭାଗିଦାରୀ ଫାର୍ମର ପଞ୍ଜିକରଣ କରିବା ନିହାତି ଆବଶ୍ୟକ ନୁହେଁ। ଯଦି ତୁମେ ଫାର୍ମର ପଞ୍ଜିକରଣ କରିଥାଅ ତେବେ ତୁମେ କେତେକ ସୁବିଧାରୁ ବଞ୍ଚିତ ହୋଇପାର। ତେଣୁ ପଞ୍ଜିକରଣ କରିନେବା ଉଚିତ୍। ପଞ୍ଜିକରଣ ନକଲେ କେତେକ ଅସୁବିଧା ହୋଇଥାଏ। ସେଗୁଡ଼ିକ ହେଲା:

- କୌଣସି ପକ୍ଷଙ୍କ ଠାରୁ ଟଙ୍କା ପାଇବାକର ଥିଲେ କୋର୍ଟଙ୍କ ଜରିଆରେ ସମ୍ପୂର୍ଣ୍ଣ ପକ୍ଷଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ପାଇବାରୁ ବଞ୍ଚିତ।
- ଯଦି ଭାଗିଦାରରେ ନିଜ ନିଜ ଭିତରେ କିଛି  ବିବାଦ ହୁଏ ତେବେ ତାର ସମାଧାନ ଲାଗି କୋର୍ଟର ସହାୟତା ନିଆଯାଇପାରିବ ନାହିଁ।
- କାହାକୁ ଟଙ୍କା ଦେବାର ଥିଲେ ଦୁଇଟି ଭିତରେ ବୁଝାମଣା କରିବାକୁ ତୁମ ଫାର୍ମ ଦାବି କରିପାରିବ ନାହିଁ।

୭. **ଏଜେନ୍ସୀ ସଂପର୍କ:** ଫାର୍ମର ପ୍ରତ୍ୟେକ ସଦସ୍ୟ ମିଳିତ ଭାବେ ବ୍ୟବସାୟର ମାଲିକ ହୋଇଥାନ୍ତି। ଫାର୍ମର ପରିଚାଳନାରେ ସକ୍ରୀୟ ଭାବେ ଅଂଶ ଗ୍ରହଣ କରିବାର ସମସ୍ତଙ୍କର ସିମାନ ଅଧିକାର ରହିଥାଏ। ପ୍ରତ୍ୟେକ ଭାଗୀଦାର ଫାର୍ମର ପ୍ରତିନିଧି ଭାବେ କାର୍ଯ୍ୟକରିପାରେ। ଯେତେବେଳେ କୌଣସି ଭାଗିଦାର କୌଣସି ଅନ୍ୟପକ୍ଷଙ୍କ ସହ ବ୍ୟବସାୟ ସମ୍ବନ୍ଧୀୟ ନେଣ ଦେଣ କରିଥାନ୍ତି ସେତେବେଳେ ସେ ଅନ୍ୟଭାଗିଦାରଙ୍କର ପ୍ରତିନିଧି ଭାବେ କାର୍ଯ୍ୟକରିଥାନ୍ତି। ସେ ସମୟରେ ଅନ୍ୟଭାଗିଦାର ମାଲିକ ହୋଇଥାନ୍ତି। ଏହିପରି ସମସ୍ତ ଭାଗିଦାରୀ ଫାର୍ମରେ ଭାଗିଦାର ମାନଙ୍କ ମଧ୍ୟରେ ମାଲିକ ଓ ଏଜେଣ୍ଟ ସମ୍ବନ୍ଧ ରହିଥାଏ।

୮. **ବ୍ୟବସାୟର ନିରବଚ୍ଛିନ୍ନତା:** ଭାଗିଦାରୀ ଫାର୍ମର କୌଣସି ଭାଗୀଦାରଙ୍କ ମୃତ୍ୟୁ, ମସ୍ତିଷ୍କ ବିକୃତି ଅଥବା ଦେବାଳିଆ ହେବା ସ୍ଥିତିରେ ଫାର୍ମ ବନ୍ଦ ହୋଇଯାଇଥାଏ। ଏହା ବ୍ୟତିରେକ ଫାର୍ମର ସମସ୍ତ ଭାଗିଦାର ଯେବେବେ ରହିଁବେ ଭାଗିଦାରୀ ଭାଙ୍ଗି ଫାର୍ମ ଭାଙ୍ଗିପାରିବେ।





## ୩.୭ ଭାଗିଦାରୀ ବ୍ୟବସାୟର ସୁବିଧା

ଭାଗିଦାରୀ ବ୍ୟବସାୟ ସଂଗଠନର କେତେକ ସୁବିଧା ବିଷୟରେ ତଳେ ଦିଆଗଲା:

୧. **ସ୍ଥାପନା ପାଇଁ ସହଜ:** ଏକକ ମାଲିକାନା ପରି ଭାଗିଦାରୀ ବ୍ରବସାୟର ଗଠନ ମଧସହଜ। ଏଥିପାଇଁ କୌଣସି ଆଇନଗତ ଔପଚାରିକତାର ଆବଶ୍ୟକତା ନଥାଏ। ଭାଗିଦାରୀ ଫାର୍ମର ପଞ୍ଜିକରଣ ମଧ ଦରକାର ନାହିଁ। ଭାଗିଦାର ମାନ ନିଜ ନିଜ ଭିତରେ ମୌଖିକ ବା ଲିଖିତ ବୁଝାମଣା ଆଧାରରେ ଭାଗିଦାରୀ ଫାର୍ମ ଗଠନ କରିପାରିବେ।

୨. **ଅଧିକ ସମ୍ବଳର ଉପଲବ୍ଧତା:** ଯେହେତୁ ।ଭଗିଦାରୀ ବ୍ୟବସାୟର ଆରମ୍ଭ ଦୁଇ ବା ଦୁଇରୁ ଅଧିକ ବ୍ୟକ୍ତି କରିଥାନ୍ତି, ତେଣୁ ଏହି ବ୍ୟବସାୟରେ ଏକକ ମାଲିକାନା ତୁଳନାରେ ଅଧିକ ପୁଞ୍ଜି ଲଗାଇ ପାରନ୍ତି ଓ ବ୍ୟବସାୟ ଲାଗି ଅଧିକ ଶ୍ରମ ଓ ସମୟ ଦେଇପାରନ୍ତି।

୩. **ସନ୍ତୁଳିତ ନିଷ୍ପତ୍ତି:** ଭାଗିଦାର ହିଁ ବ୍ୟବସାୟର ମାଲିକ। ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ବ୍ୟବସାୟ ପରିଚାଳନାରେ ଭାଗନେବାକୁ ସମାନ ଅଧିକାର ରହିଛି। କୌଣସି ମତଭେଦ ହେଲେ ସେମାନେ ନିଜ ନିଜ ଭିତରେ ଆଲୋଚନା ଜରିଆରେ ତାହାର ସମାଧାନ କରିଥାନ୍ତି। ଆଲୋଚନାର ସବୁ ଅଂଶୀଦାର ଅଂଶ ଗ୍ରହଣ କରୁଥିବାରୁ ବେପରୁଆ ଏବଂ ଭୁଲ ନିଷ୍ପତ୍ତିର ସମ୍ଭାବନା କମ୍ ଥାଏ।

୪. **ସମାନ ସମାନ କ୍ଷତି ସହିବା:** ଭାଗୀଦାରୀ ବ୍ରବସରୟରେ ସମସ୍ତ ଭାଗୀଦାର ମିଳିମିଶି କ୍ଷତି ସହିଥାନ୍ତି। ଉଦାହରଣ ସ୍ୱରୂପ ଯଦି କୌଣସି ଭାଗିଦାରୀ ଫାର୍ମରେ ତିନିଜଣ ଭାଗିଦାର ଅଛନ୍ତି ଓ ଫାର୍ମର ବାରହଜାର ଟଙ୍କା କ୍ଷତି ହୋଇଛି ତେବେ ତିନିଜଣ ଚାରି ଚାରି ହଜାର କ୍ଷତି ବୋଝ ଉଠାଇବେ।

## ୩.୮ ଭାଗିଦାରୀ ବ୍ୟବସାୟର ଅସୁବିଧା

ସୁବିଧା ସୁଯୋଗ ପରେ ମଧ ଭାଗିଦାରୀ ବ୍ୟବସାୟରେ, ବ୍ୟାବସାୟିକ ଫାର୍ମ କିଛି ସୀମିତତା ଯୋଗୁଁ ପିଡ଼ିତ ହୁଅନ୍ତି, ସେଥିରୁ ନିମ୍ନରେ କିଛି ଆଲୋଚନା କରାଗଲା:

୧. **ଅସୀମିତ ଦେୟ:** ସମସ୍ତ ଭାଗିଦାରୀ ଫାର୍ମ ଋଣର ପରିଶୋଧ ପାଇଁ ମିଳିତ ଭାବେ ଓ ବ୍ୟକ୍ତିଗତ ଭାବେ ଅସୀମିତ ସ୍ତରଯାଏ ଦାୟୀ ରହିଥାନ୍ତି। ତେଣୁ ଫାର୍ମର ଋଣ ପରିଶୋଧ ସମସ୍ତ ଭାଗୀଦାର ମିଳିମିଶି କରିଥାନ୍ତି ବା କୌଣସି ଜଣେ ଭାଗିଦାର ନିଜ ବ୍ୟକ୍ତିଗତ ସମ୍ପତ୍ତିରୁ ଋଣର ଦେୟ ଦେଇଥାଏ।

୨. **ଅନିଶ୍ଚିତ ଅସ୍ତିତ୍ୱ:** ଭାଗିଦାରୀ ବ୍ରବସାୟର ନିଜସ୍ୱ ଭାଗୀଦାର ମାନଙ୍କ ବ୍ୟତୀତ ଭିନ୍ନ ଆଇନଗତ ଅସ୍ତିତ୍ୱ ନଥାଏ। କୌଣସି ଭାଗିଦାରୀର ମୃତ୍ୟୁ, ଦେବାଳିଆ ହେବା, ଅକ୍ଷମତା ବାର ତାର ସେବା ନିବୃତ୍ତିରେ ଭାଗୀଦାରୀ ଫାର୍ମ ବନ୍ଦ ହୋଇଡାଏ। ଏହା ବ୍ରତିରକେ କୌଣସି ଅସନ୍ତୁଷ୍ଟ ଭାଗିଦାର ଚାହିଁଲେ ଭାଗିଦାରୀ ଭଙ୍ଗ କରିବାର ନୋଟିସ୍ ଦେଇ ପାରନ୍ତି।

୩. **ସୀମିତ ପୁଞ୍ଜି:** ଯେହେତୁ ଭାଗୀଦାରୀ ବ୍ୟବସାୟରେ ଭାଗୀଦାରୀଙ୍କ ସଂଖ୍ୟା ୨୦ରୁ ଅଧିକ ହୋଇପାରିବ ନାହିଁ, ଏଣୁ ଅଧିକ ପୁଞ୍ଜିର ବ୍ୟବସ୍ଥା କରିବା କଷ୍ଟକର ହୋଇଥାଏ। ତେଣୁ ଭାଗୀଦାରୀରେ କୌଣସି ବଡ଼ ବ୍ୟବସାୟ ଆରମ୍ଭ କରିବା ସମ୍ଭବ ନୁହେଁ।

୪. **ଅଂଶ ହସ୍ତାନ୍ତରଣ ହୋଇପାରିବ ନାହିଁ:** ଯଦି ତୁମେ କୌଣସି ଭାଗିଦାରୀ ଫାର୍ମର ଭାଗିଦାରୀ ତେବେ ଅନ୍ୟଭାଗିଦାରୀଙ୍କ ସହମତି ବିନା କୌଣସି ବାହର ଲୋକଙ୍କୁ ନିଜର ଅଂଶ ହସ୍ତାନ୍ତରିତ କରିପାରିବ ନାହିଁ। ଏଥିରେ ଭାଗିଦାରୀ ଅସୁବିଧା ହୋଇଥାଏ। ଯିଏ ଫାର୍ମରୁ ଅଲଗା ହେବାକୁ ଚାହେଁ ବା ନିଜ ଅଂଶ ଅନ୍ୟକୁ ବିକ୍ରି କରିବାକୁ ଚାହେଁ ତାହା ସମ୍ଭବ ନୋଇନଥାଏ।

## ୩.୯ ସୀମିତ ଦେୟ ଭାଗିଦାରୀ

ବୃତ୍ତିଗତ ଦକ୍ଷତା, ଔଦୋଗିକ ପଦକ୍ଷେପ ବ୍ୟବସାୟକୁ ସୂଚାରୁରୂପେ ପରିଚାଳନା କରିବାର ଜରୁରୀ, ଭାଗିଦାରୀ ଫାର୍ମକୁ ସୁରୁଖୁରରେ ଚଳାଇବା ପାଇଁ ଏହି ସବୁ ବିଶେଷ ଜ୍ଞାନର ଆବଶ୍ୟକତା ରହିଛି। ସେହି ଜ୍ଞାନର ଅଧିକାରୀଙ୍କୁ ଭାଗିଦାରୀ ଫାର୍ମର ସୀମିତ ଦେୟ ଭାଗିଦାର ଙ୍କୁ ଗ୍ରହଣ କରାଯାଇଥାଏ। ଯାହାକୁ ସୀମିତ ଦେୟ ଭାଗିଦାରୀ ବା ଏଲଏଲପି କହନ୍ତି।

୧. ଭାରତୀୟ ଅର୍ଥନୀତିର ବିକାଶ ସାଙ୍ଗକୁ ଉଦ୍ୟୋଗୀଙ୍କ ଭୂମିକାର ଗୁରୁତ୍ୱ ବ୍ୟବସାୟ କ୍ଷେତ୍ରରେ ବୃଦ୍ଧିପାଇଛି। ଉଦ୍ୟୋଗୀ ସହ ବୈଷୟିକ ଏବଂ ବୃତ୍ତିଧାରୀଙ୍କୁ ମଧ୍ୟ ଆନ୍ତର୍ଜାତୀୟ କ୍ଷେତ୍ରରେ ସ୍ୱୀକୃତି ମିଳିଛି। ବ୍ୟବସାୟର ଅଭିବୃଦ୍ଧିପାଇଁ ଭାଗିଦାରୀ ଫାର୍ମରେ ସେମାନଙ୍କୁ ନିଆଯାଉଛି। ଏ କ୍ଷେତ୍ରରେ ସେମାନଙ୍କ ଦେୟକୁ ଅସୀମିତ କରି, ସୀମିତ ଦେୟ କରାଯାଉଛି। ଏହି କ୍ରମରେ ସୀମିତ ଦେୟ ଭାଗିଦାରୀ ବ୍ୟବସାୟର ସୃଷ୍ଟି।

୨. ଏଲ୍ଏଲ୍ପି ଏକ ବିକଳ୍ପ ବ୍ୟବସାୟିକ କାରବାର। ଏଥବରେ କେତେଙ୍କୁ ଏଲ୍ଏଲ୍ପି ସୁବିଧା ମିଳେ ଆଉ ସେମାନଙ୍କ ଜରିଆରେ ବ୍ୟବସାୟ ଭଲ ଚାଲେ। କ୍ଷୁଦ୍ର ଉଦ୍ୟୋଗୀଙ୍କ ପାଇଁ ଏଲଏଲ୍ପି ଲାଭଦାୟକ।

୩. ଏହି ପ୍ରକାରର ବ୍ୟବସାୟକୁ ଦୃଷ୍ଟିରେ ରଖି ସଂସଦ ସୀମିତ ଦେୟ ଭାଗିଦାରୀ ଆଇନ୍-୨୦୦୮ ପ୍ରଣୟନ କରାଯାଇଥିଲା। ଏହାକୁ ୨୦୦୯ ଜାନୁଆରୀ ୭ରେ ରାଷ୍ଟ୍ରପତିଙ୍କ ମୋହର ଲାଗିଥିଲା।

### ସୀମିତ ଦେୟ ଆଇନ-୨୦୦୮ର ବୈଶିଷ୍ଟ୍ୟ:

୧. ଏହା ଏପରି ଏକ ସଂସ୍ଥାକୁ ସଂଘବଦ୍ଧ ସଂସ୍ଥାର ସ୍ୱୀକୃତି ଦିଏ ଏବଂ ଏହାର ଆଇନଗତ ଓ ଚିରନ୍ତନ ସ୍ଥିତିକୁ ମଧ ସ୍ୱିକୃତି ଦେଇଥାଏ।

୨. ଅଂଶୀଦାର ମାନଙ୍କର କର୍ତ୍ତବ୍ୟ ଏବଂ ଅଧିକାର ସୀମିତ ଦେୟ ଭାଗୀଦାରୀ ଆଇନ୍ ୨୦୦୮ ଦ୍ୱାରା ପରିଚାଳିତ ହୁଏ।

୩. ଏହା ଏକ ଭିନ୍ନ ଆଇନ୍ ସ୍ପଷ୍ଟ ସ୍ଥିତି, ଯେଉଁଥିରେ କି ସଂସ୍ଥାର ଦେୟ ତାର ପରିସମ୍ପତ୍ତିର ମୂଲ୍ୟ ଠାରୁ ଅଧିକ ହୋଇଥାଏ ଏବଂ ଭାଗୀଦାରୀ ମାନଙ୍କର ଦେୟ ତାଙ୍କର ଭାଗଠାରୁ ମଧ ଅଧିକ ହୋଇଥାଏ।

୪. ପ୍ରତ୍ୟେକ ସୀମିତ ଦେୟ ଭାଗୀଦାରୀ ସଂସ୍ଥାରେ ଅତିକମ୍‌ରେ ଦୁଇ ଜଣ ଭାଗୀଦାର ବା ଅଂଶୀଦାର ଏବଂ ୨ଜଣ ମନୋନିତ ଭାଗିଦାର ରହିବା ଦରକାର ଅଟେ।

## ପାଠଗତ ପ୍ରଶ୍ନାବଳୀ ୩.୨

ତଳେ ଦିଆଯାଇଥିବା ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦବାଛି ଶୂନ୍ୟସ୍ଥାନ ପୂରଣ କର।

୧. ଭାଗିଦାରୀ ଫାର୍ମର ପଞ୍ଜିକରଣ ....................। (ଆବଶ୍ୟକ / ଅନାବଶ୍ୟକ)

୨. ଭାଗିଦାରୀ ଫାର୍ମ ...... ବ୍ୟବସାୟୀ ସଂଗଠନ। (ନମନୀୟ / କଠୋର)

୩. ଭାଗୀଦାରୀରେ ସମସ୍ତ ଭାଗୁଦାର ମିଳିମିଶି କ୍ଷତି .......... (ଉଠାଇ ଥାନ୍ତି / ଉଠାନ୍ତି ନାହିଁ)

୪. ଭାଗିଦାରୀ ............ ପ୍ରୟାସ। (ସାମୁହିକ, ବ୍ୟକ୍ତିଗତ)

୫. .......... ମସିହାରେ ଏଲ୍ଏଲ୍ପି ଆଇନ୍ ପ୍ରସ୍ତୁତ ହୋଇଥିଲା। (୨୦୦୮, ୨୦୧୦)

## ୩.୧୦ ଯୌଥ ହିନ୍ଦୁପରିବାର ବ୍ୟବସାୟ

ଏକ ଯୌଥ ହିନ୍ଦୁପରିବାର ସଦସ୍ୟଙ୍କ ଦ୍ୱାରା କରାଯାଉଥିବା ବ୍ୟବସାୟକୁ ଯୌଥ ହିନ୍ଦୁ ପରିବାର ବ୍ୟବସାୟ କହନ୍ତି। ଏହାକୁ ମଧ୍ୟ ଅବିଭକ୍ତ ହିନ୍ଦୁ ପରିବାର ବ୍ୟବସାୟ(HUF) କହନ୍ତି। ହିନ୍ଦୁ ଆଇନରେ ଏହି ପ୍ରକାର ବ୍ୟବସାୟ ବ୍ୟବସ୍ଥା ରହିଛି ଏବଂ ଉତ୍ତରାଧିକାରୀ ଆଇନ୍ ଦ୍ୱାରା ଏହା ପରିଚାଳିତ। ଯୌଥ ହିନ୍ଦୁ ପରିବାର ବ୍ୟବସାୟର ପରିବାର ପୈତୃକ ସୂତ୍ରରୁ ସମ୍ପତ୍ତି ପାଇଥାଏ। ଉତ୍ତରାଧିକାର ସୂତ୍ରରେ ପରିବାରର ପୁରୁଷ ଲୋକଙ୍କୁ ସମ୍ପତ୍ତି ମିଳେ। ବାପା, ଜେଜେ ବାପା ଏବଂ ତାଙ୍କ ପୂର୍ବ ପୁରୁଷଙ୍କ ଠାରୁ ମିଳିଥିବା ସମ୍ପତ୍ତିକୁ ନେଇ ବ୍ୟବସାୟ ଆରମ୍ଭ ହୋଇଥାଏ। ପରିବାରର ପୁରୁଷ ସଦସ୍ୟଙ୍କୁ କୋପାର୍ଟନର ବା ଅଂଶୀଦାର ଏବଂ ପରିବାର ମୁଖ୍ୟଙ୍କୁ କର୍ତ୍ତା କୁହାଯାଏ।



Picture of a Joint Hindu Family

## ୩.୧୧ ଯୌଥ ହିନ୍ଦୁ ପରିବାର ବ୍ୟବସାୟର ବୈଶିଷ୍ଟ୍ୟ

୧. **ଜନ୍ମ ଅନୁସାରେ ସଦସ୍ୟତା:** ପରିବାରର ପୁତ୍ର ସନ୍ତାନମାନେ ଯୌଥ ହିନ୍ଦୁ ପରିବାର ବ୍ୟବସାୟର ସଦସ୍ୟ ହୋଇଥାନ୍ତି । ଏହା ସନ୍ତାନ ଜନ୍ମନେବା ପରଠାରୁ ଆରମ୍ଭ ହୋଇଥାଏ । ଏଥିପାଇଁ କୌଣସି ଚୁକ୍ତିନାମା କରିବାକୁ ପଡ଼େନା ।

୨. **ପରିଚାଳନା:** ପରିବାରର ବୟସ୍କ ବା କର୍ତ୍ତାଙ୍କ ଉପରେ ପରିଚାଳନାଭାର ନ୍ୟସ୍ତ । ତେବେ ତାଙ୍କୁ ସାହାଯ୍ୟ କରିବା ପାଇଁ ପରିବାରର ଅନ୍ୟ ସଦସ୍ୟଙ୍କୁ ସେ ସହକାରୀ ନିଯୁକ୍ତ କରିପାରନ୍ତି ।

୩. **ଦେୟ:** କର୍ତ୍ତାଙ୍କ ଦେୟ ଅସୀମିତ । ଏପରିକି ଋଣ ପରିଶୋଧ କରିବାକୁ ସେ ତାଙ୍କର ବ୍ୟକ୍ତିଗତ ସମ୍ପତ୍ତି ବ୍ୟବହାର କରିଥାନ୍ତି । ଅନ୍ୟ ସତ୍ତ୍ୱ ଅଂଶୀଦାରଙ୍କର ନିଜ ଅଂଶ ଅନୁସାରେ ଦେୟ ଥାଏ ।

୪. **ସଦସ୍ୟ ସଂଖ୍ୟା ଅସୀମ:** ଯୌଥ ହିନ୍ଦୁ ପରିବାର ବ୍ୟବସାୟ ଅସୀମିତ ସଦସ୍ୟ ରହିପାରିବ । ମାତ୍ର ତିନିପିଢ଼ି ପର୍ଯ୍ୟନ୍ତ ସଦସ୍ୟତା ସାଧାରଣତଃ ସୀମିତ ଥାଏ ।

୫. **ନାବାଳକ ସଦସ୍ୟ:** ନାବାଳକ ମଧ୍ୟ ସଦସ୍ୟ ହୋଇପାରିବେ । କାରଣ ହିନ୍ଦୁ ଅନୁସାରେ ପରିବାରର ପ୍ରତ୍ୟେକ ସନ୍ତାନ ଜନ୍ମଠାରୁ ଆପେ ଆପେ ସଦସ୍ୟ ହୋଇଯାଇଥାନ୍ତି ।

୬. **ମୃତ୍ୟୁ ପ୍ରଭାବ ଶୂନ୍ୟ:** କର୍ତ୍ତା ସମେତ କୌଣସି ସହ ଅଂଶୀଦାରଙ୍କ ମୃତ୍ୟୁରେ ଯୌଥ ହିନ୍ଦୁ ପରିବାର ବ୍ୟବସାୟ ଉପରେ କୌଣସି ପ୍ରଭାବ ପଡ଼େ ନାହିଁ । ପରିବାରର ପରବର୍ତ୍ତି ବୟସ୍କ କର୍ତ୍ତା ହୋଇଥାନ୍ତି । କିନ୍ତୁ ପରିବାରର ସବୁ ସଦସ୍ୟ ସଦସ୍ୟତା ରଦ୍ଦ ପାଇଁ ଘୋଷଣାକଲେ ବ୍ୟବସାୟର ଅନ୍ତଘଟେ ।

## ୩.୧୨. ଯୌଥ ହିନ୍ଦୁପରିବାର ବ୍ୟବସାୟର ଲାଭ

୧. **ଅର୍ଥନୈତିକ ନିରାପତ୍ତା ଏବଂ ସଦସ୍ୟଙ୍କୁ ମାନ୍ୟତା:** ଯୌଥ ହିନ୍ଦୁ ପରିବାର ବ୍ୟବସାୟର ସଦସ୍ୟମାନେ ଅର୍ଥନୈତିକ କ୍ଷେତ୍ରରେ ସୁଦୃଢ଼ ଏବଂ ନିରାପଦ । ଅନ୍ୟମାନଙ୍କ ସହ କାରବାର ବେଳେ ଏହା ସଦସ୍ୟମାନଙ୍କ ସମ୍ମାନ ବଢ଼ାଏ ।

୨. **ନିରବଚ୍ଛିନ୍ନତା:** କର୍ତ୍ତା ବା ଅନ୍ୟ କୌଣସି ସଦସ୍ୟଙ୍କ ମୃତ୍ୟୁ ବା ପାଗଳାମିରେ ବ୍ୟବସାୟ ବନ୍ଦ ହୋଇନଥାଏ । ଯେତେବେଳେ  ପର୍ଯ୍ୟନ୍ତ ସବୁ ସଦସ୍ୟ ବ୍ୟବସାୟ ବନ୍ଦ କରିବାକୁ ଘୋଷଣା କରିନଥାନ୍ତି ସେତେବେଳ ଯାଏ ବ୍ୟବସାୟ ଚାଲୁଥାଏ ।

୩. **ପାରିବାରିକ ଗୌରବ:** ବ୍ୟବସାୟରେ ପରିବାରର ନାମ ସଂଶ୍ଳିଷ୍ଟ ଥିବାରୁ ସଦସ୍ୟମାନେ ନିଷ୍ଠାର ସହ କାର୍ଯ୍ୟ କରନ୍ତି । ଏହା ଖାଲି ଏକ ଅର୍ଥନୈତିକ ଶାଖା ହୋଇନଥାଏ । ପରନ୍ତୁ ପରିବାର ପାଇଁ ସମ୍ମାନର ପ୍ରଶ୍ନ ମଧ୍ୟ ହୋଇଥାଏ ।

## ୩.୧୩. ଯୌଥ ହିନ୍ଦୁପରିବାର ବ୍ୟବସାୟର ଅସୁବିଧା

୧. **ଅସୀମିତ ଦେୟ:** ବ୍ୟବସାୟର ସବୁ ଅଭାବ ଅସୁବିଧା ପୂରଣ କର୍ତ୍ତାଙ୍କ ଉପରେ ନ୍ୟସ୍ତ। ଏଣୁ କର୍ତ୍ତା ମଧ୍ୟ ବ୍ୟବସାୟ ଋଣ ପରିଶୋଧ ପାଇଁ ବ୍ୟକ୍ତିଗତ ସମ୍ପତ୍ତିକୁ ବ୍ୟବହାର କରିଥାନ୍ତି।

୨. **ପୁଞ୍ଜି ସୀମିତ:** ପୁଞ୍ଜି ବୃଦ୍ଧିପାଇଁ କର୍ତ୍ତାଙ୍କ ହାତରେ କମ ସୁଯୋଗ ଥାଏ। ଫଳରେ ବ୍ୟବସାୟ ସମ୍ପ୍ରାସରଣ ପାଇଁ ପୁଞ୍ଜି ଅଭାବ ହୁଏ।

୩. **କର୍ତ୍ତା ଅଧିକ କ୍ଷମତାଶାଳୀ:** ବ୍ୟବସାୟରେ କର୍ତ୍ତା ସର୍ବଶକ୍ତିମାନ। ଏଣୁ କର୍ତ୍ତାଙ୍କ ହାତରେ ସବୁ ନିଷ୍ପତ୍ତି ଜଣେ ଦୁର୍ବଳ ଓ ଅନାମ କର୍ତ୍ତା ଭୂଲ ନିଷ୍ପତ୍ତି ନେଇ ବ୍ୟବସାୟକୁ ଧ୍ୱଂସ କରିଦେଇପାରନ୍ତି।

୪. ଏହି ବ୍ୟବସାୟ ଯୌଥ ହିନ୍ଦୁ ପରିବାରର ଅର୍ଥନୈତିକ ଅଭ୍ୟୁଦୟ। ଏରୁ ଏହା ଆର୍ଥିକ ନିରାପତ୍ତା ଏବଂ ସମ୍ମାନ ଦେଇଥାଏ।

## ପାଠଗତ ପ୍ରଶ୍ନାବଳୀ ୩.୩

କ. ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର:

୧) ଏଚ୍.ୟୁ.ଏଫ୍ (HUF) ପୂରା ରୂପ ....................।

୨) ପୈତୃକ ସମ୍ପତ୍ତିରୁ ............... ବଂଶଧରମାନେ ଅଧିକାର ପାଇଥାନ୍ତି।

୩) ଯୌଥ ହିନ୍ଦୁ ପରିବାରର ସଦସ୍ୟଙ୍କୁ ............. କହନ୍ତି।

୪) ପରିବାରର ବୟସ୍କ ବ୍ୟକ୍ତିଙ୍କୁ .............. କହନ୍ତି।

୫) ...........ର ଅସୀମିତ ଦେୟ ରହିଛି।

ଖ. ଠିକ୍ ଉତ୍ତର ବାଛ।

(୧) ହିମାଂଶୁ ଏକକ ମାଲିକାନାରେ ଏକ ବ୍ୟବସାୟ କରନ୍ତି। ବ୍ୟବସାୟରେ ଘାଟା ଯୋଗୁଁ ବ୍ୟବସାୟ ବନ୍ଦ କରିବାକୁ ସେ ନିଷ୍ପତ୍ତିନେଲେ। ବନ୍ଦ ସମୟରେ ତାଙ୍କ ସମ୍ପତ୍ତିର ମୂଲ୍ୟ ୫ଲକ୍ଷ ଥିଲାବେଳେ ଋଣ ପରିମାଣ ୧୦ଲକ୍ଷ ଥିଲା। ତାଙ୍କ ବ୍ୟକ୍ତିଗତ ସମ୍ପତ୍ତି ମୂଲ୍ୟ ୬,୦୦,୦୦୦ ଥିଲା। ତେବେ ବନ୍ଦ ସମୟରେ ଋଣଦାତାମାନେ କେତେ ଟଙ୍କା ପାଇବେ।

(କ) ୫ ଲକ୍ଷ (ଖ) ୧୦ ଲକ୍ଷ

(ଗ) ୭ ଲକ୍ଷ (ଘ) ୧୧ ଲକ୍ଷ

(୨) କେଉଁଟି ଏକକ ମାଲିକାନାର ଅସୁବିଧା ଅନ୍ତର୍ଭୁକ୍ତ ନୁହେଁ:

(କ) ସୀମିତ ପୁଞ୍ଜି (ଖ) ନିରବଚ୍ଛିନ୍ନତାର ଅଭାବ

(ଗ) ଅସୀମିତ ଆକାର (ଘ) ପରିଚାଳନାଗତ ଦକ୍ଷତା ଅଭାବ

(୩) ଭାରତୀୟ ଭାଗିଦାରୀ ଫାର୍ମ ଭାରତୀୟ ଭାଗିଦାରୀ ଆଇନ୍ ......... ଦ୍ୱାରା ପରିଚାଳିତ।

(କ) ୧୯୩୨ (ଖ) ୧୯୫୬

(ଗ) ୨୦୦୮ (ଘ) ୧୯୧୨

(୪) କେଉଁଟି ଜେ.ଏଚ୍.ଏଫ.(JHF)ର ବୈଶିଷ୍ଟ୍ୟ ଅନ୍ତର୍ଭୁକ୍ତ ନୁହେଁ:

(କ) ଜନ୍ମାନୁଯାୟୀ ସଦସ୍ୟତା (ଖ) କର୍ତ୍ତାଙ୍କ ଅସୀମିତ ଦେୟ

(ଗ) ମୃତ୍ୟୁ ଦ୍ୱାରା ଅଣପ୍ରଭାବିତ (ଘ) ପରିବାରର ସବୁଠୁ ସାନ ସଦସ୍ୟ କର୍ତ୍ତା

୫. ଯୌଥ ହିନ୍ଦୁ ପରିବାର ସଦସ୍ୟଙ୍କୁ କ'ଣ କହନ୍ତି:

(କ) ଅଂଶୀଦାର (ଖ) ସଦସ୍ୟ

(ଗ) ସହ ଅଂଶୀଦାର (ଘ) ମାଲିକ

## ତୁମେ କଣ ଶିଖିଲ

- ଯେଉଁଥିରେ ସବୁପ୍ରକାରର କ୍ଷମତା, ଦାୟିତ୍ୱ ଏବଂ ଆଶଙ୍କାକୁ ନେଇ ଜଣେ ବ୍ୟକ୍ତି ମାଲିକ। ପରିଚାଳକ ଓ ନିୟନ୍ତ୍ରକ ହୋଇଥାନ୍ତି। ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏକକ ମାଲିକ କୁହାଯାଏ।
- ଏକକ ମାଲିକାନାଥିବା ବ୍ୟବସାୟ ସଂଗଠନର ଏକକ ମାଲିକାନା ରହିଥାଏ। ଜଣେ ବ୍ୟକ୍ତି ବ୍ୟବସାୟକୁ ନିୟନ୍ତ୍ରଣ କରେ ଓ ତାରଦେୟ ଅସୀମିତ ହୋଇଥାଏ। ବ୍ୟବସାୟରେ ଲାଭ ବା କ୍ଷତି ଏକକ ମାଲିକ ବହନ କରନ୍ତି। ସେହି ସମସ୍ତ ପୁଞ୍ଜି ନିଜେ ଲଗାଇଥାନ୍ତି। ଏଥିପାଇଁ ସେ ବନ୍ଧୁ ଓ ସମ୍ପର୍କୀୟଙ୍କ ଠାରୁ ବ୍ୟାଙ୍କ ଅଥବା ଅନ୍ୟ ଆର୍ଥିକ ସଂସ୍ଥାଠାରୁ ଋଣ ନେଇପାରେ। ଏହି ବ୍ୟବସାୟକୁ ଆରମ୍ଭ କରିବା ଓ ଏହାର ସଞ୍ଚାଳନ କରିବା ଲାଗି କୌଣସି ଆଇନ୍‌ଗତ ଆବଶ୍ୟକତା ନାହିଁ।
- ଭାଗୀଦାରୀ କହିଲେ ବ୍ୟକ୍ତିମାନଙ୍କ ଭିତରେ ଥିବା ସଂପର୍କ, ଯେଉଁମାନେ ମିଳିମିଶି ଏହାକୁ ଚଳାଇଥାନ୍ତି ବା ସମସ୍ତଙ୍କ ତରଫରୁ କୌଣସି ଜଣକ ଦ୍ୱାରା ଏହା ପରିଚାଳିତ ହୋଇଥାଏ। ବ୍ୟବସାୟର ହାନୀ ଓ ଲାଭ ପରସ୍ପର ମଧ୍ୟରେ ବାଣ୍ଟିବା ପାଇଁ ସେମାନେ ଏକମତ ଥାନ୍ତି।
- ଯେଉଁବ୍ୟକ୍ତିମାନେ ମିଳିତ ଭାବେ ଭାଗୀଦାର ହୋଇ କାର୍ଯ୍ୟ କରନ୍ତି ତାଙ୍କର ଅନୁଷ୍ଠାନକୁ ଫାର୍ମ କୁହାଯାଏ। ଯେଉଁ ନାମରେ ଫାର୍ମ ଚଲେ ତାକୁ ଫାର୍ମର ନାମ କୁହାଯାଏ।
- ଭାଗୀଦାରୀ ବ୍ୟବସାୟର ସ୍ୱରୂପ ହେଉଛି ଏପରି ଯେଉଁଥିରେ ଦୁଇ ବା ତତୋଧିକ ବ୍ୟକ୍ତି ମିଳିମିଶି ପରସ୍ପର ଭିତରେ କୌଣସି ବୈଧ ବ୍ୟବସାୟ ଚଳାଇବାକୁ ବୁଝାମଣା କରିଥାନ୍ତି ଓ ବ୍ୟବସାୟର ଲାଭକ୍ଷତିର ବଣ୍ଟନ କରିଥାନ୍ତି।
- ଭାଗିଦାରୀଙ୍କ ମଧ୍ୟରେ ଥିବା ସମ୍ପର୍କକୁ ତୁଳନା ମାଲିକ ଓ ଏଜେଣ୍ଟ ସମ୍ପର୍କ ସହ ତୁଳନା କରାଯାଇପାରେ।
- କୌଣସି ଭାଗିଦାରୀ ଅନ୍ୟ ଭାଗିଦାରୀଙ୍କ ସମ୍ମତି ବିନା ଭାଗିଦାରୀରେ ଥିବା ନିଜ ଅଂଶକୁ ବିକ୍ରି ବା ହସ୍ତାନ୍ତରଣ କରିପାରିବ ନାହିଁ। ପ୍ରତ୍ୟେକ ଭାଗିଦାରୀର ଦେୟ ଅସୀମିତ ଥାଏ।

- ଭାଗିଦାରୀ ଫାର୍ମର ଗଠନ ଅତି ସହଜ ଓ ଏହାର ପରିଚାଳନା ବି ସହଜରେ ହୋଇଥାଏ।
- ଏଥିରେ ଭାଗିଦାରୀମାନଙ୍କ ଏକତ୍ରିତ ସମ୍ବଳର ପ୍ରୟୋଗ ଅତି ଭଲ ଭାବେ ଓ ନିଷ୍ପତ୍ତି ଅନୁଯାୟୀ କରାଯାଇଥାଏ। ଏଥିରେ ଭାଗିଦାରୀଙ୍କର ସ୍ୱାର୍ଥ ପ୍ରତି ପୁରାଦୃଷ୍ଟି ରଖାଯାଇଥାଏ। ସମସ୍ତ ଭାଗିଦାରୀଙ୍କ ବିଶେଷ ଜ୍ଞାନ ଓ ଯୋଗ୍ୟତା ଯୋଗୁଁ ଏହା ଲାଭାନ୍ୱିତ ହୋଇଥାଏ।
- ଭାଗିଦାର ଅନେକ ପ୍ରକାରର ସକ୍ରିୟ, ଭାଗିଦାର, ନିଷ୍କ୍ରିୟ ଭାଗିଦାର, ନାବାଳକ ଭାଗିଦାର, ଧାରକ ଭାଗିଦାର।

## ପାଠାନ୍ତ ପ୍ରଶ୍ନାବଳୀ

୧. ଏକକ ମାଲିକାନା ବ୍ୟାଖ୍ୟାକର।
୨. ଏକକ ମାଲିକାନା ବ୍ୟବସାୟ ସଂଗଠନର ଅଭିପ୍ରାୟ କ'ଣ ?
୩. ଏକକ ମାଲିକାନା ବ୍ୟବସାୟର ଅସ୍ତିତ୍ୱ କ'ଣ ସବୁଦିନେ ରହିପାରେ ? ପ୍ରମାଣ ସହ ଉତ୍ତର ଦିଅ।
୪. ଏକକ ମାଲିକାନା ବ୍ୟବସାୟରେ ରୋଜଗାର ସୁଯୋଗ ସୃଷ୍ଟି ହୋଇଥାଏ। ବୁଝାଇ ଲେଖ।
୫. ବ୍ୟାଙ୍କ ସେବା ତଥା ଅନ୍ୟବ୍ୟବସାୟରେ ଭାଗିଦାରୀ ମାନଙ୍କ ଅଧିକତମ ସଂଖ୍ୟା କୁହ।
୬. ଭାଗିଦାରୀର ସଂଜ୍ଞାଲେଖ।
୭. ଭାଗିଦାରୀ ବ୍ୟବସାୟର ଚାରିଟି ବିଶେଷତ୍ୱ ପ୍ରଦାନ କର।
୮. ଯୌଥ ହିନ୍ଦୁ ପରିବାରର ସଂଜ୍ଞାଲେଖ।
୯. ଯୌଥ ହିନ୍ଦୁ ପରିବାରର ବୈଶିଷ୍ଟ୍ୟ ବର୍ଣ୍ଣନା କର।
୧୦. ସୀମିତ ଦେୟ ଭାଗିଦାରୀ (LLP)ର ବିଶେଷତ୍ତ୍ୱ ଲେଖ।

## ପାଠଗତ ପ୍ରଶ୍ନାବଳୀର ଉତ୍ତର

**୩.୧**

(କ) ପୁଞ୍ଜି　　(ଖ) ମାଲିକ　　(ଗ) ପରିଚାଳନା କର୍ତ୍ତୃପକ୍ଷ
(ଘ) ମାନୁଆଲ　　(ଙ) କ୍ଷୁଦ୍ର, ଲୋକାଲ

**୩.୨**

(କ) ଅନାବଶ୍ୟକ　　(ଖ) ସରଳ　　(ଗ) ଅଂଶ
(ଘ) ଗୋଷ୍ଠୀ　　(ଙ) ୨୦୦୮

**୩.୩**

କ. (୧) କ. Hindu Undivided Family　　ଖ. ୩
ଗ. ସହଅଂଶୀଦାର　　ଘ. କର୍ତ୍ତା　　ଙ. କର୍ତ୍ତା

ଖ. ୧. ଖ　　୨.ଗ　　୩.କ　　୪. ଘ　　୫.ଗ

## ତୁମ ପାଇଁ କାମ

ତୁମ ଆଖପାଖରେ ବିଭିନ୍ନ ବ୍ୟାବସାୟିକ ସଂସ୍ଥାକୁ ଦେଖ।